Odia Daily

www.theutkalsamachar.com

ଉତ୍କଳ ସମାଚାର

ବୈପ୍ଳବିକ ଚେତନାର ମୁଖପତ୍ର

THE UTKAL SAMACHAR

PUBLISHED FROM ROURKELA, SAMBALPUR & BHUBANESWAR

+Vol - 22+ Issue No:19+9 May 2026 (Saturday) + Rourkela + Rs.2.00 + Page -1 +୨୨ ବର୍ଷ +ସଂଖ୍ୟା:୧୯+୯ ମେ ୨୦୨୬ (ଶନିବାର)+ ରାଉରକେଲା +ମୂଲ୍ୟ:ଟ.୨.୦୦+ ପୃଷ୍ଠା-୬

ଭାଙ୍ଗିଲା ଦିଦିଙ୍କ ସରକାର : ମମତାଙ୍କ କ୍ୟାବିନେଟକୁ ବରଖାସ୍ତ କଲେ ରାଜ୍ୟପାଳ

କଲକାତା,୮/୫: ପଶ୍ଚିମବଙ୍ଗ ରାଜ୍ୟପାଳ ଆରଏନ୍ ରବି ଗୁରୁବାର ରାଜ୍ୟ ବିଧାନସଭା ଭଙ୍ଗ କରିଛନ୍ତି। ଏହାଦ୍ୱାରା ପଶ୍ଚିମବଙ୍ଗରେ ତୃଣମୂଳ କଂଗ୍ରେସ (ଟିଏମସି) ସରକାରର ଅନ୍ତ ହେବା ସହିତ ମମତା ବାନାର୍ଜୀ ମୁଖ୍ୟମନ୍ତ୍ରୀ ପଦ ହରାଇଛନ୍ତି। ବିଧାନସଭା ନିର୍ବାଚନରେ ଦଳର ପରାଜୟ ପରେ ମୁଖ୍ୟମନ୍ତ୍ରୀ ପଦରୁ ମମତା ବାନାର୍ଜୀ ଇସ୍ତଫା ଦେବାକୁ ମନା କରିଥିଲେ। ଫଳରେ ରାଜ୍ୟପାଳ ଏପରି ପଦକ୍ଷେପ ନେଇଛନ୍ତି। ସମ୍ବିଧାନର ଧାରା ୧୭୪(୨)(ଖ) ଅନୁଯାୟୀ ରାଜ୍ୟପାଳ ତାଙ୍କ କ୍ଷମତାର ଉପଯୋଗ ପୂର୍ବକ ବିଧାନସଭାକୁ ଭଙ୍ଗ କରିଛନ୍ତି। ବିଧାନସଭା ଭଙ୍ଗ ସମ୍ପର୍କରେ ରାଜ୍ୟପାଳଙ୍କ କାର୍ଯ୍ୟାଳୟ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି। ପଶ୍ଚିମବଙ୍ଗ ବିଧାନସଭାର କାର୍ଯ୍ୟକାଳ ବୁଧବାର ଶେଷ ହୋଇଥିଲା। ଏବେ ବିଧାନସଭା ଭଙ୍ଗ ସହିତ ନୂଆ ସରକାର ଗଠନ ପ୍ରକ୍ରିୟା ଆରମ୍ଭ ହେବ। ନୂଆ ମୁଖ୍ୟମନ୍ତ୍ରୀ ଶପଥ ଗ୍ରହଣ କରିବା ପର୍ଯ୍ୟନ୍ତ ରାଜ୍ୟପାଳ ରାଜ୍ୟ ଶାସନ ଦାୟିତ୍ୱ ନିର୍ବାହ କରିବେ। ପଶ୍ଚିମବଙ୍ଗ ବିଧାନସଭା ନିର୍ବାଚନରେ ଟିଏମସି ଶୋଚନୀୟ ପରାଜୟ ବରଣ କରିବା ସହିତ ବିଜେପି ବିପୁଳ ସଂଖ୍ୟାଗରିଷ୍ଠତା ହାସଲ କରିଛି। ଟିଏମସିର ପରାଜୟକୁ ମମତା ବାନାର୍ଜୀ ଗ୍ରହଣ କରିପାରି ନାହାନ୍ତି। ସେ ଅଭିଯୋଗ କରିଛନ୍ତି ଯେ ବିଜେପି ଜାଲିଆତି କରି ନିର୍ବାଚନରେ ବିଜୟ ହୋଇଛି। ଏପରି କି ବିଜେପି ୧୦୦ ଆସନ ଲୁଟ୍ କରିଥିବା ସେ କହିଛନ୍ତି। ସୋମବାର ପ୍ରକାଶିତ ପଶ୍ଚିମବଙ୍ଗ ବିଧାନସଭା ନିର୍ବାଚନ ଫଳ ଅନୁଯାୟୀ ବିଜେପି ୨୦୮ଟି ଆସନରେ ବିଜୟୀ ହୋଇଥିବାବେଳେ ଟିଏମସି ୮୦ଟି ଆସନରେ ବିଜୟୀ ହୋଇଛି। ବାସଭବନରୁ ସୁରକ୍ଷା ହଟିଲା ପଶ୍ଚିମବଙ୍ଗ ବିଧାନସଭା ନିର୍ବାଚନରେ ତୃଣମୂଳ କଂଗ୍ରେସର ପରାଜୟ ପରେ କଲିକତାର କାଳୀଘାଟ ଅଂଚଳରେ ଥିବା ପୂର୍ବତନ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ଓ ସାଂସଦ ଅଭିଷେକ ବାନାର୍ଜୀଙ୍କ ବାସଭବନ ଚାରିପାଖରୁ ସୁରକ୍ଷା ବ୍ୟବସ୍ଥା ହଟାଯାଇଛି। ମମତା ଓ ଅଭିଷେକଙ୍କ ବାସଭବନ ପାଖରେ ଥିବା ବ୍ୟାରିକେଡ୍, ପୁଲିସ କିଓସ୍କ, ସ୍କାନର୍ ମେସିନ୍ ଏବଂ ସର୍ଭେଲାନ୍ସ ସିଷ୍ଟମଗୁଡ଼ିକୁ ହଟାଇ ଦିଆଯାଇଛି। ହରିଶ ମୁଖାର୍ଜୀ ରୋଡ୍‌ରେ ଥିବା ଅଭିଷେକଙ୍କ ବାସଭବନ 'ଶାନ୍ତିନିକେତନ' ବାହାରେ ଥିବା ବହୁସ୍ତରୀୟ ସୁରକ୍ଷା ବ୍ୟବସ୍ଥାକୁ ହଟାଇ ଦିଆଯାଇଛି। ଗତ ଦଶନ୍ଧି ଧରି ଏହି ସ୍ଥାନଟି ରାଜ୍ୟର ସବୁଠାରୁ କଡ଼ା ସୁରକ୍ଷିତ ଅଂଚଳ ଥିଲା। ତେବେ ଅଧିକାରୀଙ୍କ କହିବା ଅନୁସାରେ, ଉଭୟ ନେତାଙ୍କୁ ଏବେ ମଧ୍ୟ ଜେଡ୍ ପ୍ଲସ୍ ସୁରକ୍ଷା ମିଳୁଛି। କେବଳ ବାସଭବନ ଆଖପାଖରେ ଥିବା ଅତିରିକ୍ତ ସୁରକ୍ଷା ଭିତିଭୂମିକୁ ହଟାଯାଇଛି। ଦୀର୍ଘ ବର୍ଷ ଧରି କଟକଣା ଭିତରେ ରହୁଥିବା ସ୍ଥାନୀୟ ବାସିନ୍ଦାମାନେ ଏହାକୁ ନେଇ ମିଶ୍ରିତ ପ୍ରତିକ୍ରିୟା ଦେଇଛନ୍ତି। କିଛି ଲୋକ କଟକଣା ହଟିଥିବାରୁ ଆଶ୍ୱସ୍ତି ପ୍ରକାଶ କରିଥିବା ବେଳେ ଅନ୍ୟ କେତେକ ଏହାକୁ ନେଇ ଅସୁରକ୍ଷିତ ମଣୁଛନ୍ତି। ପଶ୍ଚିମବଙ୍ଗ ନିର୍ବାଚନରେ ବିଜେପି ୨୦୦ରୁ ଅଧିକ ଆସନ ଜିତି ବହୁମତ ହାସଲ କରିଛି। ଟିଏମସିର ପରାଜୟ ସହିତ ମମତା ବାନାର୍ଜୀ ନିଜର ଭବାନୀପୁର ଆସନରୁ ଶୁଭେନ୍ଦୁ ଅଧିକାରୀଙ୍କଠାରୁ ହାରିଛନ୍ତି।

ଶିକ୍ଷା ଓ ଗବେଷଣା କ୍ଷେତ୍ରରେ ଭାରତ-ନେଦରଲାଣ୍ଡ ସହଭାଗିତା ବଢ଼ିବ : ଧର୍ମେନ୍ଦ୍ର

ନୂଆଦିଲ୍ଲୀ,୮/୫: କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଭାରତରେ ଅବସ୍ଥାପିତ ନେଦରଲାଣ୍ଡର ରାଷ୍ଟ୍ରଦୂତ ମାରିସା ଗେରାର୍ଡସଙ୍କୁ ଭେଟି ଉଭୟ ଦେଶ ମଧ୍ୟରେ ଉଚ୍ଚଶିକ୍ଷା ଏବଂ ଗବେଷଣା କ୍ଷେତ୍ରରେ ସହଯୋଗର ନୂତନ ଦିଗ ଉପରେ ଆଲୋଚନା କରିଛନ୍ତି। ଭାରତ ଏବଂ ନେଦରଲାଣ୍ଡ ଆସନ୍ତା ଶିକ୍ଷା ବର୍ଷରୁ ହାଇଡ୍ରୋଜେନ, ସେମିକଣ୍ଡକ୍ଟର, ଆର୍ଟିଫିସିଆଲ୍ ଇଂଟେଲିଜେନ୍ସ, ସହରୀ ବିକାଶ ଏବଂ କୃଷି ଭଳି ଗୁରୁତ୍ୱପୂର୍ଣ୍ଣ କ୍ଷେତ୍ର ଗୁଡ଼ିକରେ ସଂଗଠିତ ଭାବେ କାର୍ଯ୍ୟ କରିବେ। ଏହି ଭାଗିଦାରୀ ମାଧ୍ୟମରେ ନୂତନତା, ଗବେଷଣା ଏବଂ ଜ୍ଞାନର ଆଦାନପ୍ରଦାନ ପାଇଁ ନୂତନ ମାର୍ଗ ପ୍ରଶସ୍ତ ହେବ, ଯାହା ଶିକ୍ଷା କ୍ଷେତ୍ରରେ ଏକ ଉନ୍ନତ ପରିବେଶ ସୃଷ୍ଟି କରିବ। ଶ୍ରୀ ପ୍ରଧାନ କହିଛନ୍ତି ଯେ ଏହି ମିଳିତ ପ୍ରୟାସ ଦୁଇ ଦେଶର ଶିକ୍ଷା ବ୍ୟବସ୍ଥାକୁ ଅନ୍ତର୍ଜାତୀୟ ସ୍ତରରେ ଯୋଡ଼ିବା ସହ ଏକ ଭବିଷ୍ୟତ ଗଠନ କରିବା ଦିଗରେ ଆମର ପ୍ରତିବଦ୍ଧତାକୁ ପ୍ରତିଫଳିତ କରୁଛି। ଉଚ୍ଚଶିକ୍ଷା ଏବଂ ଗବେଷଣା କ୍ଷେତ୍ରରେ ଭାରତ ଓ ନେଦରଲାଣ୍ଡ ମଧ୍ୟରେ ସହଯୋଗର ଏକ ନୂତନ ଅଧ୍ୟାୟ ଆରମ୍ଭ ହେବ ବୋଲି ଶ୍ରୀ ପ୍ରଧାନ ଆଶାବ୍ୟକ୍ତ କରିଛନ୍ତି।

ବିଧାୟକ ଦଳ ବୈଠକରେ ହେବ ନିଷ୍ପତି : କୋଲକାତା ପହଚିଂଲେ ଅମିତ ଶାହ

କୋଲକାତା,୮/୫: ପଶ୍ଚିମବଙ୍ଗରେ ବିଜେପି ପ୍ରଥମ ଥର ପାଇଁ କ୍ଷମତାକୁ ଆସିଥିବାବେଳେ କିଏ ରାଜ୍ୟର ଆଗାମୀ ମୁଖ୍ୟମନ୍ତ୍ରୀ ହେବ ସେ ନେଇ ସମସ୍ତଙ୍କ ନଜର କେନ୍ଦ୍ର ଗୃହ ମନ୍ତ୍ରୀ ଅମିତ ଶାହଙ୍କ ଉପରେ ରହିଛି। ଅମିତ ଶାହ ଶୁକ୍ରବାର କୋଲକାତାରେ ପହଚିଂଛନ୍ତି। ବିଧାୟକ ଦଳ ବୈଠକ ପାଇଁ ଅମିତ ଶାହ ମଧ୍ୟାହ୍ନରେ ନୋଭୋଟେଲ ହୋଟେଲରେ ପହଚିଂ ଥିଲେ। ଶାହ ନେତାଜୀ ସୁଭାଷ ଚନ୍ଦ୍ର ବୋଷ ଆନ୍ତର୍ଜାତିକ ବିମାନବନ୍ଦରରେ ପହଚିଂବା ପରେ ବିଜେପି ନେତା ଶୁଭେନ୍ଦୁ ଅଧିକାରୀ ଓ ଅନ୍ୟ ବରିଷ୍ଠ ନେତାମାନେ ତାଙ୍କୁ ସ୍ୱାଗତ କରିଥିଲେ। ଆଜି ଶାହଙ୍କ ନେତୃତ୍ୱରେ ବିଶ୍ୱ ବାଙ୍ଗଲା କନଭେନସନ୍ ସେଂଟରଠାରେ ବିଧାୟକ ଦଳ ବୈଠକ ଅନୁଷ୍ଠିତ ହେବ। ମୁଖ୍ୟମନ୍ତ୍ରୀ ନାଁ ଚୟନ ପରେ ମେ ୯ ତାରିଖରେ କୋଲକାତାର ବ୍ରିଗେଡ ପରେଡ ଗ୍ରାଉଣ୍ଡରେ ଶପଥ ଗ୍ରହଣ ସମାରୋହ ଅନୁଷ୍ଠିତ ହେବ। ଏହି ବୈଠକରେ ବିଧାୟକ ଦଳର ନେତା ଚୟନ କରାଯିବାର ସମ୍ଭାବନା ରହିଛି। ଶପଥ ଗ୍ରହଣ ସଭାରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ, ଅମିତ ଶାହ, ବିଜେପି ଅଧ୍ୟକ୍ଷ ନିତିନ ନବୀନ ଏବଂ ଏନଡିଏ ଶାସିତ ରାଜ୍ୟଗୁଡ଼ିକର ମୁଖ୍ୟମନ୍ତ୍ରୀମାନେ ଯୋଗଦେବାର ସମ୍ଭାବନା ରହିଛି। ବିରୋଧୀ ଦଳ ନେତା ଶୁଭେନ୍ଦୁ ଅଧିକାରୀ ମୁଖ୍ୟମନ୍ତ୍ରୀ ଦୌଡ଼ରେ ସର୍ବାଗ୍ରେ ରହିଛନ୍ତି। ଶୁଭେନ୍ଦୁ ଚଳିତ ନିର୍ବାଚନରେ ମମତା ବାନାର୍ଜୀଙ୍କୁ ଭବାନୀପୁର ଆସନରେ ପରାଜିତ କରିଥିଲେ। ୨୦୨୧ରେ ସେ ମମତାଙ୍କୁ ନନ୍ଦିଗ୍ରାମ ଆସନରେ ପରାଜିତ କରିଥିଲେ। ଏହି ଦୃଷ୍ଟିରୁ ତାଙ୍କୁ ଏହି ପଦବୀ ମିଳିବାର ସମ୍ଭାବନା ଅଧିକ ରହିଛି। ଅନ୍ୟପକ୍ଷରେ ମମତା ବାନାର୍ଜୀ ଟିଏମ୍‌ସିର ନବନିର୍ବାଚିତ ବିଧାୟକ ଓ ବରିଷ୍ଠ ନେତାଙ୍କୁ ନେଇ କାଳୀଘାଟଠାରେ ବୈଠକ କରି ନିର୍ବାଚନରେ ବ୍ୟାପକ ଅନିୟମିତତା ହୋଇଥିବା ଅଭିଯୋଗ କରିଛନ୍ତି। ସୂଚନାଯୋଗ୍ୟ, ରାଜ୍ୟପାଳ ଗତକାଲି ପଶ୍ଚିମବଙ୍ଗ ବିଧାନସଭା ଭଙ୍ଗ କରିଥିଲେ।

ଯାତ୍ରୀଙ୍କ ଜୀବନ ବଚାଂଇ ଆଖି ବୁଜିଲେ ଚାଳକ

ନୂଆଦିଲ୍ଲୀ,୮/୫: ବେଙ୍ଗାଲୁରୁରୁ ଏକ ହୃଦୟବିଦାରକ ଘଟଣା ସାମ୍ନାକୁ ଆସିଛି। ବେଙ୍ଗାଲୁରୁରୁ ସୁଲ୍ୟା ଯାଉଥିବା ଏକ ଘରୋଇ ସ୍ଲିପର ବସ୍ କୋଡାଗୁ ଜିଲ୍ଲାର ମଡିକେରିର ଉପକଣ୍ଠରେ ଦୁର୍ଘଟଣାର ସମ୍ମୁଖୀନ ହୋଇଛି। ବସ ଚାଳକ ହଠାତ ହୃଦଘାତର ଶିକାର ହେବାରୁ ଏ ମୃତ୍ୟୁକୁ କିଛି ସମୟ ପାଇଁ ଅଟକାଇ ଦେଇ ବସରେ ଥିବା ଯାତ୍ରୀମାନଙ୍କ ସୁରକ୍ଷାକୁ ପ୍ରଥମେ ପ୍ରାଥମିକତା ଦେଇଥିଲେ। ଉପସ୍ଥିତ ବୁଦ୍ଧି ଖଟାଇ ଗାଡ଼ିର ଗତି ହ୍ରାସ କରି ରାସ୍ତାପାର୍ଶ୍ୱକୁ ନେଇ ଯାଇଥିଲେ। ବସଟି ନିକଟସ୍ଥ ଏକ ଗଛରେ ଧକ୍କା ଖାଇ ଅଟକି ଯାଇଥିଲା। ଫଳରେ

ଦୁର୍ଘଟଣା ଘଟିଛି। କିନ୍ତୁ ବସ ଚାଳକଙ୍କ ଉପସ୍ଥିତ ବୁଦ୍ଧି ହେତୁ ସମସ୍ତ ଯାତ୍ରୀ ସୁରକ୍ଷିତ ଉଦ୍ଧାର ହୋଇଯାଇଛନ୍ତି। ପୂର୍ଣ୍ଣିମା ଟ୍ରାଭେଲ୍ସର ଡ୍ରାଇଭର ଶିବକୁମାର ୨୦ଜଣ ଯାତ୍ରୀଙ୍କୁ ଧରି ସୁଲ୍ୟା ଅଭିମୁଖେ ଯାଉଥିଲେ। ଏହି ସମୟରେ ହଠାତ ସେ ହୃଦଘାତର ଶିକାର ହୋଇଥିଲେ। ଶିବକୁମାର ଅନୁଭବ କରିଥିଲେ କେ ?ଣସି ମୁହୂର୍ତ୍ତରେ ତାଙ୍କର କିଛି ବି ହୋଇପାରେ। ତେଣୁ ସେ ଯେମିତି ବସରେ ବସିଥିବା ସମସ୍ତ ଯାତ୍ରୀଙ୍କ ଜୀବନ ରକ୍ଷା ପାଇ ଯାଇଥିଲା। ଏହି ଘଟଣାକୁ କେନ୍ଦ୍ର କରି ଲୋକେ କହୁଛନ୍ତି, ' ଚାଳକ ଶିବକୁମାର ନିଜର କର୍ତ୍ତବ୍ୟ ପାଳନ କରିବା ପାଇଁ ମୃତ୍ୟୁକୁ ବି କିଛି ସମୟ ପାଇଁ ଅଟକାଇ ଦେଇଥିଲେ। ଯାହାଫଳରେ ଅନେକ ଯାତ୍ରୀଙ୍କ ଜୀବନ ରକ୍ଷା ପାଇ ଯାଇଥିଲା। ଦୁର୍ଘଟଣାର ସୂଚନା ପାଇବା ପରେ ପୁଲିସ ଘଟଣାସ୍ଥଳରେ ପହଚିଂ ଯାତ୍ରୀମାନଙ୍କୁ ସୁରକ୍ଷିତ ଭାବେ ଉଦ୍ଧାର କରିଥିଲା।

କରୋନା ଭଳି ମାଡୁଛି ହନ୍ତା ଭାଇରସ୍

ଡବ୍ଲ୍ୟୁଏଚ୍‌ଓ ଜାରି କଲା ଚେତାବନୀ

ନୂଆଦିଲ୍ଲୀ,୮/୫; ଆର୍ଜେଟିଂନାରୁ ବାହାରି ଥିବା ଏକ ଡଚ୍ କ୍ରୁଜ୍ ଶିପ ହନ୍ତା ଭାଇରସ୍ ସଂକ୍ରମଣ ଘଟଣା ସାରା ବିଶ୍ୱରେ ଚିନ୍ତା ବଢ଼ାଇଛି। ଏହି ଜାହାଜରେ ଥିବା ୩ ଯାତ୍ରୀଙ୍କ ମୃତ୍ୟୁ ଘଟିଥିବାବେଳେ ଅନେକ ଗମ୍ଭୀର ଭାବେ ଅସୁସ୍ଥ ହୋଇପଡ଼ିଛନ୍ତି। ଆଉ ୫ ଜଣ ସଂକ୍ରମିତ ହୋଇଥିବା ନେଇ ବିଶ୍ୱ ସ୍ୱାସ୍ଥ୍ୟ ସଙ୍ଗଠନ (ଡବ୍ଲ୍ୟୁଏଚ୍‌ଓ) ସ୍ପଷ୍ଟ କରିଛି। ତେବେ ଏହା କୌଣସି ନୂଆ ଭୂତାଣୁ ନୁହେଁ। ଏଥିଯୋଗୁ କୋଭିଡ-୧୯ ଭଳି ସ୍ଥିତି ଉପୁଜି ନ ଥିବା ଡବ୍ଲ୍ୟୁଏଚ୍‌ଓ କହିଛି। ତେବେ ଡବ୍ଲ୍ୟୁଏଚ୍‌ଓ ସେହି ୧୨ ଦେଶକୁ ଚେତାବନୀ ଜାରି କରିଛି, ଯେଉଁ ଦେଶର ନାଗରିକ ଉକ୍ତ କ୍ରୁଜ୍ ଶିପ ଥିଲେ। ସେଥିମଧ୍ୟରେ ବ୍ରିଟେନ, ଆମେରିକା, କାନାଡା, ଜର୍ମାନୀ, ନେଦରଲ୍ୟାଣ୍ଡ, ସ୍ୱିଜରଲ୍ୟାଣ୍ଡ, ସିଙ୍ଗାପୁର ଏବଂ ତୁର୍କୀ ଭଳି ଦେଶ ରହିଛି। କ୍ରୁଜ ହନ୍ତା ଭାଇରସରେ ଆକ୍ରାନ୍ତ ହେବା ପରେ, ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ଏହାକୁ ଗମ୍ଭୀର ସଂକ୍ରାମକ ରୋଗ ଘୋଷଣା କରିଥିଲା। ହୁର ବିଶ୍ୱ ମହାମାରୀ ନିର୍ଦ୍ଦେଶକ ମାରିଆ ଭାନ୍ କେରଖୋଭ କହିଛନ୍ତି, ଏହା ପରବର୍ତୀ କୋଭିଡ୍ ନୁହେଁ, କିନ୍ତୁ ଏହା ଏକ ଗମ୍ଭୀର ସଂକ୍ରାମକ ରୋଗ। ଆମେ ଏହି ଭାଇରସକୁ ଜାଣୁ ଏହା ବହୁ ବର୍ଷ ଧରି ରହିଛି। ହୁ ଅନୁଯାୟୀ, କ୍ରୁଜ ଜାହାଜରେ ପ୍ରଥମ ମୃତ୍ୟୁ ଏପ୍ରିଲ ୧୧ ତାରିଖରେ ହୋଇଥିଲା। ମୃତକ ଜଣକ ଜଣେ ୭୦ ବର୍ଷୀୟ ଡଚ୍ ପୁରୁଷ ଥିଲେ। ପ୍ରାୟ ୨ ସପ୍ତାହ ପରେ ତାଙ୍କ ଶରୀର ସେଂଟ ହେଲେନାର କ୍ରୁଜ ଜାହାଜକୁ ଓହ୍ଲାଇ ଦିଆଯାଇଥିଲା। ତାଙ୍କ ପତ୍ନୀ ସେଶ୍ୱ ହୋଲେନାରୁ ଦକ୍ଷିଣ ଆଫ୍ରିକା ଯାତ୍ରା କରିଥିଲେ। ସେ ବିମାନବନ୍ଦରରେ ପଡିଯାଇଥିଲେ। ଏପ୍ରିଲ ୨୬ ତାରିଖରେ ହସ୍ପିଟାଲରେ ତାଙ୍କର ମୃତ୍ୟୁ ହୋଇଥିଲା। ତୃତୀୟ ଯାତ୍ରୀ ଜଣକ ଜର୍ମାନୀ ମହିଳା ଥିଲେ।

ମାରପିଟ ମାମଲା ଅଭିଯୁକ୍ତ ଗିରଫ

ଜୟପୁର,୮/୫: ଜୟପୁର ମହାପାତ୍ରଲାଇନ ଗଳିରେ ଦୁଇ ଗୋଷ୍ଠି ମଧ୍ୟରେ ହୋଇଥିବା ଗଣ୍ଡଗୋଳ ମାମଲାରେ ଆଜି ଜୟପୁର ଟାଉନପୁଲିସ ଜଣକୁ ଗିରଫ କରି କୋର୍ଟ ଚାଲାଣ କରିଛି। ପୁଲିସ ସୂଚନା ଅନୁଯାୟୀ ଗତ ୨୦୨୫ଡିସେମ୍ବର ୧୮ ତାରିଖରେ ମହାପାତ୍ର ଗଳିରେ ଦୁଇଗୋଷ୍ଠୀ ମଧ୍ୟରେ ଗଣ୍ଡଗୋଳ ହୋଇଥିଲା। ଏହି ମାମଲାରେ ପୁଲିସ ନୂଆସାହିର ଫିଂଟୁ ହିଆଲ ନାମରେ ଏକ ମାମଲା ରୁଜୁ କରିଥିଲା।

ବାଲିଅନ୍ତାରେ ରାଜ୍ୟ ମହିଳା କମିଶନ ଅଧ୍ୟକ୍ଷା

ଭୁବନେଶ୍ୱର,୮/୫(ନି/ପ୍ର): ବାଲିଅନ୍ତାରେ ରାଜ୍ୟ ମହିଳା କମିଶନ ଅଧ୍ୟକ୍ଷା ଶୋଭନା ମହାନ୍ତି ପହଚିଂଛନ୍ତି। ଯୁବକଙ୍କୁ ହତ୍ୟା କରାଯାଇଥିବା ସ୍ଥଳ ପରିଦର୍ଶନ ସହ ପ୍ରାଥମିକ ତଦନ୍ତ ଆରମ୍ଭ କରିଛନ୍ତି। ଯୁବକଙ୍କୁ ମାଡ କରି ଗୁରୁତର କରିଥିଲେ ସ୍ଥାନୀୟଲୋକେ। ପୁଲିସ ଉଦ୍ଧାର କରି ମେଡିକାଲ ନେବା ବାଟରେ ଯୁବକଙ୍କ ମୃତ୍ୟୁ ଘଟିଥିଲା। ପ୍ରାଥମିକ ତଦନ୍ତ ପରେ କଠୋର କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି କହିଛନ୍ତି ରାଜ୍ୟ ମହିଳା କମିଶନ ଅଧ୍ୟକ୍ଷା। ସେ ଆହୁରି ମଧ୍ୟ କହିଛନ୍ତି ଯିଏ ଅଭିଯୁକ୍ତ ହୋଇଥିବେ, କାହାକୁ ମଧ୍ୟ ଛଡାଯିବନି କହିଛନ୍ତି ମୁଖ୍ୟମନ୍ତ୍ରୀ। ସାକ୍ଷ୍ୟ,ପ୍ରମାଣ ଓ ତଥ୍ୟ ଆଧାରରେ ତଦନ୍ତ ପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ଏହାସହ ପୀଡିତାଙ୍କ ଘରେ ପହଚିଂ ବୟାନ ନେଇଛନ୍ତି ରାଜ୍ୟ ମହିଳା କମିଶନ ଅଧ୍ୟକ୍ଷା। ଏହାପରେ ମୃତ ସୌମ୍ୟରଞ୍ଜନ ସ୍ୱାଇଁଙ୍କ ଘରକୁ ମଧ୍ୟ ଅଧ୍ୟକ୍ଷା ଓ ଟିମ୍ ଯିବେ।

ଆମେରିକାକୁ ସାଉଦି ବାୟୁସୀମା ଓ ବିମାନଘାଟି ମନା : ପ୍ରିନ୍ସ ସଲମାନଙ୍କ ସହ ଆଲୋଚନା ଫେଲ୍

ରିୟାଦ/ୱାଶିଂଟନ, ୦୮/୦୫ : ଆମେରିକା ଓ ଇରାନ ମଧ୍ୟରେ ଲାଗି ରହିଥିବା ଉତେଜନା ଏବେ ବି ଥମିନାହିଁ। ଏଭଳି ସମୟରେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କୁ ଆଉ ଏକ ଶକ୍ତ ଝଟ୍‌କା ଲାଗିଛି। ରିପୋର୍ଟ ଅନୁସାରେ ଟ୍ରମ୍ପ ପ୍ରଶାସନ ହୋର୍ମୁଜ ପ୍ରଣାଳୀରେ ଫସିଥିବା ଜାହାଜ ଓ ଟ୍ୟାଙ୍କରକୁ ସୁରକ୍ଷିତ ଭାବେ ବାଟ କଢ଼ାଇ ନେବା ଲାଗି ଆରମ୍ଭ କରିଥିଲା ଅପରେସନ ପ୍ରୋଜେକ୍ଟ ଫ୍ରିଡମ। କିନ୍ତୁ ଏହାକୁ ବର୍ତ୍ତମାନ ରୋକିଦିଆଯାଇଛି। ସାଉଦି ଆରବ ଆମେରିକା ବିମାନକୁ ନିଜର ବାୟୁସୀମା କିମ୍ବା ବିମାନଘାଟି ବ୍ୟବହାର କରିବା ଲାଗି ଅନୁମତି ଦେବାକୁ ମନା କରିଦେବା ପରେ ଟ୍ରମ୍ପ ପ୍ରଶାସନ ଏଭଳି ପଦକ୍ଷେପ ନେଇଛି। ଏନ୍‌ବିସି ନ୍ୟୁଜ ରିପୋର୍ଟ ଅନୁସାରେ ଆମେରିକାର ଯୋଜନା ଥିଲା କି ଏହାର ନୌସେନା ହୋର୍ମୁଜରେ ଫସିଥିବା ଜାହାଜ ଓ ଟ୍ୟାଙ୍କରକୁ ସୁରକ୍ଷା ପ୍ରଦାନ କରିବ। ଏଥିପାଇଁ ଆମେରିକାର ବିମାନ ସାଉଦି ଆରବର ରାଜଧାନୀ ରିୟାଦର ଦକ୍ଷିଣ-ପୂର୍ବରେ ଥିବା ପ୍ରିନ୍ସ ସୁଲତାନ ବିମାନଘାଟିକୁ ବ୍ୟବହାର କରିଥାନ୍ତା। କିନ୍ତୁ ସାଉଦି ଆରବ ଆମେରିକାର ଏହି ପ୍ରସ୍ତାବକୁ ଗ୍ରହଣ କରିବାକୁ ମନାକରିଦେଇଛି। ରାଷ୍ଟ୍ରପତି ଟ୍ରମ୍ପ ଏହି ପ୍ରସଙ୍ଗରେ ସାଉଦିର ଯୁବରାଜ ମହମ୍ମଦ ବିନ ସଲମାନଙ୍କ ସହିତ ଟେଲିଫୋନ୍ ଯୋଗେ କଥାବାର୍ତା କରିଥିଲେ। କିନ୍ତୁ ବିମାନଘାଟି ବ୍ୟବହାରକୁ ନେଇ ସହମତି ହୋଇପାରି ନଥିଲା। ସେପଟେ ସାଉଦି ସୂତ୍ରରୁ କୁହାଯାଇଛି ଯେ ବର୍ତ୍ତମାନ ମଧ୍ୟପ୍ରାଚ୍ୟ ସ୍ଥିତିରେ ପରିବର୍ତନ ଆସିଛି। ପାକିସ୍ତାନ ପକ୍ଷରୁ ଆମେରିକା ଓ ଇରାନ ମଧ୍ୟରେ ଯୁଦ୍ଧ ବନ୍ଦ କରିବା ଲାଗି ଚାଲିଥିବା କୂଟନୈତିକ ପ୍ରୟାସକୁ ସାଉଦି ଦୃଢ଼ ସମର୍ଥନ କରେ। ଆମେରିକା ପକ୍ଷରୁ ଗତ ୪ ତାରିଖରେ ପ୍ରୋଜେକ୍ଟ ଫ୍ରିଡମ ଆରମ୍ଭ କରାଯାଇଥିଲା। କିନ୍ତୁ ୨ ଦିନ ଭିତରେ ମାତ୍ର ୩ଟି ଜାହାଜକୁ ଜଳମାର୍ଗରେ ପାର କରାଇଛି ଆମେରିକା। ତେବେ ପ୍ରୋଜେକ୍ଟ ଫ୍ରିଡମ ରୋକାଯିବା ଘଟଣାରେ ପାକିସ୍ତାନର ଭୂମିକା ଗୁରୁତ୍ୱପୂର୍ଣ୍ଣ ବୋଲି କୁହାଯାଉଛି। କାରଣ ଟ୍ରମ୍ପ ନିଜେ ସୋସିଆଲ ମିଡିଆ ପ୍ଲାଟଫର୍ମ ଟ୍ରୁଥ ସୋସିଆଲରେ ଲେଖିଛନ୍ତି ଯେ ପାକିସ୍ତାନ ଓ ଅନ୍ୟ କେତେକ ଦେଶର ଅନୁରୋଧକ୍ରମେ ପ୍ରୋଜେକ୍ଟ ଫ୍ରିଡମକୁ ଅସ୍ଥାୟୀ ଭାବେ ବନ୍ଦ କରାଯାଇଛି। ଯାହାଫଳରେ ଆମେରିକା ଓ ଇରାନ ମଧ୍ୟରେ ହେବାକୁ ଥିବା ଶାନ୍ତି ବୁଝାମଣାକୁ ଚୂଡାନ୍ତ ରୂପରେଖ ଦିଆଯାଇପାରିବ। କିନ୍ତୁ ଦାବି କରାଯାଉଛି କି ପାକିସ୍ତାନର ଅନୁରୋଧ ନୁହେଁ, ବରଂ ସାଉଦି ଆରବର କଠୋର ଆଭିମୁଖ୍ୟ ଯୋଗୁ ଏହି ଅଭିଯାନ ବନ୍ଦ ରହିଛି। ସେପଟେ ଇରାନ ନିଜର ଆଭିମୁଖ୍ୟ ନରମ କରିଛି।

ଗୁଜରାଟରୁ ଆସିବ ୪୮,୩୩୦ କୋଟି ନିବେଶ :

୮ ଏମ୍‌ଓୟୁ, ୬୩ ଆଇଆଇଏଫ୍ ସ୍ୱାକ୍ଷର

ଭୁବନେଶ୍ୱର,୮/୫(ନି/ପ୍ର): ତିନିଦିନିଆ ଗୁଜରାଟ ଗସ୍ତରେ ଯାଇଥିବା ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ୪୮,୩୩୦ କୋଟି ଟଙ୍କାର ପୁଞ୍ଜି ନିବେଶ ପ୍ରସ୍ତାବ ହାସଲ କରିଛନ୍ତି। ଏହି ଗସ୍ତରେ ୮ଟି ବୁଝାମଣାପତ୍ର ଓ ୬୩ଟି ନିବେଶ ଆଗ୍ରହ ଫର୍ମ (ଆଇଆଇଏଫ୍) ସ୍ୱାକ୍ଷର ହେବା ସହ ରାଜ୍ୟ ସରକାରଙ୍କୁ ମୋଟ୍ ୭୧ଟି ନିବେଶ ପ୍ରସ୍ତାବ ମିଳିଛି। ସେହି ପ୍ରକଳ୍ପଗୁଡ଼ିକ କାର୍ଯ୍ୟକାରୀ ହେଲେ ରାଜ୍ୟରେ ୬୭,୮୩୮ ନିଯୁକ୍ତି ସୁଯୋଗ ସୃଷ୍ଟି ହେବ। ଗୁଜରାଟର ଚାରିଟି ସହର ଅହମଦାବାଦ, ଭଦୋଦରା, ଏକତାନଗର (କେବାଡ଼ିଆ-ଷ୍ଟାଚ୍ୟୁ ଅଫ୍ ୟୁନିଟି) ଓ ମୁନ୍ଦ୍ରାରେ ୧୩୨ ଜଣ ଶିଳ୍ପପତିଙ୍କ ସହ ଆଲୋଚନା, ଚାରିଟି କ୍ଷେତ୍ରଭିତ୍ତିକ ରାଉଣ୍ଡଟେବୁଲ୍ ବୈଠକ, ୨ଟି ନିବେଶ ପ୍ରସାର ରୋଡ୍ ସୋ ଓ ଉଚ୍ଚସ୍ତରୀୟ ବି୨ଜି ବୈଠକ ଅନୁଷ୍ଠିତ ହୋଇଥିଲା, ଯେଉଁଥିରେ ୭୦୦ରୁ ଅଧିକ ଶିଳ୍ପ ପ୍ରତିନିଧି ଅଂଶଗ୍ରହଣ କରିଥିଲେ। ଏହି ଅବସରରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଥିଲେ ଯେ ପଶ୍ଚିମ ଭାରତ ଦେଶର ଶିଳ୍ପ ଅଭିବୃଦ୍ଧିର ନେତୃତ୍ୱ ନେଉଛି। ଏବେ କିନ୍ତୁ ବିକଶିତ ଭାରତ ପାଇଁ ପୂର୍ବ ଭାରତକୁ ଆଗକୁ ବଢ଼ିବାକୁ ପଡ଼ିବ। ସେହି ରୂପାନ୍ତରର ନେତୃତ୍ୱ ନେବା ପାଇଁ ଓଡ଼ିଶା ପ୍ରସ୍ତୁତ ରହିଛି। ଓଡ଼ିଶାକୁ ସେ ଦ୍ରୁତ ଗତିରେ ଆଗକୁ ବଢୁଥିବା ଭାରତର ପ୍ରମୁଖ ବାଣିଜ୍ୟ କରିଡର ଭାବେ ଅଭିହିତ କରି ରାଜ୍ୟର ଭୌଗୋଳିକ ସ୍ଥିତିର ଲାଭ ଉଠାଇବାକୁ ନିବେଶକମାନଙ୍କୁ ଅନୁରୋଧ କରିଥିଲେ। ପୂର୍ବୋଦୟ ଲକ୍ଷ୍ୟ ଅଧୀନରେ ପୂର୍ବ ଭାରତ ପାଇଁ ଓଡ଼ିଶା ଦ୍ରୁତ ଗତିରେ ଏକ ଗୁରୁତ୍ୱପୂର୍ଣ୍ଣ ଶିଳ୍ପ କେନ୍ଦ୍ର ଭାବେ ଉଭା ହେଉଛି ବୋଲି ଶିଳ୍ପ ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ କହିଥିଲେ। ରାଜ୍ୟର ଦୃଢ଼ ବନ୍ଦର ଆଧାରିତ ଭିତିଭୂମି, ସ୍ଥିର ଶିଳ୍ପ ନୀତି, ଦକ୍ଷ ଶ୍ରମଶକ୍ତି ଓ ସ୍ୱଚ୍ଛ ଭବିଷ୍ୟତ ଯୋଜନା ଉପରେ ସେ ଆଲୋକପାତ କରିଥିଲେ। ଏସବୁ କାର୍ଯ୍ୟକ୍ରମରେ ମୁଖ୍ୟ ସଚିବ ଅନୁ ଗର୍ଗ, ଶିଳ୍ପ ବିଭାଗର ଅତିରିକ୍ତ ମୁଖ୍ୟ ସଚିବ ହେମନ୍ତ ଶର୍ମା ଓ ଅନ୍ୟ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ। ଏହା ପୂର୍ବରୁ ହାଇଦ୍ରାବାଦ ଓ କୋଲକାତାରେ ଦୁଇଟି ନିବେଶକ ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା, ଯେଉଁଥିରୁ ସରକାରଙ୍କୁ ୧.୬୭ ଲକ୍ଷ କୋଟି ଟଙ୍କାର ନିବେଶ ପ୍ରସ୍ତାବ ମିଳିଥିଲା।

କେନ୍ଦୁଝର ସମାଚାର

A.R. KHAN

ARNMEDIA COMPLEX, New Market, Keonjhar

(Near Collectorate, Dist. Keonjhar, Phone / Fax: (06767) 255016

Email: utkalsamachar@gmail.com, Mob: 9437086122

କେନ୍ଦୁଝର ତାଏକ୍ୱୋଣ୍ଡୋର ଖେଳାଳିଙ୍କ ପ୍ରଭାବଶାଳୀ ପ୍ରଦର୍ଶନ

ପଂଚମ ରାଜ୍ୟ ତାଏକ୍ୱୋଣ୍ଡୋ ଚାମ୍ପିଅନସିପରେ ଗୌରବ ବଢ଼ାଇଲେ

କେନ୍ଦୁଝର,୮/୫(ନି/ପ୍ର) : ଓଡ଼ିଶା ତାଏକ୍ୱୋଣ୍ଡୋ ଦ୍ୱାରା ଆୟୋଜିତ ୫ମ ରାଜ୍ୟ ତାଏକ୍ୱୋଣ୍ଡୋ ଚାମ୍ପିୟନସିପ ସଫଳତାର ସହିତ ୨୮, ୨୯ ଓ ୩୦ ଏପ୍ରିଲ୍ ୨୦୨୬ରେ କଟକସ୍ଥ ଜେ.ଏନ୍. ଇଣ୍ଡୋର୍ ସ୍ଟେଡ଼ିୟମ୍ରେ ଅନୁଷ୍ଠିତ ହୋଇଯାଇଛି । ଏହି ପ୍ରତିଯୋଗିତାରେ ରାଜ୍ୟର ବିଭିନ୍ନ ଅଂଚଳରୁ ପ୍ରତିଭାଶାଳୀ ଖେଳାଳିମାନେ ଯୋଗଦେଇ ଉତ୍ସାହର ସହିତ ପ୍ରତିଯୋଗିତା ଭାଗ ନେଇଥିଲେ । କେନ୍ଦୁଝର ତାଏକ୍ୱୋଣ୍ଡୋ ପରିବାରର ଏକାଠି ୪୯ ଜଣ ଖେଳାଳି ଏହି ଚାମ୍ପିୟନସିପରେ ନାମାଙ୍କିତ ହୋଇଥିଲେ । ସେମାନେ ମିଶି ୭ ଟି ସ୍ୱର୍ଣ୍ଣ, ୧୧ ଟି ରୌପ୍ୟ ଓ ୧୫ ଟି କାଂସ୍ୟ ପଦକ ଜିତି ଜୟଯୁକ୍ତ କରିଥିଲେ । ଏହି ପ୍ରଦର୍ଶନରେ କେନ୍ଦୁଝର ଜିଲ୍ଲାର ଗୌରବ ବୃଦ୍ଧି ପାଇଛି ଏବଂ ଖେଳାଳିମାନଙ୍କର କଠିନ ପରିଶ୍ରମ, ଅନୁଶାସନ ଓ ସମର୍ପଣ ପ୍ରଦର୍ଶିତ ହୋଇଛି ।କେନ୍ଦୁଝର ତାଏକ୍ୱୋଣ୍ଡୋର ପ୍ରେସିଡେଣ୍ଟ ଓ ମୁଖ୍ୟ କୋଚ୍ ଶ୍ରୀ ମଧୁସୂଦନ ରାଉତ୍ , ସମ୍ପାଦକ ସୁନୀଲ କୁମାର ମହାନ୍ତ ଏବଂ କେନ୍ଦୁଝର ତାଏକ୍ୱୋଣ୍ଡୋର ସମସ୍ତ କାର୍ଯ୍ୟକର୍ତ୍ତା ତଥା ସମସ୍ତ ଅଭିଭାବକ ପକ୍ଷରୁ ସମସ୍ତ ଅଂଶଗ୍ରହଣକାରୀଙ୍କୁ ହୃଦୟଗ୍ରାହୀ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଯାଇଛି । କୌଶଳୀ ଖେଳାଳି ସଙ୍ଗୀତ ସ୍ୱାଇଁ (ସ୍ୱର୍ଣ୍ଣ ପଦକଧାରୀ) ଓ ପ୍ରଜ୍ୱଲ୍ ଦଳେଇ(ସ୍ୱର୍ଣ୍ଣ ପଦକଧାରୀ)ଙ୍କୁ ବିଶେଷ ଶୁଭେଚ୍ଛା ଦିଆଯାଇ ସେମାନଙ୍କର ପ୍ରାରମ୍ଭିକ କୃତିତ୍ୱ ଓ ଭବିଷ୍ୟତରେ ପ୍ରଭାବଶାଳୀ ଉନ୍ନତିର ଆଶା ପ୍ରକାଶ କରାଯାଇଛି । କେନ୍ଦୁଝର ତାଏକ୍ୱୋଣ୍ଡୋ ରାଜ୍ୟସ୍ତରୀୟ ପ୍ରତିଯୋଗିତାରେ ଯୁବ ତାଏକ୍ୱୋଣ୍ଡୋ ଖେଳାଳିଙ୍କୁ ଗଢ଼ିବା ଓ ଉନ୍ନତ କରିବା ପ୍ରତି ନିଜର ନିଷ୍ଠାର ପୁନଃ ପ୍ରତିଫଳନ କରିଛି ।

ଖଡ଼ିଆଳରେ ହେଲମେଟ ହବ ଶୁଭାରମ୍ଭ

ନୂଆପଡ଼ା,୮/୫(ନି/ପ୍ର) : ନୂଆପଡ଼ା ଜିଲ୍ଲା ଖଡ଼ିଆଳ ସହ ଜିଲ୍ଲାର ୭ ଗୋଟି ସ୍ଥାନରେ ହେଲମେଟ ହବ ଆଜି ଶୁଭାରମ୍ଭ ହୋଇଯାଇଛି । ବାଇକ୍ ଚାଳକ ମାନଙ୍କୁ ୫୦ ଟଙ୍କାରେ ହେଲମେଟ ପ୍ରଦାନ କରିବା ବ୍ୟବସ୍ଥା କରାଯାଇଛି । କାର୍ଯ୍ୟ ସାରି ଫେରିବା ବେଳେ ହେଲମେଟ ହବରେ ଜମା ଦେବାକୁ ନିର୍ଦ୍ଦେଶ ରହିଛି । ଆଜି ଖଡ଼ିଆଳ ସହରର ନୂତନ ବସଷ୍ଟାଣ୍ଡ ଠାରେ ହେଲମେଟ ହବର ଉଦ୍ଘାଟନ ହୋଇଅଛି । ଏହି ଉଦ୍ଘାଟନ ଉତ୍ସବରେ ଖଡ଼ିଆଳ ବିଡିଓ ମିଳନ କୁମାର ଖାଙ୍କର, ଖଡ଼ିଆଳ ଏନଏସି କାର୍ଯ୍ୟ ନିର୍ବାହୀ ଅଧିକାରୀ ସ୍ୱାଧୀନ କେତନ ମହାରଣା, ଖଡ଼ିଆଳ ଥାନାଧିକାରୀ ସୁମନ୍ତ କୁମାର ନାଏକ ପ୍ରମୁଖ ଯୋଗ ଦେଇ ଯୋଜନା ଶୁଭାରମ୍ଭ କରିଥିଲେ । ବାଇକ୍ ଚାଳକଙ୍କୁ ୫୦ ଟଙ୍କା ଦେଇ ହେଲମେଟ ପିନ୍ଧି ନିଜ କାର୍ଯ୍ୟରେ ଯିବାକୁ ଆହ୍ୱାନ କରିଥିବା ବେଳେ ଫେରିବା ବେଳେ ହେଲମେଟକୁ ଜମା ଦେବାକୁ ପଡିବ ବୋଲି ନିର୍ଦ୍ଦେଶ ଦେଇଥିଲେ ।

ହାଣ୍ଡିଭଙ୍ଗା ସ୍ୱାଗତ ତୋରଣ କାର୍ଯ୍ୟରେ ଅନିୟମିତତା :

ନିଘୋଡ଼ ନିଦ୍ରାରେ ପ୍ରଶାସନ

ଚମ୍ପୁଆ,୮/୫(ନି/ପ୍ର): ଚମ୍ପୁଆ ଉପଖଣ୍ଡସ୍ଥ ହାଣ୍ଡି ଭଙ୍ଗା ସ୍ୱାଗତ ତୋରଣ କାର୍ଯ୍ୟ ବିନା ସୂଚନା ଫଳକରେ ନିର୍ମାଣ କରାଯାଉଥିବା ବେଳେ ଏହା ଅତି ନିମ୍ନମାନର ହେଉଥିବା ସ୍ଥାନୀୟ ଲୋକଙ୍କ ପକ୍ଷରୁ ଅଭିଯୋଗ ହେଉଛି ।ଖବର ଅନୁସାରେ, କେନ୍ଦୁଝର ଜିଲ୍ଲା ଚମ୍ପୁଆ ଉପଖଣ୍ଡସ୍ଥ ଯୋଡ଼ା ବ୍ଲକ ବଡ଼ କାଳିମାଟି ପଂଚାୟତର ହାଣ୍ଡି ଭଙ୍ଗା ଜଳ ପ୍ରପାତକୁ ଯିବା ପୂର୍ବରୁ ସ୍ୱାଗତ ତୋରଣ ନିର୍ମାଣ କାର୍ଯ୍ୟ ଚାଲିଛି । ତେବେ ଏହି କାର୍ଯ୍ୟ ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥା ଚମ୍ପୁଆ (ଆଇଟିଡିଏ) ପକ୍ଷରୁ କରାଯାଉଥିବା କୁହାଯାଉଥିବା ବେଳେ କାର୍ଯ୍ୟ ସମ୍ପର୍କିତ କୌଣସି ସୂଚନା ଫଳକ ଲଗାଯାଇ ନ ଥିବାରୁ ଏହି କାର୍ଯ୍ୟ କେଉଁ ବିଭାଗ ପକ୍ଷରୁ କେତେ ଅନୁଦାନରେ କରାଯାଉଛି ତାର ସଠିକ୍ ତଥ୍ୟ ଜଣା ପଡୁନାହିଁ । ସରକାରୀ ନିୟମ ଅନୁଯାୟୀ ଯେ କୌଣସି ପ୍ରକଳ୍ପ ହେଉନା କାହିଁକି ପ୍ରଥମେ ସୂଚନା ଫଳକ ଲଗାଇବା ବାଧ୍ୟତାମୂଳକ ହୋଇଥିବା ବେଳେ ଏଠାରେ ଠିକାଦାର ସମସ୍ତଙ୍କୁ ଅନ୍ଧାରରେ ରଖି ବିଭାଗୀୟ ଅଧିକାରୀଙ୍କ ସହ ଭିତିରି ବୁଝାମଣାରେ ସରକାରୀ ନିୟମକୁ ଖୋଲାଖୋଲି ଉଲଂଘନ କରି ପକେଟ ଗରମ କରୁଥିବା କୁହାଯାଉଛି । ସ୍ଥାନୀୟ ଲୋକଙ୍କ କହିବା ଅନୁସାରେ, ଉକ୍ତ ତୋରଣର ଢ଼ଳେଇ କାର୍ଯ୍ୟ ସମୟରେ ବିଭାଗୀୟ କୌଣସି ଅଧିକାରୀ କିମ୍ବା ଯନ୍ତ୍ରୀ କାର୍ଯ୍ୟ ତଦାରଖ କରିବାକୁ ଯାଉ ନ ଥିବାରୁ ଏଠାରେ ଅତି ନିମ୍ନମାନର କାର୍ଯ୍ୟ କରାଯାଉଛି । ପିଲର ଗୁଡିକ ଖାଲି ବାଲି ସଲବଲ ଦେଖା ଯାଉଥିବା ବେଳେ ସେଂଟ୍ରିଙ୍ଗ ଖୋଲିବା ପରେ ସିମେଂଟ ମାରି ଚିକ୍କଣ କରି ନିମ୍ନମାନର କାର୍ଯ୍ୟକୁ ଘଂଟ ଘୋଡାଇବା ପାଇଁ ଚେଷ୍ଟା କରାଯାଉଛି । ପିଲର ଗୁଡିକରେ ଆବଶ୍ୟକ ଅନୁଯାୟୀ ପାଣି ମଧ ଦିଆ ଯାଉ ନଥିବା ଅଭିଯୋଗ ହେଉଛି । ତଥାପି ଏଠାରେ ନା ଆଇଟିଡିଏ ପକ୍ଷରୁ କୌଣସି ଅଧିକାରୀ ଆସୁଛନ୍ତି ନା ଯୋଡ଼ା ବ୍ଲକ ପ୍ରଶାସନଙ୍କ ଦୃଷ୍ଟି ପଡୁଛି । ଏହି କାର୍ଯ୍ୟ ପ୍ରତି ସମସ୍ତେ ନିରବ ଦ୍ରଷ୍ଟା ସାଜି ଥିବାରୁ ଠିକାଦାର ନିମ୍ନମାନର କାମ କରି ମାଲେମାଲ ହେଉଛନ୍ତି । ଅନ୍ୟପକ୍ଷରେ ହାଣ୍ଡି ଭଙ୍ଗା ଜଳପ୍ରପାତ ସାରା ଓଡିଶାରେ ନିଜର ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଥିବା ବେଳେ ତା'ର ସ୍ୱାଗତ ତୋରଣ ନିର୍ମାଣ କାର୍ଯ୍ୟରେ ଏଭଳି ଅନିୟମିତତାକୁ ନେଇ ସ୍ଥାନୀୟ ଅଂଚଳରେ ଅସନ୍ତୋଷ ବୃଦ୍ଧି ପାଇବାରେ ଲାଗିଛି । ତେଣୁ ଏଥିପ୍ରତି ଜିଲ୍ଲାପ୍ରଶାସନ ସ୍ୱତନ୍ତ୍ର ଦୃଷ୍ଟି ଦେବାକୁ ସାଧାରଣରେ ଦାବୀ ହେଉଛି ।

ମାଲକାନଗିରିର ଚିତ୍ରକୋଣ୍ଡାରେ କୃଷି ବିକାଶ ଉପରେ ବ୍ଲକସ୍ତରୀୟ ସଚେତନତା ଅଭିଯାନ

ମାଲକାନଗିରି, ୮/୫(ନି/ପ୍ର): ଚଳିତ ଆର୍ଥିକ ବର୍ଷ ପାଇଁ କୃଷି ବିକାଶ କାର୍ଯ୍ୟକଳାପ ଉପରେ ଏକ ବ୍ଲକସ୍ତରୀୟ ସଚେତନତା ଅଭିଯାନ ମାଲକାନଗିରିର ଚିତ୍ରକୋଣ୍ଡା ବ୍ଲକରେ ସଫଳତାର ସହିତ ଅନୁଷ୍ଠିତ ହୋଇଯାଇଛି , ଯେଉଁଥିରେ ସମସ୍ତ ୧୮ଟି ଗ୍ରାମ ପଂଚାୟତର ସରପଂଚମାନେ ଅଂଶଗ୍ରହଣ କରିଥିଲେ । ଏହି କାର୍ଯ୍ୟକ୍ରମର ଲକ୍ଷ୍ୟ ଥିଲା ତୃଣମୂଳ ସ୍ତରରେ ନେତୃତ୍ୱକୁ ସୁଦୃଢ଼ କରିବା ଏବଂ ସ୍ୱାଭିମାନ ଅଂଚଳରେ ସ୍ଥାୟୀ କୃଷି ପରିବର୍ତ୍ତନକୁ ପ୍ରୋତ୍ସାହିତ କରିବା । ଏହି ବୈଠକ ମାନ୍ୟବର ବିଧାୟକ ମଙ୍ଗୁ ଖିଲଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିଲା ଏବଂ ମାନ୍ୟବର ସମାରି ଡାଙ୍ଗୁଲୁ, ଅଧ୍ୟକ୍ଷା, ଜିଲ୍ଲା ପରିଷଦ; ଶ୍ରୀ ଦାସରଥୀ ସାରାବୁ, ସିଡିଓ-କମ-ଇଓ, ଜିଲ୍ଲା ପରିଷଦ; ଅନିଲ କୁମାର ପ୍ରହରାଜ, ମୁଖ୍ୟ ଜିଲ୍ଲା କୃଷି ଅଧିକାରୀ, ମାଲକାନଗିରି; ପ୍ରୀତା କୁମାର, ଗୋଷ୍ଠୀ ଉନ୍ନୟନ ଅଧିକାରୀ, ଚିତ୍ରକୋଣ୍ଡା ଏବଂ ବିଭିନ୍ନ ବିଭାଗର ଅଧିକାରୀମାନେ ଯୋଗ ଦେଇଥିଲେ । ଏହି କର୍ମଶାଳାର ମୁଖ୍ୟ ଉଦ୍ଦେଶ୍ୟ ଥିଲା ସମନ୍ୱିତ କୃଷି ପ୍ରୋତ୍ସାହନ ପାଇଁ ସ୍ୱତନ୍ତ୍ର କାର୍ଯ୍ୟକ୍ରମ, ବଳଭଦ୍ର ଜୈବିକ ଚାଷ ମିଶନ, ଏବଂ ଭୁଲିଯାଇଥିବା ଖାଦ୍ୟ ଏବଂ ଅବହେଳିତ ଫସଲର ପୁନରୁଦ୍ଧାର ଓ ସ୍ଥାୟୀତ୍ୱ ଭଳି ପ୍ରମୁଖ ଯୋଜନାଗୁଡ଼ିକର କାର୍ଯ୍ୟାନ୍ୱୟନ ସମ୍ପର୍କରେ ସରପଂଚମାନଙ୍କୁ ସଚେତନ କରିବା । କାର୍ଯ୍ୟକ୍ରମ ସମୟରେ, ଯୋଜନାଗୁଡ଼ିକର ବ୍ୟାପକ ଉଦ୍ଦେଶ୍ୟ, ପ୍ରସ୍ତାବିତ କାର୍ଯ୍ୟକଳାପ, ଆଶାନୁରୂପ ଲାଭ ଏବଂ ସମ୍ଭାବ୍ୟ ସମସ୍ୟା ଉପରେ ବିସ୍ତୃତ ଆଲୋଚନା କରାଯାଇଥିଲା । କାର୍ଯ୍ୟକ୍ରମଗୁଡ଼ିକର ପ୍ରଭାବଶାଳୀ କାର୍ଯ୍ୟାନ୍ୱୟନ ସୁନିଶ୍ଚିତ କରିବା ପାଇଁ ଏକ ମିଳିତ କାର୍ଯ୍ୟ ଯୋଜନା ବିକଶିତ କରିବା ପାଇଁ ଅଧିକାରୀ ଏବଂ ଜନପ୍ରତିନିଧିମାନେ ଆଲୋଚନା କରିଥିଲେ । ସ୍ୱାଭିମାନ ଅଂଚଳକୁ ଏକ ଉଦୀୟମାନ ଜୈବିକ କୃଷି କେନ୍ଦ୍ରରେ ପରିଣତ କରିବା ପାଇଁ ଏହି ପଦକ୍ଷେପଗୁଡ଼ିକ ପରିକଳ୍ପିତ କରାଯାଇଛି । ପ୍ରାକୃତିକ ଏବଂ ଜୈବିକ କୃଷି ପଦ୍ଧତିକୁ ପ୍ରୋତ୍ସାହିତ କରିବା, ସ୍ଥାନୀୟ କୃଷି ବିବିଧତାକୁ ସଂରକ୍ଷଣ କରିବା ଏବଂ ଚାଷୀମାନଙ୍କ ପାଇଁ ଜୈବିକ ଉତ୍ପାଦିତ ଦ୍ରବ୍ୟକୁ ଅଧିକ ମୂଲ୍ୟ ପ୍ରଦାନ କରିବା ପାଇଁ ଉପଯୁକ୍ତ ବଜାର ଉପଲବ୍ଧ କରାଇବାଏହାର ମୁଖ୍ୟ ଉଦ୍ଦେଶ୍ୟ ,ଏହି ବୈଠକକୁ ସମ୍ବୋଧିତ କରି ବିଧାୟକ ମଙ୍ଗୁ ଖିଲ କହିଥିଲେ ଯେ ଗ୍ରାମୀଣ ପରିବାର ପାଇଁ ବର୍ଷସାରା ଆୟ ସୃଷ୍ଟି, ଖାଦ୍ୟ ସୁରକ୍ଷା, ପୁଷ୍ଟିକର ସୁରକ୍ଷା ଏବଂ ଜୀବିକା ନିରନ୍ତରତା ସୁନିଶ୍ଚିତ କରିବା ପାଇଁ ସମନ୍ୱିତ କୃଷି ଏକ ପ୍ରମୁଖ ରଣନୀତି । ସେ ସ୍ୱାଭିମାନ ଅଂଚଳକୁ ପରିବର୍ତ୍ତନ ପ୍ରକ୍ରିୟାରେ ସକ୍ରିୟ ଭାବରେ ଅଂଶଗ୍ରହଣ କରିବାକୁ ଜନପ୍ରତିନିଧିମାନଙ୍କୁ ଅନୁରୋଧ କରିଥିଲେ ଏବଂ ସ୍ଥାନୀୟ ନେତାମାନଙ୍କୁ ସେମାନଙ୍କ ଅଧୀନସ୍ଥ ଗ୍ରାମଗୁଡ଼ିକୁ ଚାଷୀମାନଙ୍କ ଦ୍ୱାରା ବହୁଳ ପରିମାଣରେ କାର୍ଯ୍ୟକ୍ରମ ଗ୍ରହଣ କରିବା ପାଇଁ ସଚେତନ କରିବାକୁ ଉତ୍ସାହିତ କରିଥିଲେ । ସ୍ୱାଭିମାନ ଅଂଚଳର ବ୍ୟାପକ ବିକାଶ ପାଇଁ ଏକ କାର୍ଯ୍ୟସୂଚୀ ଗଠନ କରିବା ସହିତ ସମସ୍ତ ସମ୍ପୃକ୍ତ ବିଭାଗ ମିଳିତ କାର୍ଯ୍ୟ ଯୋଜନା ମାଧ୍ୟମରେ କାର୍ଯ୍ୟ କରିବେ ବୋଲି ଅଧିକାରୀମାନେ ସୂଚନା ଦେଇଛନ୍ତି । ଏହି ପଦକ୍ଷେପଗୁଡ଼ିକରେ କୃଷି ଉତ୍ପାଦନ ବୃଦ୍ଧି, ସରକାରୀ ଯୋଜନା ଏବଂ ସେବାଗୁଡ଼ିକର ଉପଲବ୍ଧତାକୁ ଉନ୍ନତ କରିବା ଏବଂ କୃଷକମାନଙ୍କ ପାଇଁ ଉତମ ଆୟ ସୁଯୋଗ ସୁନିଶ୍ଚିତ କରିବା ପାଇଁ ବିଜ୍ଞାନ-ଆଧାରିତ ଏବଂ ପ୍ରଯୁକ୍ତିବିଦ୍ୟା-ଚାଳିତ ସମାଧାନ ଅନ୍ତର୍ଭୁକ୍ତ କରାଯିବ ।

କେନ୍ଦୁଝର ଜିଲ୍ଲା ତେଲକୋଇ ପଚାଂୟତ ସମିତିର ଅଷ୍ଟମ ଅଧିବେଶନ, ବ୍ଲକ ଅଧ୍ୟକ୍ଷ ବିକ୍ରମ ନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ

କାର୍- ବାଇକ୍ ମୁହାଁମୁହିଁ ଧକ୍କା : ସ୍ୱାମୀ ଆଗରେ ଚାଲିଗଲା ସ୍ତ୍ରୀ ଜୀବନ

ଘଟଗାଁ,୮/୫ (ନି/ପ୍ର) : କେନ୍ଦୁଝର ଘଟଗାଁ ବଜାର ରାସ୍ତାର ବୃନ୍ଦାବନ ହୋଟେଲ ନିକଟରେ କାର୍ - ବାଇକ୍ ମଧ୍ୟରେ ମୁହାଁମୁହିଁ ଧକ୍କା । ଦୁର୍ଘଟଣାରେ ସ୍ତ୍ରୀର ମୃତ୍ୟୁ ହୋଇଥିବା ବେଳେ ସ୍ୱାମୀ ଗୁରୁତର ଆହତ ହୋଇଛି । ମୃତକ ହେଲେ ଗଦାଧରପୁର ଗ୍ରାମର ପୂର୍ଣ୍ଣିମା ବେହେରା ଏବଂ ଗୁରୁତର ସ୍ୱାମୀ ଜଣକ ହେଲେ ସୁରେଶ ବେହେରା । ଗୁରୁତର ସ୍ୱାମୀଙ୍କୁ କେନ୍ଦୁଝର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି । କାରଟି କେନ୍ଦୁଝର ସମିଲ୍ ଛକ ପଟୁ ମୁଖ୍ୟ ବଜାର କୁ ଯାଉଥିଲା । ବାଇକ୍ ରେ ସୁରେଶ ବେହେରା ଓ ପୂର୍ଣ୍ଣିମା ବେହେରା ବଜାରରୁ ସମିଲ୍ ଛକ ଦେଇ ଘରକୁ ଯାଉଥିଲେ । ବୃନ୍ଦାବନ ହୋଟେଲ ନିକଟରେ ଉକ୍ତ କାରଟି ବାମରୁ ଯାଇ ଡାହାଣରେ ବାଇକ୍କୁ ମୁହାଁମୁହିଁ ଧକ୍କା ଦେଇ ରାସ୍ତା କଡ଼ରେ ଥିବା ଡ୍ରେନ୍ କୁ ଖସି ପଡ଼ିଛି । ବାଇକକୁ ଧକ୍କା ଦେବା ଫଳରେ ଘଟଣାସ୍ଥଳରେ ସ୍ତ୍ରୀ ପୂର୍ଣ୍ଣିମା ବେହେରାଙ୍କର ମୃତ୍ୟୁ ଘଟିଛି । ସ୍ୱାମୀ ସୁରେଶ ବେହେରା ଗୁରୁତର ଆହତ ହୋଇ କେନ୍ଦୁଝର ସ୍ଥାନାନ୍ତର ହୋଇଛନ୍ତି । ଅନ୍ୟପକ୍ଷରେ ଘଟଣାସ୍ଥଳରେ ଘଟଗାଁ ପୋଲିସ୍ ଗାଡ଼ି ଦୁଇଟିକୁ ଜବତ କରି ତଦନ୍ତ ଚଳାଇଛି ।

ବୈଶାଖୀ ପରମ୍ପରାରେ ରହିଛି ଓଡ଼ିଆ ଜାତିର ଜୀବନବୋଧ

ଦଶଦିନିଆ ଭଦ୍ରକ ବୈଶାଖୀ ମେଳା ଉଦ୍ଯାପିତ

ଭଦ୍ରକ, ୮/୫(ନି/ପ୍ର) :ଉତ୍କଳୀୟ ସାଂସ୍କୃତିକ ପ୍ରାଣକେନ୍ଦ୍ର ଭଦ୍ରକ ସହରରେ ସ୍ଥାନୀୟ ନେହେରୁ ପଡ଼ିଆ ପରିସରରେ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଆନୁକୂଲ୍ୟରେ ଦୀର୍ଘ ଦଶଦିନ ଧରି ଚାଲିଥିବା 'ବୈଶାଖୀ ମେଳା' ଆଜି ଉଦ୍ଯାପିତ ହୋଇଯାଇଛି । ଏହି ଅବସରରେ ମେଳା କମିଟି ସଭାପତି ଅଜୟ ନାୟକଙ୍କ ପୌରୋହିତ୍ୟରେ 'ଉତ୍କଳୀୟ ସଂସ୍କୃତିରେ ବୈଶାଖୀ' ପ୍ରସଙ୍ଗ ଉପରେ ଏକ ସାରଗର୍ଭକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା । ମୁଖ୍ୟବକ୍ତା ଭାବେ ଓଡ଼ିଶା ସୁପରିଚିତ ଆଧ୍ୟାତ୍ମିକ ପ୍ରବକ୍ତା ପଣ୍ଡିତ ବୀରେନ୍ଦ୍ର କୁମାର ପଣ୍ଡା ଯୋଗଦେଇ ଉତ୍କଳୀୟ ପରମ୍ପରାରେ ବୈଶାଖ ମାସର ପବିତ୍ରତା, ଧାର୍ମିକତା ଓ ଆଧ୍ୟାତ୍ମିକତା ଉପରେ ଆଲୋକପାତ କରିବା ସହ ସମ୍ମିଳିତ ହେବାରେ ଜୀବନର ସାର୍ଥକତା ଥାଏ ବୋଲି କହିଥିଲେ । ମୁଖ୍ୟ ଅତିଥି ଭାବେ ଭଦ୍ରକ ଓକିଲ ସଂଘର ସଭାପତି ବରୁଣ ଚାନ୍ଦ ଯୋଗଦେଇ ବୈଶାଖ କେବଳ ଏକ ଋତୁ ପରିବର୍ତ୍ତନର ସଙ୍କେତ ନୁହେଁ, ବରଂ ଏହା ଆମ ଜୀବନ, ଜୀବିକା ଓ ଶ୍ରଦ୍ଧାପୂର୍ଣ୍ଣ ଚେତନା ସହ ସଂଶ୍ଳିଷ୍ଟ ବୋଲି ମତବ୍ୟକ୍ତ କରିଥିଲେ । ବରେଣ୍ୟ ଅତିଥି ଭାବେ ଭଦ୍ରକ ଓକିଲ ସଂଘ ସମ୍ପାଦକ ପୂର୍ଣ୍ଣଚନ୍ଦ୍ର ମହାନ୍ତି ପ୍ରମୁଖ ଯୋଗଦେଇ ବୈଶାଖୀ ସ୍ୱରରେ ଆମ ମାଟି ଓ ମନ ମହକିତ ହୋଇଛି ବୋଲି ମତପ୍ରକାଶ କରିଥିଲେ । ମେଳା କମିଟି ସଦସ୍ୟ ଅଧିବକ୍ତା ଗଦାଧର ବଳ, ଇଂ. ଅମ୍ବିକା ସ୍ୱାଇଁ, ସମ୍ପାଦକ ରୂପକ ବିହାରୀ ରାୟ, ସଦସ୍ୟା ବସୁମିତ୍ରା ସାହୁ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । ଅନ୍ୟମାନଙ୍କଅନ୍ୟମାନଙ୍କ ମଧ୍ୟରେ ତ୍ୟାଗଭୂମି ସମ୍ପାଦକ ଅଧିବକ୍ତା ଗଦାଧର ବଳ, ସୁଧାକର ରାଉତ, ଅଶୋକ ଦ୍ୱିବେଦୀ, ଶାନ୍ତିଲତା ନାୟକ, ବସୁମିତ୍ରା ସାହୁ, ଇଂ ଅମ୍ବିକା ବଲ୍ଲଭ ସ୍ୱାଇଁ, ମନୋରଞ୍ଜନ ଦାସ, ପଦ୍ମନ ରାୟ, ସୁଧାକର ରାଉତ, ଉମାକାନ୍ତ ପାଳ, ମଦନ ମୋହନ ନାୟକ, ମୁକ୍ତିକାନ୍ତ ନାୟକ, ବୈଲୋଚନ ବେହୁରିଆ, କୈଳାସ ମହାପାତ୍ର, ଅଶୋକ ମହାନ୍ତି ପ୍ରମୁଖ ଅଂଶଗ୍ରହଣ କରିଥିଲେ । ବୈଶାଖୀ ମଳର ସମ୍ପାଦକ ରୂପକ ବିହାରୀ ରାୟ ଧନ୍ୟବାଦ ଅର୍ପଣ କରିଥିଲେ । ସଭାପତି ଶ୍ରୀ ନାୟକ ଭବ୍ୟ ମେଳା ଆୟୋଜନରେ ସହଯୋଗ କରିଥିବା ବ୍ୟକ୍ତିବିଶେଷ, ବିଭିନ୍ନ ସଂସ୍ଥା, ଜିଲ୍ଲା ପ୍ରଶାସନ ଓ ଜନସାଧାରଣଙ୍କୁ କୃତଜ୍ଞତା ଜ୍ଞାପନ କରିବା ସହ ଆଗାମୀ ଦିନରେ ଏହି ମେଳାକୁ ଆହୁରି ବ୍ୟାପକ କରିବାକୁ ଆହ୍ୱାନ ଦେଇଥିଲେ । ଶେଷରେ ଓଡ଼ିଶା ସରକାରଙ୍କ ସଂସ୍କୃତି ବିଭାଗ ପକ୍ଷରୁ ମନୋଜ୍ଞ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା, ଯାହା ଦର୍ଶକଙ୍କୁ ବିମୋହିତ କରିଥିଲା । ଭଦ୍ରକର ଏହି ଭବ୍ୟ ଆୟୋଜନ ସହରର ସାଂସ୍କୃତିକ ଏକତାକୁ ଜାଗରୁକ କରିଛି ବୁଦ୍ଧିଜୀବୀ ମହଲରେ ମତପ୍ରକାଶ ପାଇଥିଲା ।

ଗୃହିଣୀ ; ଗୃହର ଲକ୍ଷ୍ମୀ, ଅର୍ଥର ସୁଦକ୍ଷା ପରିଚାଳିକା :

ମାତୃଶକ୍ତି ବନ୍ଦନ : ମା' ଓ ମାଟି ମହୋତ୍ସବ -୨୦୨୬ର ଚତୁର୍ଥ ସନ୍ଧ୍ୟା

ଭଦ୍ରକ,୮/୫(ନି/ପ୍ର): ଜଣେ ଗୃହିଣୀ ରୋଜଗାରହୀନା ଏବଂ ଅଯଥା ଖର୍ଚ୍ଚ କରି ଗୃହର ଆର୍ଥିକ ମେରୁଦଣ୍ଡକୁ ଦୋହଲାଇ ଦିଏ ;ଏକ ଭ୍ରାନ୍ତ ଧାରଣା । ବରଂ ଗୃହର ଆର୍ଥିକ ସମ୍ବଳ ସହ ଅନ୍ୟାନ୍ୟ ସମ୍ବଳକୁ ସଦୁପଯୋଗ ସହ ସଠିକ୍ ପରିଚାଳନା କରି ଗୃହଲକ୍ଷ୍ମୀ ସାଜିଥାଏ ବୋଲି ମାତୃଶକ୍ତି ବନ୍ଦନ: ମା' ଓ ମାଟି ମହୋତ୍ସବ କମିଟି ତଥା ଓଡ଼ିଶା ତେଜସ୍ୱିନୀ ମହିଳା ସଙ୍ଗଠନ, ଭଦ୍ରକ ଏବଂ ଭୂମି କନ୍ୟା ମହିଳା ସଙ୍ଗଠନ ଓଡ଼ିଶା, ଭଦ୍ରକ ଆନୁକୁଲ୍ୟରେ ଭଦ୍ରକ ସହର କଚେରୀ ବଜାର ସ୍ଥିତ ମନମୋହନ ସଂଗୀତ ପରିଷଦ ପଡ଼ିଆରେ ଆୟୋଜିତ ମାତୃଶକ୍ତି ବନ୍ଦନ: ମା' ଓ ମାଟି ମହୋତ୍ସବ -୨୦୨୬ ଚତୁର୍ଥ ସନ୍ଧ୍ୟାରେ ଅତିଥିମାନେ ମତବ୍ୟକ୍ତ କରିଛନ୍ତି । ଭୂମି କନ୍ୟା ମହିଳା ସଙ୍ଗଠନର ସଭାନେତ୍ରୀ ସଂଯୁକ୍ତା ବଳ ନାୟକଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଉକ୍ତ ସାରସ୍ୱତ ସନ୍ଧ୍ୟାରେ ଭଦ୍ରକର ଅତିରିକ୍ତ ଜିଲ୍ଲାପାଳ, ସରୋଜ କୁମାର ଦତ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ । ପ୍ରାକ୍ତନ ଓଡ଼ିଆ ପ୍ରାଧ୍ୟାପିକା ଭାନୁମତୀ ମାଟିଆ ମୁଖ୍ୟ ବକ୍ତା, ସେବା ନିବୃତ୍ତା ପ୍ରଧାନ ଶିକ୍ଷୟିତ୍ରୀ ସଂଯୁକ୍ତା ଯାଦବ, ସଂଗଠିକା ତଥା ସରକାରୀ ଅଧିବକ୍ତା ଅଞ୍ଜୁବାଳା ରାଉତ, ଉପଜିଲ୍ଲାପାଳଙ୍କ ବିଭାଗୀୟ ଅଧିକାରୀ ଜେମାମଣି ନାୟକ, ଓଡ଼ିଶା ତେଜସ୍ୱିନୀ ମହିଳା ସଙ୍ଗଠନ ସମ୍ପାଦିକା ଅଞ୍ଜନା ମିଶ୍ର,କବି ତଥା ସଂଗଠକ ନିର୍ମଳ ଚନ୍ଦ୍ର ବେହୁରିଆ ପ୍ରମୁଖ ସମ୍ମାନନୀୟ ଅତିଥି ଭାବେ ଯୋଗ ଦେଇଥିଲେ । ଭଦ୍ରକର ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ ତଥା ସମାଜ ସେବିକା ଅନ୍ନପୂର୍ଣ୍ଣା ଦେବୀଙ୍କ ସ୍ମୃତିରେ ଚତୁର୍ଥ ସନ୍ଧ୍ୟା ମଂଚକୁ ଉତ୍ସର୍ଗ କରାଯାଇଥିଲା । ଓଡ଼ିଶା ତେଜସ୍ୱିନୀ ମହିଳା ସଙ୍ଗଠନ ସଭାନେତ୍ରୀ କଳ୍ପନା ଜେନା ସ୍ୱାଗତ ଭାଷଣ, ଓ ଶିକ୍ଷୟିତ୍ରୀ ମନୋରମା ରାୟ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ମହୋତ୍ସବର ସହସମ୍ପାଦିକା ଚୈତାଳି ଖିଲାର ଅତିଥିମାନଙ୍କୁ ମଂଚ ନିମନ୍ତ୍ରଣ କରିଥିଲେ । ସାଂସ୍କୃତିକ ସମ୍ପାଦକ ରାମନାରାୟଣ ମହାନ୍ତି ସ୍ୱାଗତ ଭାଷଣ ସଂଗୀତ ପରିବେଷଣ କରିଥିଲେ ଓ ପ୍ରଧାନ ଶିକ୍ଷୟିତ୍ରୀ ଡ. ଜାନକୀ ପାଢ଼ୀ ଧନ୍ୟବାଦ ଅର୍ପଣ କରିଥିଲେ । ସଭାପତି ଇଂ. ଅଭୟ ସୂତାର,ସମ୍ପାଦକ ରବିନାରାୟଣ ଖିଲାର, ଆବାହକ ନୀହାର ରଞ୍ଜନ କର, ଅବସର ପ୍ରାପ୍ତ ପ୍ରଧାନ ଶିକ୍ଷୟିତ୍ରୀ ବିଜୟ ଲକ୍ଷ୍ମୀ ପଣ୍ଡା ପ୍ରମୁଖ ମଚଂ ଓ ମହୋତ୍ସବ ପରିଚାଳନା କରିଥିଲେ । ଏମ୍.ଏମ. ଡ୍ୟାନ୍ସ ଗ୍ରୁପ୍, ଭଦ୍ରକର କଳାକାର ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ ।

ଶୁଦ୍ଧିରେ ପୂଜା ପାଇଁ ୩ଟି କୁକୁଡା ଓ ଗୋଟିଏ ଛେଳି ଦେଲେ ଜିତୁ ମୁଣ୍ଡା

କେନ୍ଦୁଝର,୮/୫(ନି/ପ୍ର) :କାନ୍ଧରେ ଭଉଣୀର କଙ୍କାଳ ବୋହି ଘଟଣା ସାରା ଦେଶରେ ଚର୍ଚ୍ଚାର ପରିସରକୁ ଆସିଥିବା କେନ୍ଦୁଝର ଜିଲ୍ଲା ପାଟଣା ବ୍ଲକ ଡ଼ିଆନାଳି ଗାଁର ଜିତୁ ମୁଣ୍ଡା । ଯେତିକି ଚର୍ଚ୍ଚାର ପରିସରକୁ ଆସିଥିଲେ,ଏହି ଘଟଣା ଦ୍ୱାରା ନିଜର ଜ୍ଞାତି କୁଟୁମ୍ବ ଏବଂ ସମାଜ ଲୋକଙ୍କ ମଧ୍ୟରେ ନିନ୍ଦିତ ମଧ ହୋଇଥିଲେ । କଙ୍କାଳ ବୋହିଥିବା କାରଣରୁ ଶୁଦ୍ଧି ନହେଲେ ସମାଜରୁ ବାସନ୍ଦ କରିବାକୁ କହିବାରୁ ଜିତୁ ମୁଣ୍ଡାଙ୍କର ଅଡୁଆ ବଢ଼ିଥିଲା । ଶେଷରେ ଉପାୟଶୂନ୍ୟ ହୋଇ ଆଜି ଶୁଦ୍ଧି ହେବା ସହିତ, ନିଜ ଜ୍ଞାତି କୁଟୁମ୍ବଙ୍କୁ ଭୋଜି ଭାତରେ ଆପ୍ୟାୟିତ କରିଛନ୍ତି । ନିଜ ସମାଜରେ ସାମିଲ ହେବା ପାଇଁ ପାରମ୍ପରିକ ରୀତି, ନୀତି ଅନୁଯାୟୀ, ୩ଟି କୁକୁଡ଼ା ଓ ଗୋଟିଏ ଛେଳି ପୂଜା ପାଇଁ ଦେଇଛନ୍ତି ଜିତୁ ମୁଣ୍ଡା ।ଏସବୁ ପୂଜା ହେବା ପରେ ଭାତ, ଡାଲି, ଚିକେନ୍ ଓ ଖଟା ରାନ୍ଧି ଖାଇବାର ରହିଛି ପରମ୍ପରା । ପୂଜା ସମୟରେ ରୀତି, ନୀତି ଅନୁଯାୟୀ ପାରମ୍ପରିକ ପାନୀୟ ହାଣ୍ଡିଆ ପିଇଥାନ୍ତି ଲୋକେ । ଗାଁ ପୋଖରୀ ନିକଟରେ ଶୁଦ୍ଧିକ୍ରିୟା ହୋଇ ବୁଡ଼ ପକାଇବା ପରେ, ଘରେ ପହଚିଂ ହଳଦୀ ପାଣି ଛିଟିଂ ହୋଇ ଶୁଦ୍ଧି ହୋଇଛନ୍ତି ଜିତୁ ମୁଣ୍ଡା ଓ ପରିବାର ।ରାଜ୍ୟ ଜଙ୍ଗଲ ଓ ପରିବେଶ ମନ୍ତ୍ରୀ ଗଣେଶ ରାମସିଂ ଖୁଟିଂଆ ଡିଆନାଳୀ ଗ୍ରାମରେ ପହଚିଂ ଜିତୁ ମୁଣ୍ଡାଙ୍କୁ ଆଶ୍ୱାସନା ଦେବା ସହିତ, ତାଙ୍କ ଜ୍ଞାତି କୁଟୁମ୍ବଙ୍କୁ ଧୋତି ଏବଂ ଶାଢୀ ପ୍ରଦାନ କରିଛନ୍ତି । ଦୌଡି ଦୌଡି ନୟାନ୍ତ ହେବା ପରେ ମଧ ଶୁଣିନଥିଲା ବ୍ୟାଙ୍କ । ମୃତ୍ୟୁ ପ୍ରମାଣ ଦେବାକୁ ଭଉଣୀର କଙ୍କାଳକୁ ବ୍ୟାଙ୍କ ଆଣିଲା ଭାଇ । ଏହି ଘଟଣାକୁ ନେଇ ଖୁବ୍ ହଇଚଇ ପରେ ଚେତିଲା ପ୍ରଶାସନ । ଦୌଡି ଦୌଡି ନୟାନ୍ତ ହେବା ପରେ ମଧ ଶୁଣିନଥିଲା ବ୍ୟାଙ୍କ । ଖବର ପ୍ରସାରଣ ପରେ ବ୍ୟାଙ୍କ କର୍ତ୍ତୃପକ୍ଷଙ୍କ ଅଡୁଆ ବଢି ଥିଲା । ୨ ମାସ ତଳୁ ମୃତ୍ୟୁ ହୋଇଥିବା ଭଉଣୀର କଙ୍କାଳ ନେଇ ବ୍ୟାଙ୍କରେ ଭାଇ ପହଚିଂବା ପରେ ସାରା ଦେଶରେ ହଇଚଇ ସୃଷ୍ଟି କରିଥିଲା । ୧୯ ହଜାର ୩୦୦ ଟଙ୍କା ପାଇଁ ବ୍ୟାଙ୍କକୁ ଦୌଡି ଦୌଡି ନୟାନ୍ତ ହୋଇଥିଲେ ଜିତୁ ମୁଣ୍ଡା ।

ବିବିଧା

ଆଜିର ରାଶିଫଳ

ମେଷ: ଅଫିସ୍ କାର୍ଯ୍ୟ ପାଇଁ ଦୂରସ୍ଥାନକୁ ଯାତ୍ରା କରିପାରନ୍ତି। ସଫଳତା ପାଇବା ପାଇଁ କଠିନ ପରିଶ୍ରମ କରିବେ। ପରିବାର ସଦସ୍ୟଙ୍କ ସହିତ ଦିନଟି ହସଖୁସିରେ ଅତିବାହିତ ହେବ। ମାନ ସମ୍ମାନ ବୃଦ୍ଧି ପାଇବ।

ବୃଷ: ସାମାଜିକ କାର୍ଯ୍ୟକ୍ରମରେ ଭାଗନେବେ। ସଙ୍ଗୀତ ପ୍ରତି ରୁଚି ବଢ଼ିବ। ମହିଳାମାନେ ଘର କାର୍ଯ୍ୟରେ ବ୍ୟସ୍ତ ରହିବେ। ପ୍ରେମିକ-ପ୍ରେମିକାଙ୍କ ପାଇଁ ଦିନଟି ଭଲ। ବିଦ୍ୟାର୍ଥୀମାନେ କୃତକାର୍ଯ୍ୟ ହେବେ।

ମିଥୁନ: ଦିନଟି ଶୁଭଫଳ ପ୍ରଦାନ କରିବ। ଖର୍ଚ୍ଚ ବଢ଼ିପାରେ। ଯୋଜନା ମୁତାବକ କାମ କରନ୍ତୁ। ଅନ୍ୟମାନଙ୍କୁ ସାହାଯ୍ୟ କରି ପ୍ରଶଂସିତ ହୋଇପାରନ୍ତି। ନୂତନ ଯାନବାହନ କ୍ରୟଯୋଗ ରହିଛି।

କର୍କଟ: ଅଫିସ କାର୍ଯ୍ୟ ପାଇଁ ଦୂରସ୍ଥାନକୁ ଯାତ୍ରା କରିପାରନ୍ତି। ଯୋଜନା ମୁତାବକ କାମ କରନ୍ତୁ। ଆତ୍ମବିଶ୍ୱାସ ବୃଦ୍ଧି ପାଇବ। ବିଦ୍ୟାର୍ଥୀ ସଫଳତା ପାଇବା ପାଇଁ କଠିନ ପରିଶ୍ରମ କରିବେ।

ସିଂହ: ଯୋଗ ଓ ପ୍ରାଣାୟାମରୁ ଦିନଟି ଆରମ୍ଭ କରିବେ। ଅଚାନକ ଧନ ମିଳିବ। ଦାମ୍ପତ୍ୟ ଜୀବନ ସୁଖମୟ ହେବ। ନୂତନ ବ୍ୟବସାୟ ପାଇଁ ଭଲ ସମୟ। କଳା ଓ ସାହିତ୍ୟ ପ୍ରତି ରୁଚି ବଢ଼ିବ। ମାନସମ୍ମାନ ବୃଦ୍ଧି ପାଇବ।

କନ୍ୟା: ପୁରୁଣା ବନ୍ଧୁଙ୍କ ସହ ସାକ୍ଷାତ ହୋଇପାରେ। ଯୋଜନା ମୁତାବକ କାମ କରିବେ। ସକାରାତ୍ମକ ଚିନ୍ତା ଠିକ୍ ନିଷ୍ପତ୍ତି ନେବାରେ ସାହାଯ୍ୟ କରିବ। ଉଧାର ଦେଇଥିବା ଟଙ୍କା ଫେରି ପାଇବେ।

ତୁଳା: ଅଚାନକ ଖୁସିଖବର ପାଇବେ। ଦୀର୍ଘଦିନର ଆଶା ପୂରଣ ହେବ। ପରିବାର ସଦସ୍ୟଙ୍କ ସହିତ ସମୟ ଅତିବାହିତ ହେବ। ଅତ୍ୟଧିକ କାମକୁ ନେଇ ଚିନ୍ତା ବଢ଼ିପାରେ। ପେଟଜନିତ ସମସ୍ୟା ହୋଇପାରେ।

ବିଛା: ସାମାଜିକ କାର୍ଯ୍ୟକ୍ରମରେ ସାମିଲ ରହିବେ। ଲକ୍ଷ୍ୟ ପୂରା ହେବ। କଣ୍ଟ୍ରାକ୍ଟରଙ୍କ ପାଇଁ ଆଜି ଦିନଟି ବହୁତ ଭଲ। ପୁରୁଣା ନିବେଶରୁ ଲାଭ ମିଳିପାରେ। ପତିପତ୍ନୀଙ୍କ ମଧ୍ୟରେ ଭୁଲ ବୁଝାମଣା ହୋଇପାରେ।

ଧନୁ: ଆଜିର ଦିନରେ ବ୍ୟସ୍ତ ରହିପାରନ୍ତି। ଅଟକି ଥିବା ଧନ ଫେରି ପାଇବେ। ବିଦ୍ୟାର୍ଥୀ ଉଚ୍ଚଶିକ୍ଷା ପାଇଁ ବିଦେଶ ଯାତ୍ରା କରିପାରନ୍ତି। ଦାମ୍ପତ୍ୟ ଜୀବନ ସୁଖମୟ ହେବ। ଚକ୍ଷୁ ସମସ୍ୟା ଭୋଗି ପାରନ୍ତି।

ମକର: ଦିନଟି ସୁଖପ୍ରଦାନ କରିବ। ଭାବିଚିନ୍ତି ନିଷ୍ପତ୍ତି ନିଅନ୍ତୁ। ଆୟ ଅନୁସାରେ ଅଧିକ ଖର୍ଚ୍ଚ ହେବ। ଲୋକସମ୍ପର୍କ ବୃଦ୍ଧି ପାଇବ। ଅପ୍ରିୟସତ କହି ସମସ୍ୟାରେ ପଡ଼ିପାରନ୍ତି। ପ୍ରେମିକ-ପ୍ରେମିକାଙ୍କ ପାଇଁ ଦିନଟି ଭଲ।

କୁମ୍ଭ: ନୂତନ ବ୍ୟବସାୟ ଆରମ୍ଭ କରିବାକୁ ବର୍ତ୍ତମାନ ସମୟ ଅନୁକୂଳ। ଅଟକି ଥିବା କାମ ପୂରା ହେବ। ଅଚାନକ ଖୁସି ଖବର ମିଳିପାରେ। ଗୁରୁଜନଙ୍କ ଆଶୀର୍ବାଦ ନେଇ ନୂଆ କାମ ଆରମ୍ଭ କରିବେ।

ମୀନ: ସଫଳତା ପାଇବା ପାଇଁ କଠିନ ପରିଶ୍ରମ କରିବାକୁ ପଡ଼ିପାରେ। ଘର ପାଇଁ ମୂଲ୍ୟବାନ ସାମଗ୍ରୀ କିଣିବେ। ଅଯଥା ଖର୍ଚ୍ଚ କରିପାରନ୍ତି। ଆଇଟି କର୍ମଚାରୀଙ୍କ ପାଇଁ ଦିନଟି ଭଲ।

ଆଜିର ଇତିହାସ

- ୧୯୦୧- ଅଷ୍ଟ୍ରେଲିଆରେ ଲେବର ପାର୍ଟିର ସ୍ଥାପନା।
- ୧୯୨୧- ସ୍ୱିଡେନ୍‌ରେ ମୃତ୍ୟୁଦଣ୍ଡକୁ ଉଚ୍ଛେଦ କରାଗଲା।
- ୧୯୬୨- ରବୀନ୍ଦ୍ର ଭାରତୀ ବିଶ୍ୱବିଦ୍ୟାଳୟର ସ୍ଥାପନା।
- ୧୯୯୭- ଚୀନର ସଦର୍ଣ୍ଣ ଏୟାରଲାଇନ୍ସର ଫ୍ଲାଇଟ୍ ୩୪୫୬ ଦୁର୍ଘଟଣାଗ୍ରସ୍ତ ହେବାରୁ ୩୫ ଜଣଙ୍କ ପ୍ରାଣହାନି।
- ୧୯୯୯- ବାଂଲାଦେଶର ମେଘନା ନଦୀରେ ନୌକା ବୁଡ଼ିଯିବାରୁ ୩୦୦ ଲୋକଙ୍କ ମୃତ୍ୟୁ।

ବିଶ୍ୱ ରେଡ୍‌କ୍ରସ୍ ଦିବସ

ବିଶ୍ୱ ରେଡ୍‌କ୍ରସ୍ ଦିବସ ପ୍ରତିବର୍ଷ ମେ ୮ ତାରିଖରେ ପାଳନ କରାଯାଏ। ଅନ୍ତର୍ଜାତୀୟ ରେଡ୍‌କ୍ରସ୍ ଓ ରେଡ୍‌କ୍ରସ୍ ଆନ୍ଦୋଳନର ନୀତି ଓ ଆଦର୍ଶକୁ ସମସ୍ତଙ୍କ ପାଖରେ ପହଞ୍ଚାଇବା ସହ ସମସ୍ତଙ୍କ ପାଇଁ ମାନବିକ କାର୍ଯ୍ୟକୁ ପ୍ରାଥମିକତା ଦେବା ଲାଗି ଏହି ଦିବସର ପରିକଳ୍ପନା କରାଯାଇଛି। ସମାଜ ପ୍ରତି ରେଡ୍‌କ୍ରସ୍‌ର ଅବଦାନକୁ ସ୍ମରଣୀୟ କରିବା ଲାଗି ଏହାର ଅନ୍ତର୍ଜାତୀୟ କମିଟିର ପ୍ରତିଷ୍ଠାତା ଜିନ୍ ହେନେରି ଡୁନାଣ୍ଟଙ୍କ ଜନ୍ମ ଦିନ ମେ ୮ ତାରିଖରେ ଏହି ଦିବସ ପାଳନ କରାଯାଉଛି। ବିଶ୍ୱରେ ମାନବ କଲ୍ୟାଣ ପାଇଁ କୌଣସି ଭେଦଭାବ ନ କରି ସମସ୍ତଙ୍କୁ ସେବା ଯୋଗାଇ ଦେବା ପାଇଁ ରେଡ୍‌କ୍ରସ୍ ସୋସାଇଟି ଗଠନ କରାଯାଇଥିଲା। ଏହି ସଂଗଠନର ମୂଳ ଉଦ୍ଦେଶ୍ୟ ହେଉଛି କୌଣସି ଯୁଦ୍ଧ, ମହାମାରୀ କିମ୍ବା ପ୍ରାକୃତିକ ବିପର୍ଯ୍ୟୟ ସମୟରେ ଲୋକଙ୍କୁ ସୁରକ୍ଷା ଦେବା ଏବଂ ସେମାନଙ୍କୁ ଏକ ନୂଆ ଜୀବନ ଦେବା। ରେଡ୍‌କ୍ରସ୍‌ର ଅନ୍ତର୍ଜାତୀୟ କମିଟି ୧୮୬୩ ରେ ପ୍ରତିଷ୍ଠା କରାଯାଇଥିଲା। ଏହାର ମୁଖ୍ୟାଳୟ ସ୍ୱିଜରଲାଣ୍ଡର ଜେନେଭାରେ ଅବସ୍ଥିତ। ପ୍ରଥମ ବିଶ୍ୱଯୁଦ୍ଧ ପରେ ବିଶ୍ୱକୁ ଏକତା ସୂତ୍ରରେ ବାନ୍ଧି ରଖିବା ଓ ଶାନ୍ତି ପ୍ରତିଷ୍ଠା କରିବା ଉଦ୍ଦେଶ୍ୟରେ 'ରେଡ୍‌କ୍ରସ୍ ଟ୍ରୁସ୍' ଅଭିଯାନ ଆରମ୍ଭ କରାଯାଇଥିଲା। ସରକାରୀ ସ୍ତରରେ ରେଡ୍‌କ୍ରସ୍ ଦିବସର ନାମ ବଦଳାଇ ପରିବର୍ତ୍ତନ କରାଯିବା ପରେ ୧୯୮୪ରେ 'ୱାର୍ଲ୍ଡ ରେଡ୍‌କ୍ରସ୍ ଆଣ୍ଡ ରେଡ୍‌କ୍ରିସେଣ୍ଟ ଡେ' ରଖାଯାଇଥିଲା, ଯାହା ଏବେ ଏହି ନାମରେ ପାଳନ କରାଯାଉଛି। ହେନେରି ଡୁନାଣ୍ଟ ପିଲାଟି ଦିନରୁ ସମାଜସେବାରେ ନିଜକୁ ନିୟୋଜିତ କରିଥିଲେ। ସେ ମୃତ୍ୟୁ ପର୍ଯ୍ୟନ୍ତ ସମାଜସେବା ପାଇଁ ନିଜ ଜୀବନକୁ ଉତ୍ସର୍ଗ କରିଥିଲେ। ବିଶେଷକରି ପ୍ରାକୃତିକ ବିପର୍ଯ୍ୟୟ ଓ ଯୁଦ୍ଧରେ ପ୍ରଭାବିତ ଲୋକଙ୍କୁ ସାହାଯ୍ୟ କରିବା ସହ ବିଭିନ୍ନ ପ୍ରକାର ଦୁର୍ଘଟଣାରେ ପୀଡ଼ିତ ଲୋକଙ୍କୁ ସାହାଯ୍ୟ ଯୋଗାଇବା ଉଦ୍ଦେଶ୍ୟରେ ସେ ରେଡ୍‌କ୍ରସ୍ ଗଠନ କରିଥିଲେ। ୧୯୦୧ରେ ପ୍ରଥମେ ତାଙ୍କୁ ନୋବେଲ ଶାନ୍ତି ପୁରସ୍କାର ଦିଆଯାଇଥିଲା। ଭାରତରେ ୧୯୨୦ ମସିହାରେ ଦିଲ୍ଲୀଠାରେ ପ୍ରଥମ ଥର ପାଇଁ ଇଣ୍ଡିଆନ୍ ରେଡ୍‌କ୍ରସ୍ ସୋସାଇଟି ଗଠନ କରାଯାଇଥିଲା। ସେବେଠାରୁ ଦେଶର ସମସ୍ତ ବିପର୍ଯ୍ୟୟରେ ରେଡ୍‌କ୍ରସ୍‌ର ସ୍ୱେଚ୍ଛାସେବୀମାନେ ସେବା ଯୋଗାଇ ଆସୁଛନ୍ତି। ସ୍ୱେଚ୍ଛାସେବୀମାନଙ୍କର ତ୍ୟାଗ, ନିଷ୍ଠା ଓ ନିରବଚ୍ଛିନ୍ନ ସେବା ଯୋଗୁଁ ଆଜି ବିଶ୍ୱର ପ୍ରାୟ ସବୁ ଦେଶରେ ରେଡ୍‌କ୍ରସ୍ ଜନସେବାରେ କାର୍ଯ୍ୟରତ।

'କିଙ୍ଗ୍' ଦୀପିକା-ଶାହାରୁଖ୍‌ଙ୍କ ଭିଡିଓ ଲିକ୍



ଶାହାରୁଖ୍ ଖାନ୍ ଓ ଦୀପିକା ପାଦୁକୋନ୍‌ଙ୍କ ଯୋଡ଼ି ବଲିଉଡ୍‌ର ଏକ ଆଇକନିକ୍ ଯୋଡ଼ି ଭାବେ ଜଣାଯାଏ। 'ଓମ୍ ଶାନ୍ତି ଓମ୍', 'ଚେନ୍ନାଇ ଏକ୍ସପ୍ରେସ୍', 'ହ୍ୟାପି ନ୍ୟୁ ଇୟର୍' ଫିଲ୍ମ ପରେ ଏହି ଯୋଡ଼ି ଏବେ 'କିଙ୍ଗ୍'ରେ ଦେଖାଯିବେ। ଝିଅ ଦୁଆ ଜନ୍ମ ହେବା ପରେ ଏହା ଦୀପିକାଙ୍କ ପ୍ରଥମ ଫିଲ୍ମ ହେବ। ଏହି ଫିଲ୍ମ ଘୋଷଣା ହେବା ଠାରୁ ଏହା ସାମାଜିକ ଗଣମାଧ୍ୟମରେ ଟ୍ରେଣ୍ଡ କରୁଛି। ଏଥିରେ ଶାହାରୁଖ୍‌ଙ୍କ ସହ ତାଙ୍କ ଝିଅ ସୁହାନା ଖାନ୍ ବି ନଜର ଆସିବେ। 'କିଙ୍ଗ୍'ର ସୁଟିଂ ଏବେ ଦକ୍ଷିଣ ଆଫ୍ରିକାର କେପ୍‌ଟାଉନ୍‌ରେ ଚାଲିଛି। ଇତିମଧ୍ୟରେ ଫିଲ୍ମର ସେଟ୍‌ରୁ ଏକ ଭିଡିଓ ଲିକ୍ ହୋଇଛି। ଏହାପୂର୍ବରୁ ଏହି ସେଟ୍‌ରୁ କିଛି ଫଟୋ ମଧ୍ୟ ଭାଇରାଲ ହୋଇଥିଲା। ନିର୍ଦ୍ଦେଶକ ସିଦ୍ଧାର୍ଥ ଆନନ୍ଦ ଏହି ଫଟୋଗୁଡ଼ିକ ସେୟାର୍ ନ କରିବା ପାଇଁ ଅନୁରୋଧ କରିଥିଲେ। ଲିକ୍ ହୋଇଥିବା ଭିଡିଓରେ ଶାହାରୁଖ୍ ଓ ଦୀପିକା ସମୁଦ୍ର କୂଳରେ ସୂର୍ଯ୍ୟାସ୍ତ ସମୟରେ ଏକ ରୋମାଣ୍ଟିକ୍ ସିନ୍‌ର ସୁଟ୍ କରୁଛନ୍ତି। ଦୀପିକା ଏକ ଧଳା ରଙ୍ଗର ଗାଉନ୍ ପିନ୍ଧିଥିବାବେଳେ ଶାହାରୁଖ୍ ଏକ ଡେକ୍ ସାର୍ଟ ସହ ଟ୍ରାଉଜର୍ ପିନ୍ଧିଛନ୍ତି। ସିଦ୍ଧାର୍ଥ କୌଣସି ଗୀତର ସୁଟ୍ କରୁଥିବା ଦର୍ଶକେ ଅନୁମାନ କରୁଛନ୍ତି। 'କିଙ୍ଗ୍'ରେ ଦୀପିକା ସୁହାନାଙ୍କ ମା' ଭୂମିକାରେ ନଜର ଆସିବେ ବୋଲି ଚର୍ଚ୍ଚା ହେଉଛି। ହେଲେ ଏନେଇ ଫିଲ୍ମ ନିର୍ମାତା ବିଧିବଦ୍ଧ ଭାବେ କିଛି କହି ନାହାନ୍ତି। 'କିଙ୍ଗ୍'ରେ ଦୀପିକା, ଶାହାରୁଖ୍‌ଙ୍କ ବ୍ୟତୀତ ଅଭିଷେକ ବଚ୍ଚନ, ରାଣୀ ମୁଖାର୍ଜୀ, ଅଭିଷେକ ବଚ୍ଚନ, ଅରଶଦ ୱର୍ସି, ଅନୀଲ କପୁର, ଅଭୟ ବର୍ମା ପ୍ରମୁଖ ନଜର ଆସିବେ। ଅଭିଷେକ ବଚ୍ଚନ ଏଥିରେ ଖଳନାୟକ ଭାବେ ଦେଖାଯିବେ।

ବିଶ୍ୱ ଥାଲାସେମିଆ ଦିବସ

ଥାଲାସେମିଆ ରୋଗ ବିରୋଧରେ ସଚେତନତା ସୃଷ୍ଟି କରିବା ଉଦ୍ଦେଶ୍ୟରେ ପ୍ରତିବର୍ଷ ମେ ୮ ତାରିଖରେ ବିଶ୍ୱ ଥାଲାସେମିଆ ଦିବସ ପାଳିତ ହେଉଛି। ଥାଲାସେମିଆ ଏକ ବଂଶଗତ ରକ୍ତ ରୋଗ, ଯେଉଁଥିରେ ଶରୀରରେ ସ୍ୱାଭାବିକଠାରୁ କମ୍ ହିମୋଗ୍ଲୋବିନ୍ ପ୍ରସ୍ତୁତ ହୁଏ। ଏହା ପିତାମାତାଙ୍କଠାରୁ ପିଲାଙ୍କୁ ଆସିଥାଏ ଏବଂ ଏଥିଯୋଗୁଁ ରକ୍ତହୀନତା ଓ ଥକାପଣ ଦେଖାଦିଏ। ସାଧାରଣତଃ ଦୁଇ ପ୍ରକାରର ଥାଲାସେମିଆ ସମସ୍ୟା ରହିଛି। ଏହାକୁ ଆଲ୍‌ଫା ଏବଂ ବିଟା ଭାବେ ନାମିତ କରାଯାଇଛି। ଲୋହିତ ରକ୍ତ କଣିକା ଶରୀରର ସମସ୍ତ କୋଷକୁ ଅମ୍ଳଜାନ ଯୋଗାଇଥାଏ। ଯେତେବେଳେ ପର୍ଯ୍ୟାପ୍ତ ଲୋହିତ ରକ୍ତକଣିକା ନ ଥାଏ, ଶରୀରର ଅନ୍ୟ ସମସ୍ତ କୋଷକୁ ପର୍ଯ୍ୟାପ୍ତ ପରିମାଣର ଅମ୍ଳଜାନ ମିଳିପାରେ ନାହିଁ। ଏହି କାରଣରୁ ଦୁର୍ବଳ ଲାଗିବା, ଥକ୍କା ଅନୁଭବ କରିବା, ପେଟରେ ଯନ୍ତ୍ରଣା, ତ୍ୱଚା ହଳଦିଆ ପଡ଼ିବା ଆଦି ସମସ୍ୟା ଦେଖାଯାଏ। ଏହା ରକ୍ତହୀନତାର ଏକ ଅବସ୍ଥା। ଗୁରୁତର ରକ୍ତହୀନତା ଶରୀରର ଅଙ୍ଗଗୁଡ଼ିକ କ୍ଷତି ପହଞ୍ଚାଇବା ସହ ଏହା ମୃତ୍ୟୁର କାରଣ ହୋଇପାରେ। ସାଧାରଣତଃ ସୁସ୍ଥ ମନୁଷ୍ୟ ଶରୀରରେ ଲୋହିତ ରକ୍ତ କଣିକା ୧୨୦ ଦିନ ପର୍ଯ୍ୟନ୍ତ ରହିଥାଏ। ମାତ୍ର ଥାଲାସେମିଆରେ ଆକ୍ରାନ୍ତ ହେଲେ ଏହି ଲୋହିତ ରକ୍ତ କଣିକା ୨୦ ଦିନ ପର୍ଯ୍ୟନ୍ତ ରହେ। ଏହି ରୋଗରେ ଶିକାର ରୋଗୀଙ୍କୁ ଅନେକ କ୍ଷେତ୍ରରେ ରକ୍ତର ଆବଶ୍ୟକତା ପଡ଼ିଥାଏ। ଥାଲାସେମିଆ ରୋଗୀ ପ୍ରଚୁର ପରିମାଣରେ ଆଇରନ୍, ଫଲିକ୍ ଏସିଡ୍ ଖାଦ୍ୟରେ ଖାଇବା ସହ ନିୟମିତ ହିମୋଗ୍ଲୋବିନ୍ ପରୀକ୍ଷା କରାଇବା ଉଚିତ୍। ସେହିଭଳି ବିବାହ ପୂର୍ବରୁ ଏବଂ ଗର୍ଭାବସ୍ଥାରେ ପରୀକ୍ଷା କରାଇ ଏହାକୁ ରୋକାଯାଇ ପାରିବ। ଅଧିକାଂଶ କ୍ଷେତ୍ରରେ ଥାଲାସେମିଆର ସ୍ଥାୟୀ ଚିକିତ୍ସା ସମ୍ଭବ ନୁହେଁ। ଏହି ରୋଗରେ ବୋନ୍ ମ୍ୟାରୋ ଷ୍ଟେମ୍ ସେଲ୍ ଟ୍ରାନ୍ସପ୍ଲାଣ୍ଟ ଅତ୍ୟନ୍ତ ଉପଯୋଗୀ ହୋଇପାରେ। ଟ୍ରାନ୍ସପ୍ଲାଣ୍ଟର ଆବଶ୍ୟକତା ଥିବା ପ୍ରାୟ ୨୫ ରୁ ୩୦% ରୋଗୀ ନିଜ ପରିବାରରୁ ଏପରି ଦାତା ପାଇଥାନ୍ତି, କିନ୍ତୁ ଅବଶିଷ୍ଟ ପୀଡ଼ିତଙ୍କୁ ଟ୍ରାନ୍ସପ୍ଲାଣ୍ଟ ପାଇଁ ବାହ୍ୟ ଦାତାଙ୍କ ଉପରେ ନିର୍ଭର କରିବାକୁ ପଡିଥାଏ। ଯାହା ସହଜ କଥା ନୁହେଁ। ଏହି କାରଣରୁ, ଥାଲାସେମିଆରେ ପୀଡ଼ିତ ଏପରି ଲୋକଙ୍କୁ ବିବାହ ପୂର୍ବରୁ ଏବଂ ସନ୍ତାନ ଯୋଜନା କରିବା ପୂର୍ବରୁ ଆବଶ୍ୟକ ପରୀକ୍ଷା କରିବାକୁ କୁହାଯାଏ। ବାସ୍ତବରେ, ଯଦି ମାତା କିମ୍ବା ପିତାଙ୍କର ଜଣେ କିମ୍ବା ଉଭୟଙ୍କର ଥାଲାସେମିଆ ଥାଏ, ତେବେ ଶିଶୁର ଏହି ରୋଗ ହେବାର ସମ୍ଭାବନା ଯଥେଷ୍ଟ ବୃଦ୍ଧି ପାଇଥାଏ। ଉଚିତ ସମୟରେ ଥାଲାସେମିଆ ରୋଗୀଙ୍କ ଚିକିତ୍ସା କରା ନ ଗଲେ ରୋଗୀ ମୃତ୍ୟୁମୁଖରେ ପଡ଼ିପାରନ୍ତି। 'ବିଶ୍ୱ ଥାଲାସେମିଆ ଦିବସ' ପାଳନ କରିବାର ପଦକ୍ଷେପ ପ୍ରଥମେ ୧୯୯୪ ମସିହାରେ ଥାଲାସେମିଆ ଅନ୍ତର୍ଜାତୀୟ ଫେଡେରେସନ ଦ୍ୱାରା କରାଯାଇଥିଲା। ଏହି ଦିବସ ପାଳନ ଅବସରରେ ଜାତୀୟ, ଅନ୍ତର୍ଜାତୀୟ, ସରକାରୀ ତଥା ଅଣ-ସରକାରୀ ସ୍ୱାସ୍ଥ୍ୟ ସଂଗଠନଗୁଡ଼ିକ ଦ୍ୱାରା ବିଭିନ୍ନ ପ୍ରକାରର କାର୍ଯ୍ୟକ୍ରମ ଏବଂ ସ୍ୱାସ୍ଥ୍ୟ ଶିବିରର ଆୟୋଜନ କରାଯାଏ।

'ସକାଳ'ର ସ୍ୱାସ୍ଥ୍ୟ

ଘାତକ ମିଳିମିଳା

କାରଣ, ଲକ୍ଷଣ ଏବଂ ସତର୍କତା

ଗ୍ରୀଷ୍ମଋତୁରେ ସାଧାରଣତଃ ଅନେକ ଜୀବାଣୁଜନିତ ରୋଗ ବ୍ୟାପିଥାଏ, ସେଥିମଧ୍ୟରୁ 'ମିଳିମିଳା' ହେଉଛି ଅନ୍ୟତମ। ଏହା ପାରାମିକ୍ସୋ (Paramyxo) ଜୀବାଣୁ ଦ୍ୱାରା ବ୍ୟାପୁଥିବା ଏକ ଘାତକ ସଂକ୍ରାମକ ରୋଗ। ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ମଧ୍ୟ ଏହି ରୋଗକୁ ନେଇ ସତର୍କ କରାଇଛନ୍ତି। ନିକଟରେ ବାଂଲାଦେଶରେ ମିଳିମିଳାକୁ ନେଇ ସାରା ବିଶ୍ୱରେ ଆତଙ୍କ ଜାରି ରହିଛି। ବିଶେଷ କରି ଛୋଟ ପିଲା, ଯେଉଁମାନଙ୍କର ରୋଗପ୍ରତିରୋଧକ ଶକ୍ତି କମ୍ ଥାଏ ଏବଂ ଭିଟାମିନ୍ ଏ ର ଅଭାବ ଥାଏ, ସେମାନଙ୍କ ପାଇଁ ଏହି ରୋଗ ଅଧିକ ବିପଜ୍ଜନକ। ତେଣୁ ଏହି ରୋଗ ବିଷୟରେ ସଠିକ୍ ତଥ୍ୟ ଜାଣିବା ଏବଂ ସତର୍କ ରହିବା ଏକାନ୍ତ ଆବଶ୍ୟକ।

ମିଳିମିଳା ମୁଖ୍ୟତଃ ବାୟୁ ମାଧ୍ୟମରେ ଖୁବ୍ ଶୀଘ୍ର ବ୍ୟାପିଥାଏ। ଜଣେ ସଂକ୍ରମିତ ରୋଗୀ ଛିଙ୍କିବା, କାଶିବା ବା ଛେପ ପକାଇବା ସମୟରେ ବାହାରୁଥିବା କ୍ଷୁଦ୍ର କଣିକା (Droplets) ମାଧ୍ୟମରେ ଏହି ଜୀବାଣୁ ଅନ୍ୟ ସୁସ୍ଥ ଲୋକଙ୍କ ଶରୀରରେ ପ୍ରବେଶ କରିଥାଏ। ଏହି ଜୀବାଣୁ ଶରୀରରେ ପ୍ରବେଶ କରିବାର ୧୦ରୁ ୧୨ ଦିନ ମଧ୍ୟରେ ରୋଗର ଲକ୍ଷଣ ପ୍ରକାଶ ପାଏ। ଏହାର ପ୍ରମୁଖ ଲକ୍ଷଣଗୁଡ଼ିକ ହେଲା- ପ୍ରବଳ ଜ୍ୱର ଏବଂ ଶରୀରରେ ଯନ୍ତ୍ରଣା ହେବା, ଆଖି ନାଲି ପଡ଼ିବା ଏବଂ ଫୁଲିବା, ଗଳା ସଂକ୍ରମଣ ହେବା, ପାଟି ଭିତରେ ଧଳା ଦାଗ ଦେଖାଯିବା, ପୂରା ଶରୀରରେ ନାଲି ରଙ୍ଗର ଦାନା ବାହାରିବା।

ରୋଗର ଜଟିଳତା: ସମୟ ପୂର୍ବରୁ ଚିକିତ୍ସା ନହେଲେ ମିଳିମିଳା ଭୟଙ୍କର ରୂପ ନେଇପାରେ। ଏହାଦ୍ୱାରା ନିମୋନିଆ, ଡାଇରିଆ, ଦୃଷ୍ଟିଶକ୍ତି ହ୍ରାସ ପାଇବା, ମସ୍ତିଷ୍କ ସଂକ୍ରମଣ ଭଳି ଗମ୍ଭୀର ସ୍ୱାସ୍ଥ୍ୟ ସମସ୍ୟା ସୃଷ୍ଟି ହୋଇପାରେ। ତେଣୁ ଲକ୍ଷଣ ଦେଖାଦେବା ମାତ୍ରେ ବିଳମ୍ବ ନ କରି ଡାକ୍ତରଙ୍କ ସହିତ ଯୋଗାଯୋଗ କରନ୍ତୁ ଏବଂ ଆବଶ୍ୟକ ରକ୍ତ ପରୀକ୍ଷା କରାନ୍ତୁ।

ପ୍ରତିକାର ଏବଂ ସତର୍କତା

ଏହି ରୋଗରୁ ବର୍ତ୍ତିବାର ସବୁଠାରୁ ଶ୍ରେଷ୍ଠ ଓ ଫଳପ୍ରଦ ଉପାୟ ହେଉଛି ଟିକାକରଣ। ପିଲାମାନଙ୍କୁ ସଠିକ୍ ସମୟରେ ମିଳିମିଳା ଟିକା ନିଶ୍ଚିତ ଭାବରେ ଦିଅନ୍ତୁ। ଆକ୍ରାନ୍ତ ବ୍ୟକ୍ତିଙ୍କ ସଂସ୍ପର୍ଶରେ ଆସିବାରୁ ବିରତ ରୁହନ୍ତୁ। ରୋଗୀଙ୍କୁ ସୁସ୍ଥ ବ୍ୟକ୍ତି ବିଶେଷ କରି ଗର୍ଭବତୀ ମହିଳା ଓ ଛୋଟ ପିଲାଙ୍କଠାରୁ ଅଲଗା ରଖିବା ଉଚିତ। ରୋଗୀଙ୍କୁ ପର୍ଯ୍ୟାପ୍ତ ବିଶ୍ରାମ ନେବାକୁ ଦିଅନ୍ତୁ। ଶରୀରରେ ଜଳୀୟାଂଶ ସଠିକ୍ ରଖିବା ପାଇଁ ପ୍ରଚୁର ପରିମାଣରେ ପାଣି, ସରବତ ଏବଂ ଫଳ ରସ ପିଇବାକୁ ଦିଅନ୍ତୁ। ତେଲ ଏବଂ ମସଲାଯୁକ୍ତ ଖାଦ୍ୟ ବଦଳରେ ସହଜରେ ହଜମ ହେଉଥିବା ହାଲୁକା ଓ ପୁଷ୍ଟିକର ଖାଦ୍ୟ ଖାଇବାକୁ ଦିଅନ୍ତୁ।

ଘର ବଇଦ

ମୂତ୍ରରୋଧର ଉପଚାର

- ଅଶ୍ୱଗନ୍ଧା ଗଛର ରସ ଦୁଇ ଚାମଚ ଖାଇବେ।
- କାକୁଡ଼ିମଞ୍ଜି ଦୁଇ ତୋଳା ଅଳ୍ପ ସୈନ୍ଧବ ଲବଣ ମିଶାଇ ଖାଇଲେ ମୂତ୍ରରୋଧ ଦୂର ହୁଏ।
- କାକୁଡ଼ି ମଞ୍ଜି, କଦଳୀଚିନି ଓ ସୋରାଖାର ମୁଳି ପାଣିରେ ବାଟି ତଳିପେଟରେ ଲେପ ଦେଲେ ପରିଷ୍କାର ହୁଏ।
- ପିଆଜକୁ ବାଟି ତଳି ପେଟରେ ଲେପ ଦେଲେ ମୂତ୍ରରୋଧ ନିବୃତ୍ତ ହୁଏ।
- କଲମୀ ସୋରା ଏକ ଭାଗ, ପିଟିକିରି ଅର୍ଦ୍ଧଭାଗ ଏକତ୍ର କରି ଗୁଣ୍ଡ କରେଇରେ ରଖି ନିଆଁରେ ବସାଇବେ। ତରଳିଗଲେ ତଳାରୁ ବାହାର କରି ମର୍ଦ୍ଦନ କରି ଶିଶିରେ ରଖିବେ। ମାତ୍ରା–ଅଧତୋଳା ଖାଇ ଗରମ ପାଣି ପିଇଲେ ୧୦/୧୫ ମିନିଟ୍‌ରେ ପରିଷ୍କାର ହୁଏ।

(ଲକ୍ଷ୍ମଣ ମିଶ୍ରଙ୍କ ଦ୍ୱାରା ଲିଖିତ ପୁସ୍ତକରୁ ଉଦ୍ଧୃତ)

ଗାଲାକ୍ଟୋରିଆ

ଗର୍ଭଧାରଣ ପ୍ରତ୍ୟେକ ମହିଳାଙ୍କ ପାଇଁ ଏକ ଅମୂଲ୍ୟ ଅନୁଭୂତି। ଆସନ୍ନ ପ୍ରସବା ଓ ପ୍ରସୂତୀଙ୍କ ଶରୀରରେ ଅନେକ ପରିବର୍ତ୍ତନ ଦେଖାଦେଇଥାଏ। ପ୍ରୋଲାକ୍ଟିନ୍ ହରମୋନ୍ ବୃଦ୍ଧି ଯୋଗୁଁ ଏହି ସମୟରେ ସ୍ତନରେ ଦୁଗ୍ଧ ସଂଚାର ହୋଇଥାଏ। ହେଲେ ୨୦ରୁ ୨୫% ମହିଳାଙ୍କର ବିନା ଗର୍ଭଧାରଣରେ ବି ସ୍ତନରୁ ଅସ୍ୱାଭାବିକ ଭାବେ କ୍ଷୀର ନିର୍ଗତ ହୁଏ। ଏହା କୌଣସି ରୋଗ ନ ହେଲେ ବି ଶାରୀରିକ ସମସ୍ୟାର ସଙ୍କେତ ଦେଇଥାଏ। ଡାକ୍ତରୀ ଭାଷାରେ ଏହାକୁ ଗାଲାକ୍ଟୋରିଆ କୁହାଯାଏ।

ପ୍ରୋଲାକ୍ଟିନ୍ ପିଟ୍ୟୁଟାରି ଗ୍ରନ୍ଥିରୁ ନିର୍ଗତ ଏକ ଗୁରୁତ୍ୱପୂର୍ଣ୍ଣ ହରମୋନ୍। ଏହି ହରମୋନ୍ ଗର୍ଭାବସ୍ଥା ସମୟରେ ସ୍ତନ ଟିସୁର ବିକାଶ ଏବଂ ସ୍ତନ୍ୟପାନ ପାଇଁ ସ୍ତନକୁ ପ୍ରସ୍ତୁତ କରିବାରେ ସାହାଯ୍ୟ କରେ। ହେଲେ ବିନା ଗର୍ଭଧାରଣ ବ୍ୟତୀତ ଯେଉଁମାନଙ୍କ ଶରୀରରେ ପ୍ରୋଲାକ୍ଟିନ୍ ହରମୋନ୍ ମାତ୍ରାଧିକ ବଢ଼ିଯାଏ, ସେମାନଙ୍କଠାରେ ଗାଲାକ୍ଟୋରିଆ ଦେଖାଯାଏ। ଅତ୍ୟଧିକ ଚିନ୍ତା, ଅବସାଦ, ହରମୋନ୍ ଅସନ୍ତୁଳନ, ଦୀର୍ଘ ସମୟ ଧରି ଉଚ୍ଚ ରକ୍ତଚାପ, ବାନ୍ତି ଓ ଜନ୍ମନିୟନ୍ତ୍ରଣ ଔଷଧ ସେବନର ପାର୍ଶ୍ୱପ୍ରତିକ୍ରିୟା ଏହାର ଏକ ପ୍ରମୁଖ କାରଣ ହୋଇପାରେ। ହାଇପୋଥାଇରଏଡ୍ ରୋଗ, ଆଇରଏଡ୍, ନିଦ୍ରାହୀନତା ଆଦି ଗାଲାକ୍ଟୋରିଆ ହେବାର ମଧ୍ୟ ଅନ୍ୟାନ୍ୟ କାରଣ। ତେଣୁ ଗାଲାକ୍ଟୋରିଆ ହେଲେ ମାସିକ ଋତୁସ୍ରାବ ଅନିୟମିତ ହେବା ସହ ଗର୍ଭଧାରଣରେ ସମସ୍ୟା ହୁଏ। ସ୍ତନ କୋଷ ବଢ଼ିଯିବା, କେଶ ଝଡ଼ିବା, ବିଚଳିତ ଲାଗିବା, ଗର୍ଭଧାରଣ ନ କରିବା ସତ୍ତ୍ୱେ ବି ସ୍ତନରୁ ଅସ୍ୱାଭାବିକ ଭାବେ କ୍ଷୀର ଆସିବା, ମୁଣ୍ଡ ବିନ୍ଧିବା ଏବଂ ଯୌନ ଇଚ୍ଛା କମିଯିବା ପରି ଲକ୍ଷଣ ଦେଖା ଯାଇଥାଏ।

ଏହି ରୋଗର ସଠିକ୍ କାରଣ ଜାଣିବା ପାଇଁ ଡାକ୍ତରଙ୍କ ପରାମର୍ଶରେ ଏମ୍ଆରଆଇ, ପ୍ରୋଲାକ୍ଟିନ୍ ଏବଂ ଟିଏସ୍ଏଚ୍ (ଥାଇରଏଡ୍) ପରୀକ୍ଷା ପାଇଁ ରକ୍ତ ପରୀକ୍ଷା କରାଯାଏ। ରୋଗର କାରଣ ଉପରେ ଚିକିତ୍ସା ନିର୍ଭର କରିଥାଏ। ଏହାସହ ଜୀବନଶୈଳୀରେ ପରିବର୍ତ୍ତନ ଆଣିବା ଏକାନ୍ତ ଆବଶ୍ୟକ। ଯେପରିକି ଟାଇଟ୍ ପୋଷାକ ଓ ଅନ୍ତଃବସ୍ତ୍ର ପିନ୍ଧିବା ଅନୁଚିତ। ଚିନ୍ତାମୁକ୍ତ ରହିବା ସହ ଦିନକୁ ୭ରୁ ୮ ଘଣ୍ଟା ଶୋଇବା, ହରମୋନ୍ ଅସନ୍ତୁଳନ ପାଇଁ ଉପଯୁକ୍ତ ଔଷଧ ସେବନ କରିବା ଏକାନ୍ତ ଆବଶ୍ୟକ। ସ୍ତନରୁ ଅଠାଳିଆ ପାଣି, ହଳଦିଆ କିମ୍ବା ରକ୍ତ ମିଶାତରଳ ବାହାରୁଥିଲେ ତୁରନ୍ତ ଡାକ୍ତରଙ୍କୁ ଯୋଗାଯୋଗ କରିବା ଆବଶ୍ୟକ। କାରଣ ଏହା ସ୍ତନ କର୍କଟର ଲକ୍ଷଣ ମଧ୍ୟ ହୋଇପାରେ।

ମେଟଫର୍ମିନର ପାର୍ଶ୍ୱ ପ୍ରତିକ୍ରିୟା

ଆଜିକାଲି ଘରେ ଘରେ ମଧୁମେହ ରୋଗୀ। ମଧୁମେହ ପାଇଁ ରୋଗୀମାନେ ବିଭିନ୍ନ ପ୍ରକାର ଟାବଲେଟ୍ ଏବଂ ଇନସୁଲିନ୍ ବ୍ୟବହାର କରିଥାନ୍ତି। ଔଷଧଗୁଡ଼ିକ ମୁଖ୍ୟତଃ ଆଗ୍ନ୍ୟାଶୟରୁ ଇନସୁଲିନ୍ କ୍ଷରଣ କରିବାରେ ସାହାଯ୍ୟ କରିଥାଏ। ତେବେ ରୋଗୀମାନଙ୍କ ବ୍ୟବହାର ପାଇଁ କିଛି ଔଷଧକୁ ଅନୁମତି ଦିଆଯାଇଛି। ସେମିତି ଏକ ଔଷଧ ହେଉଛି ମେଟଫର୍ମିନ। ମେଟଫର୍ମିନ ଟାଇପ୍ ୨ ମଧୁମେହ ଚିକିତ୍ସା ପାଇଁ ସବୁଠୁ ଅଧିକ ବ୍ୟବହାର କରାଯାଉଥିବା ଔଷଧ। ଏହା ଶରୀରରେ ରକ୍ତ ଶର୍କରାସ୍ତରକୁ ନିୟନ୍ତ୍ରଣ କରିବାରେ ସାହାଯ୍ୟ କରେ। ପ୍ରାକ୍ ମଧୁମେହ ହେବାରୁ ସୁରକ୍ଷା ଦେବା ସହ ଓଜନ ନିୟନ୍ତ୍ରଣ କରିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିଭାଏ। ଏହାସହ ପିସିଓଏସ୍ ପୀଡ଼ିତ ମହିଳାଙ୍କଠାରେ ମାସିକ ଋତୁସ୍ରାବକୁ ନିୟମିତ କରିବା ଏବଂ ଇନସୁଲିନ୍ ପ୍ରତିରୋଧକୁ କମ୍ କରିବା ପାଇଁ ଏହା ଉପଯୋଗୀ। ମେଟଫର୍ମିନକୁ ଖାଇବା ସହିତ କିମ୍ବା ଖାଇବା ପରେ ନେବା ଉଚିତ। ତେବେ ମେଟଫର୍ମିନ ସେବନର କିଛି ପାର୍ଶ୍ୱ ପ୍ରତିକ୍ରିୟା ଦେଖାଯାଇଥାଏ। ଯେପରିକି ପାଚନ ସମ୍ବନ୍ଧୀୟ ସମସ୍ୟା, ବାନ୍ତି, ଝାଡ଼ା, ମାଂସପେଶୀ ଯନ୍ତ୍ରଣା, ନିଃଶ୍ୱାସ ନେବାରେ ସମସ୍ୟା, ଭିଟାମିନ୍ ବି-୧୨ର ଅଭାବ, ପେଟ ଯନ୍ତ୍ରଣା, ଭୋକ କମ୍ ଲାଗିବା, ଗ୍ୟାସ୍ ଆଦି ପାର୍ଶ୍ୱ ପ୍ରତିକ୍ରିୟା ଦେଖାଯାଇଥାଏ। ତେଣୁ ସର୍ବଦା ଡାକ୍ତରଙ୍କ ପରାମର୍ଶ ଅନୁସାରେ ଏହି ଔଷଧ ସେବନ କରିବା ଆବଶ୍ୟକ। ବୃକକ କିମ୍ବା ଯକୃତ ଜନିତ ସମସ୍ୟା ରହିଥିଲେ, ଗର୍ଭବତୀ କିମ୍ବା ସ୍ତନ୍ୟପାନ କରୁଥିବା ମହିଳା ଡାକ୍ତରଙ୍କ ପରାମର୍ଶରେ ଏହି ଔଷଧ ସେବନ କରିବା ଉଚିତ। ପାର୍ଶ୍ୱ ପ୍ରତିକ୍ରିୟା ଅଧିକ ହେଲେ ତୁରନ୍ତ ଡାକ୍ତରଙ୍କୁ ପରାମର୍ଶ କରିବା ଆବଶ୍ୟକ।

ଉତ୍କଳ ସମାଚାର

ସମ୍ପାଦକୀୟ...
ଶନିବାର ୯ ମେ ୨୦୨୬

ଯମୁନାର ମାଟି

ଦାରିଦ୍ର୍ୟ ଦୂରୀକରଣରେ ଚମକପ୍ରଦ ସଫଳତା ହାସଲ କରିଛି ବୋଲି ଭାରତ କରୁଥିବା ଦାବି ଶେଷରେ ସେଇ ଯମୁନା ମାଟିରେ ପୋତି ହୋଇ ସମାଧି ଲାଭ କରିବ; କାରଣ ଦାରିଦ୍ର୍ୟ ସୀମା ଉପରକୁ ମୁଣ୍ଡ ଟେକିଥିବା ଅନେକ ପରିବାର ବ୍ୟାଧିଜନିତ ବ୍ୟୟ ବୋଝ ସମ୍ଭାଳି ନ ପାରି ପୁଣି ଦାରିଦ୍ର୍ୟ ସୀମାରେଖା ତଳକୁ ଖସି ପଡ଼ିବେ। ସର୍ବୋପରି କୌଣସି ସଭ୍ୟ ସମାଜରେ ମନୁଷ୍ୟର ଜୀବନ ସହିତ ଖେଳି ବ୍ୟବସାୟ କରୁଥିବା ନକଲି ଔଷଧର ଉପସ୍ଥିତି ଆଦୌ ଗ୍ରହଣୀୟ ନୁହେଁ। ଗତ ସପ୍ତାହରେ ଦେଶର ବିଭିନ୍ନ ଗଣମାଧ୍ୟମମାନଙ୍କରେ ବ୍ୟାପକ ଭାବରେ ପ୍ରସାରିତ ସୂଚନା ଅନୁସାରେ ଆମ ଦେଶରେ ବିଭିନ୍ନ ଅସୁସ୍ଥତାରୁ ଆରୋଗ୍ୟ ଲାଭ କରିବା ଆଶାରେ ଅଧିକାଂଶ ଲୋକମାନେ ଯେଉଁ ଔଷଧପତ୍ର ସେବନ କରିଥାନ୍ତି, ତାହା ହେଉଛି ପ୍ରକୃତରେ ଯମୁନାର ମାଟି। ମନୋଜ ଦାସଙ୍କର ସୁପରିଚିତ କାହାଣୀ 'ଯମୁନାର ମାଟି'ରେ ବିଶିଷ୍ଟ ହେତୁବାଦୀ ଓକିଲ ଜଗଦୀଶ ବର୍ମା ତାଙ୍କର ବ୍ୟାବସାୟିକ କାର୍ଯ୍ୟରେ ମଥୁରା ଯାଇଥିବା ବେଳେ ଧର୍ମପରାୟଣା ବିଧବା ବୃଦ୍ଧା ଚମ୍ପାବତୀ ଦେବୀଙ୍କ ଅନୁରୋଧ ରକ୍ଷା କରି ତାଙ୍କ ପାଇଁ ଯମୁନା ନଦୀର ମାଟିର ଏକ ପୁଡ଼ିଆ ଆଣିଦେଇଥିଲେ। କିନ୍ତୁ ସତକଥା ହେଲା କର୍ମବ୍ୟସ୍ତତାରେ ବର୍ମା ସାହେବ ଚମ୍ପାବତୀ ଦେବୀଙ୍କ ଅନୁରୋଧ ବିଷୟରେ ଭୁଲିଯାଇ ଯମୁନା ମାଟି ବଦଳରେ ଯେଉଁ ମାଟି ଆଣି ତାଙ୍କୁ ଦେଇଥିଲେ, ତାହା ଥିଲା ମଥୁରା ଷ୍ଟେସନ୍‌ରେ ପହଞ୍ଚିବା ପରେ ଚମ୍ପାବତୀ ଦେବୀଙ୍କ ଅନୁରୋଧ ମନେ ପଡ଼ିବା ପରେ ବର୍ମା ସାହେବ ଷ୍ଟେସନ୍ ପୋଲ ତଳୁ ସଂଗ୍ରହ କରିଥିବା ପୁଳାଏ ମାଟି ମାତ୍ର। ଚମ୍ପାବତୀ ଦେବୀ କିନ୍ତୁ ନିଜର ଗଭୀର ବିଶ୍ୱାସରେ ତାହାକୁ ଯମୁନାର ପବିତ୍ର ମାଟି ମନେ କରି ଏକ ହାତୀଦାନ୍ତ ବାକ୍ସରେ ସାଇତି ରଖିଲେ। ଘଟଣାକ୍ରମରେ ଚମ୍ପାବତୀଙ୍କର ଡାକ୍ତର ନାତି ଜଗଦୀଶ ବର୍ମାଙ୍କ କନ୍ୟାକୁ ବିବାହ କରିଛନ୍ତି ଓ ଚମ୍ପାବତୀ ଦେବୀଙ୍କର ପରଲୋକ ଗମନ ଘଟିଛି। ମୃତ୍ୟୁ ପୂର୍ବରୁ ଚମ୍ପାବତୀ ଦେବୀ ସେ ହାତୀଦାନ୍ତ ବାକ୍ସଟିକୁ ନାତିକୁ ଦେଇ ଯାଇଥାନ୍ତି ଓ ସେ ପବିତ୍ର ମାଟିର ଅଲୌକିକ ଆରୋଗ୍ୟକାରୀ ଗୁଣ ବିଷୟରେ ଡାକ୍ତର ନାତିକୁ ଅବଗତ କରାଇଥାନ୍ତି। ଏକ ସମୟରେ ବର୍ମା ଯେତେବେଳେ ଦୁରାରୋଗ୍ୟ ବ୍ୟାଧିରେ ପଡ଼ନ୍ତି ଓ ତାଙ୍କର ଶେଷ ସମୟ ଉପସ୍ଥିତ ବୋଲି ସମସ୍ତ ପ୍ରକାର ଔଷଧପତ୍ର ପ୍ରୟୋଗ କରି ବିଫଳ ହୋଇସାରିଥିବା ଡାକ୍ତର ଜ୍ୱାଇଁ ଅନୁଭବ କରନ୍ତି, ସେତିକିବେଳେ ତାଙ୍କର ମନେ ପଡ଼ିଯାଏ ତାଙ୍କୁ ଜେଜେମା' ଦେଇଥିବା ସେଇ ରହସ୍ୟମୟ ମହୌଷଧୀ ଥିବା ହାତୀଦାନ୍ତ ବାକ୍ସ କଥା। ଡାକ୍ତର ସେଇ ମାଟି ଗୋଳା ହୋଇଥିବା ପାଣି ଶ୍ୱଶୁରଙ୍କୁ ପିଆଇଦେବା ପରେ ବର୍ମା ସାହେବ ମୃତ୍ୟୁମୁଖରୁ ମୁକୁଳି ଆସି ସୁସ୍ଥ ହୋଇଗଲେ। ବର୍ମା କିମ୍ବା ତାଙ୍କ ଡାକ୍ତର ଜ୍ୱାଇଁ, କାହାକୁ ହେଲେ ସେ ବୋତଲରେ ଥିବା ମହେ ?ଷଧୀର ଅସଲ ଚରିତ୍ର ବିଷୟରେ ଜଣା ନ ଥିଲା ଏବଂ ବର୍ମା ସାହେବଙ୍କୁ ସେ ମାଟି ବିଷୟରେ କେବେହେଲେ କିଛି ନ କହିବା ପାଇଁ ଏ ସମସ୍ତ ଘଟଣା ସମ୍ବନ୍ଧରେ ପ୍ରତ୍ୟକ୍ଷ ଭାବରେ ଅବଗତ ଥିବା ବର୍ମାଙ୍କ ସହକର୍ମୀ ଶେଖରବାବୁ ବର୍ମାଙ୍କ ଜ୍ୱାଇଁଙ୍କୁ ପ୍ରତିଶ୍ରୁତିବଦ୍ଧ କରାଇଥିଲେ। ଉପରେ ଯେଉଁ ଖବର ସମ୍ବନ୍ଧରେ ଉଲ୍ଲେଖ କରାଯାଇଛି, ତାହା ଅନୁସାରେ ଦେଶର କେତେକ ରାଜ୍ୟରେ ସରକାରୀ ଡାକ୍ତରଖାନାମାନଙ୍କରେ ରୋଗୀମାନଙ୍କୁ ଦିଆଯାଉଥିବା ଆଣ୍ଟିବାୟୋଟିକ୍ ସମେତ ଅନ୍ୟାନ୍ୟ ଅନେକ ଔଷଧମାନଙ୍କରେ ଯେଉଁ ଉପାଦାନ ଉପସ୍ଥିତ ଥିବା ଜଣାପଡ଼ିଛି, ତାହା ହେଉଛି କେବଳ ଟାଲ୍‌କମ୍ ପାଉଡର୍ ଓ ଷ୍ଟାର୍ଚ୍ଚ, ଯାହାର ମଥୁରା ଷ୍ଟେସନ୍‌ର ପୋଲ ତଳର ମାଟି ଭଳି କୌଣସି ବିଜ୍ଞାନସମ୍ମତ ଔଷଧୀୟ ଗୁଣ ନାହିଁ। ସେ ନକଲି ଔଷଧ ବ୍ୟବହାର କରି ଯେଉଁ ରୋଗୀମାନେ ଆରୋଗ୍ୟଲାଭ କରୁଥିବେ, ତାହା କେବଳ ସେମାନଙ୍କର ସେ ଔଷଧ ଉପରେ ବିଶ୍ୱାସ ଯୋଗୁଁ ନିଜ ଶରୀରରେ ସୃଷ୍ଟି ହେଉଥିବା ଆରୋଗ୍ୟକାରୀ ପ୍ରକ୍ରିୟା ଯୋଗୁଁ ଘଟିଥାଏ, ଚିକିତ୍ସା ବିଜ୍ଞାନରେ ଯାହା ପ୍ଲାସେବୋ ପ୍ରଭାବ ରୂପେ ଜଣାଶୁଣା। ଗୁଣିଗାରେଡ଼ିରୁ ଆରମ୍ଭ କରି ଅନେକ ବିକଳ୍ପ ଚିକିତ୍ସା ପ୍ରଣାଳୀ ଏହି ପ୍ଲାସେବୋ ପ୍ରଭାବ ଉପରେ ପ୍ରତିଷ୍ଠିତ ହୋଇଥାନ୍ତି। ଏହି ଖବର ଜାଣିବା ପରେ ହୁଏତ ଅନେକ ଲୋକ ଆଶ୍ୱସ୍ତ ବୋଧ କରିଥିବେ ଯେ ସେମାନେ ଚିକିତ୍ସା ପାଇଁ ସରକାରୀ ଡାକ୍ତରଖାନାକୁ ଯାଆନ୍ତି ନାହିଁ କିମ୍ବା ସେଠାରେ ଦିଆଯାଉଥିବା ଔଷଧ ବ୍ୟବହାର କରନ୍ତି ନାହିଁ। ଏମାନେ ସାଧାରଣତଃ ସମାଜର ସ୍ୱଚ୍ଛଳ ବର୍ଗର ସଦସ୍ୟ ହୋଇଥାନ୍ତି, ଯେଉଁମାନେ ଘରୋଇ ଡାକ୍ତରଖାନାରେ ଚିକିତ୍ସିତ ହୋଇଥାନ୍ତି ଏବଂ ଶସ୍ତା ଜେନେରିକ୍ ଔଷଧ ପରିବର୍ତ୍ତେ ବ୍ୟୟବହୁଳ ବ୍ରାଣ୍ଡେଡ୍ ଔଷଧ କ୍ରୟ କରି ବ୍ୟବହାର କରିଥାନ୍ତି। କିନ୍ତୁ ଏଇ ସମୟରେ ପ୍ରକାଶିତ ଅନ୍ୟ ଏକ ଖବର ସେମାନଙ୍କର ଏହି ସୁରକ୍ଷିତ ଭାବକୁ ଧ୍ୱଂସ କରି ସେମାନଙ୍କ ଠାରେ ମଧ ଘୋର ଆତଙ୍କ ସୃଷ୍ଟି କରିଥିବ। ଏହି ଖବର ଅନୁସାରେ ଔଷଧପତ୍ରର ମାନ ନିୟନ୍ତ୍ରଣକାରୀ ସଂସ୍ଥା 'ସେଣ୍ଟ୍ରାଲ୍ ଡ୍ରଗ୍‌ସ ଷ୍ଟାଣ୍ଡାର୍ଡ କଣ୍ଟ୍ରୋଲ୍ ଅର୍ଗାନାଇଜେସନ୍' ('ସିଡିଏସ୍‌ସିଓ') ଦ୍ୱାରା କରାଯାଇଥିବା ସର୍ବେକ୍ଷଣରୁ ଜଣାପଡ଼ିଛି ଯେ ବଜାରରେ ମିଳୁଥିବା ୫୦ଟି ବହୁଳ ବ୍ୟବହୃତ ପ୍ରମୁଖ ବ୍ରାଣ୍ଡେଡ୍ ଔଷଧମାନ ହେଉଛନ୍ତି ନିମ୍ନମାନର। ଏହି ନିମ୍ନମାନର ଔଷଧମାନଙ୍କ ମଧ୍ୟରେ ଅନ୍ତର୍ଭୁକ୍ତ ଅଛନ୍ତି ଛାମୁଆ ଆଣ୍ଟିବାୟୋଟିକ୍‌ସ, ଆଣ୍ଟାସିଡ୍‌ସ, ଜ୍ୱର ଉପଶମକାରୀ ଆଣ୍ଟିପାଇରେଟିକ୍‌ସ ଓ ଉଚ୍ଚ ରକ୍ତଚାପ ହ୍ରାସକାରୀ ଆଣ୍ଟିହାଇପରଟେନ୍‌ସିଭ୍‌ସ ଆଦି। ସର୍ବେକ୍ଷଣରେ ଉଲ୍ଲେଖ କରାଯାଇଥିବା ଏହି ନିମ୍ନମାନର କେତେକ ଔଷଧର ନିର୍ମାତା ପୁଣି ହେଉଛନ୍ତି କେତେକ ସୁପ୍ରତିଷ୍ଠିତ ଔଷଧ କମ୍ପାନି, ଯେଉଁମାନେ ଉପଭୋକ୍ତାମାନଙ୍କର ଅଖଣ୍ଡ ବିଶ୍ୱାସ ଉପଭୋଗ କରିଆସିଛନ୍ତି- ଆଲ୍‌କେମ୍, ହିନ୍ଦୁସ୍ତାନ ଆଣ୍ଟିବାୟୋଟିକ୍‌ସ, ଟରେଣ୍ଟ ଆଦି। ଘୋର ଚିନ୍ତାର ବିଷୟ ହେଲା ଏହା ଯେ, ସର୍ବେକ୍ଷଣରେ ନିମ୍ନମାନର ବୋଲି ଚିହ୍ନଟ ହୋଇଥିବା ଔଷଧମାନଙ୍କ ମଧ୍ୟରୁ କେତେକ ହେଉଛନ୍ତି ବଜାରରେ ସର୍ବାଧିକ ବିକ୍ରୟ ହେଉଥିବା ସେଇ ଶ୍ରେଣୀର ଔଷଧ। ଭଣାଅଧିକେ ଏ ସମସ୍ତ ଔଷଧ ହେଉଛନ୍ତି ମନୋଜ ଦାସଙ୍କ କାହାଣୀର ସେଇ ଯମୁନା ମାଟି ଭଳି। ଅର୍ଥାତ୍ ଏ ଔଷଧମାନଙ୍କର ଫଳପ୍ରଦତା ନିର୍ଭର କରିଥାଏ ପ୍ଲାସେବୋ ପ୍ରଭାବ ଉପରେ। ପ୍ଲାସେବୋ ପ୍ରଭାବର ସମସ୍ୟା କିନ୍ତୁ ହେଲା ଏହାର ଫଳପ୍ରଦତା ଅତ୍ୟନ୍ତ ସୀମିତ ହୋଇଥିବାବେଳେ ଅଧିକାଂଶ ଉପଭୋକ୍ତାଙ୍କ ପାଇଁ ଏହା ପ୍ରଭାବହୀନ ହୋଇଥାଏ। ଭାରତର ଚିକିତ୍ସା

ଚାଷୀର ଦାରିଦ୍ର୍ୟ ଦୂର ହେବ କେମିତି

ଧାନର ଏମ୍‌ଏସ୍‌ପି ବା ନ୍ୟୂନତମ ସମର୍ଥନ ମୂଲ୍ୟକୁ ନେଇ ଓଡ଼ିଶା ବିଧାନସଭାରେ ଓ ପତ୍ରପତ୍ରିକାରେ ଆଲୋଚନା ଓ ସମାଲୋଚନା ଚାଲିଥିବା ବେଳେ ଓଡ଼ିଶାର ଚାଷୀ ଦରିଦ୍ର କାହିଁକି- ଏ ବିଷୟରେ ଆଲୋଚନା ହେବା ଉଚିତ। କେବଳ ଧାନର ନ୍ୟୂନତମ ସମର୍ଥନ ମୂଲ୍ୟ ଦେଲେ ଓଡ଼ିଶାର ଚାଷୀର ଦାରିଦ୍ର୍ୟ ଦୂର ହୋଇଯିବ ନା ଧାନର ନ୍ୟୂନତମ ସମର୍ଥନ ମୂଲ୍ୟ ସହିତ ଅନ୍ୟ ସରକାରୀ ପଦକ୍ଷେପର ଆବଶ୍ୟକତା ଅଛି କି ଏହା ଆଲୋଚ୍ୟ ବିଷୟ ହେବା ଉଚିତ। ୨୦୧୧ ଜନଗଣନା ଅନୁଯାୟୀ ଓଡ଼ିଶାରେ ୩୨.୮ ଲକ୍ଷ କୃଷକ ଓ ୨୪.୨ ଲକ୍ଷ କୃଷି ଶ୍ରମିକ ଅଛନ୍ତି। ଓଡ଼ିଶାର ୬୯ ପ୍ରତିଶତ ଜମିରେ କେବଳ ଧାନ ଚାଷ ହୁଏ। ମୋଟାମୋଟି କହିବାକୁ ଗଲେ ଓଡ଼ିଶାର ଚାଷୀ ପ୍ରାୟତଃ ଧାନ ଚାଷ କରନ୍ତି, ଯଦିଓ ଧାନ ସହିତ ଅନ୍ୟାନ୍ୟ ପନିପରିବା ଓ ଡାଲିଜାତ ଦ୍ରବ୍ୟ ମଧ କେତେକ ଚାଷୀ ଅତିରିକ୍ତ ଆୟ ପାଇଁ ଚାଷ କରନ୍ତି। ତେଣୁ ଧାନର ନ୍ୟୂନତମ ସମର୍ଥନ ମୂଲ୍ୟ ଉପରେ ଓଡ଼ିଶା ଚାଷୀଙ୍କ ଆର୍ଥିକ ଅବସ୍ଥା ନିର୍ଭରଶୀଳ। ଧାନର ନ୍ୟୂନତମ ସମର୍ଥନ ମୂଲ୍ୟ ଦେବାରେ ଯେଉଁ ଅନୁଶାସନଗତ ଦୋଷତ୍ରୁଟି ରହିଛି, ତାହାର ନିରାକରଣ ହେବା ଆବଶ୍ୟକ। ଏଠାରେ ପ୍ରଶ୍ନ ଉଠେ, କେବଳ ଧାନର ନ୍ୟୂନତମ ସମର୍ଥନ ମୂଲ୍ୟ ଦେଇଦେଲେ, ଓଡ଼ିଶାର ଚାଷୀ ଅନ୍ୟ ରାଜ୍ୟର ଚାଷୀ ସହିତ ସମକକ୍ଷ ହୋଇପାରିବେ କି ? ସ୍ୱାଧୀନତା ସମୟରେ ଓଡ଼ିଶାର ଚାଷୀର ଯାହା ଆର୍ଥିକ ସ୍ଥିତି ଥିଲା, ତା' ସହିତ ଆଜିର ଆର୍ଥିକ ସ୍ଥିତି ଦେଖିଲେ, ଜଣାଯାଏ ଓଡ଼ିଶାର ଚାଷୀ ଦରିଦ୍ରରୁ ଦରିଦ୍ରତର ହୋଇଛନ୍ତି। ସେ ସମୟରେ ଧାନ ବିନିମୟରେ ଚାଷୀର କ୍ରୟ ଶକ୍ତି ଯାହା ଥିଲା, ତାହା ଅଧିକରୁ ଅଧିକ ଦୁର୍ବଳ ହୋଇଛି। ସେ ସେତେବେଳେ ୫ କିଲୋ ଧାନ ଦେଇ ତା' ସ୍ତ୍ରୀ ପାଇଁ ଗୋଟିଏ ଶାଢ଼ି ପାଇ ପାରୁଥିଲା। ବର୍ତ୍ତମାନ ୩୦ କିଲୋ ଧାନ ଦେଇ କଷ୍ଟରେ ଗୋଟିଏ ନିମ୍ନମାନର ଶାଢ଼ି କିଣି ପାରୁଛି। ଅର୍ଥନୀତିରେ 'ଦ୍ରବ୍ୟ ବିନିମୟ' (ବାର୍ଟର) ପ୍ରଣାଳୀ ଶେଷ ହେବା ଏବଂ ନଗଦ ଟଙ୍କା ବିନିମୟ ପ୍ରଣାଳୀରେ ମୁଖ୍ୟ ଭୂମିକା ନେବା ଫଳରେ ଧାନର କ୍ରୟ ଶକ୍ତି ହ୍ରାସ ପାଇଛି। ଧାନର ମୂଲ୍ୟ ସବୁବେଳେ ସରକାରଙ୍କ ଦ୍ୱାରା ନିୟନ୍ତ୍ରିତ ହୋଇଥାଏ। ଧାନର ମୂଲ୍ୟ ଅଧିକ ହେଲେ, ସରକାରୀ ଖାଦ୍ୟ ନିଗମରୁ ଧାନ ବିକ୍ରି କରି ମୂଲ୍ୟ କମ୍ କରାଯାଏ। କିନ୍ତୁ ଅନ୍ୟ ବସ୍ତୁର ଦରଦାମ ବଢ଼ିଲେ, ତାହା ନିୟନ୍ତ୍ରିତ ହୁଏ ନାହିଁ। ଫଳତଃ ଯିଏ ରାଜ୍ୟକୁ ଖାଦ୍ୟ ଯୋଗାଉଛି ସେ ଆଜି ରୁଗ୍‌ଣ ହୋଇଯାଇଛି। ଏହା ଅତ୍ୟନ୍ତ ଦୁଃଖର ବିଷୟ। ସ୍ୱାଧୀନତା ସମୟ ଓ ଆଜିର ବଜାର ମୂଲ୍ୟ ବୃଦ୍ଧି ତୁଳନା କଲେ ଧାନର ମୂଲ୍ୟ ବୃଦ୍ଧି ଅନ୍ୟ ବ୍ୟବହାର୍ଯ୍ୟ ବସ୍ତୁର ମୂଲ୍ୟ ବୃଦ୍ଧି ତୁଳନାରେ ଯଥେଷ୍ଟ କମ୍। ସ୍ୱାଧୀନତା ସମୟରେ ଧାନ କିଲୋଗ୍ରାମ୍ ପ୍ରତି ୩୧ ପଇସା ଥିଲା। ସ୍ୱାଧୀନତାର ୭୮ ବର୍ଷ ପରେ ଆଜି ଧାନ କିଲୋ ମାତ୍ର ୩୧ ଟଙ୍କା, ତାହା ବି କେବଳ ନ୍ୟୂନତମ ସମର୍ଥନ ମୂଲ୍ୟ। ଏଥିରୁ ଜଣାଯାଏ ଯେ ଧାନର ମୂଲ୍ୟ ସ୍ୱାଧୀନତା ସମୟରୁ ଆଜି ଭିତରେ ମାତ୍ର ୧୦୦ ଗୁଣ ବଢ଼ିଛି। ଏହା ସହିତ ଅନ୍ୟ ବ୍ୟବହାର୍ଯ୍ୟ ବସ୍ତୁର ମୂଲ୍ୟ ବୃଦ୍ଧିକୁ ତୁଳନା କଲେ, ଆକାଶ ପାତାଳ ଫରକ ଦିଶିବ। ୧୯୪୭ ମସିହାରେ ଡିଜେଲ ଲିଟର ପିଛା ୨୦ ପଇସା ଥିଲା। ଚାଷୀ ଗୋଟିଏ କିଲୋ ଧାନ ଦେଇ ଦେଢ଼ ଲିଟର ଡିଜେଲ ପାଉଥିଲେ। ବର୍ତ୍ତମାନ ଡିଜେଲ ଦର ଲିଟର ପିଛା ୯୩ ଟଙ୍କା, ଅର୍ଥାତ୍ ସ୍ୱାଧୀନତା ପରଠାରୁ ଡିଜେଲ ଦର ୪୬୫ ଗୁଣ ବୃଦ୍ଧି ପାଇଛି। ଚାଷୀ ୩ କିଲୋ ଧାନ ଦେଲେ ଗୋଟିଏ ଲିଟର ଡିଜେଲ ପାଉଛି। ସ୍ୱାଧୀନତା ସମୟରେ ସିମେଣ୍ଟ ୫୦ କେଜି ପ୍ୟାକେଟ୍ ପିଛା ଦର ଥିଲା ମାତ୍ର ୧.୨୫ ଟଙ୍କା। ଅର୍ଥାତ୍ ଚାଷୀ ୪ କିଲୋ ଧାନ ଦେଇ ଗୋଟିଏ ପ୍ୟାକେଟ୍ ସିମେଣ୍ଟ କିଣି ପାରୁଥିଲା। ବର୍ତ୍ତମାନ ସିମେଣ୍ଟ ପ୍ୟାକେଟ୍ ପିଛା ଦର ୪୦୦ ଟଙ୍କା। ଅର୍ଥାତ୍ ଚାଷୀ ୧୩ କିଲୋ ଧାନ ଦେଲେ, ଗୋଟିଏ ପ୍ୟାକେଟ୍ ସିମେଣ୍ଟ କିଣିପାରିବ। ସେହିପରି ଅନ୍ୟ ସମସ୍ତ ବ୍ୟବହାର୍ଯ୍ୟ ବସ୍ତୁର ଦରଦାମ ଆଶାତୀତ ବୃଦ୍ଧି ପାଇଛି, ଯାହାକି ଓଡ଼ିଶାର ଧାନ ଚାଷୀଙ୍କର କ୍ରୟ ଶକ୍ତି ଓ ସଂଚୟକୁ ହ୍ରାସ କରି ଦରିଦ୍ର କରିଦେଇଛି। ଏହି ଧାରାକୁ ବଦଳାଇବାକୁ ହେଲେ କ'ଣ କରାଯିବା ଉଚିତ କେନ୍ଦ୍ର ସରକାରଙ୍କର ପିଏମ୍ କିଷାନ ଯୋଜନାରେ ଚାଷୀକୁ ପ୍ରତି ବର୍ଷ ୬,୦୦୦ ଟଙ୍କା ଦେବା, ରାଜ୍ୟ ସରକାରଙ୍କର 'କାଳିଆ' ଯୋଜନାରେ ଚାଷୀକୁ ପ୍ରତି ବର୍ଷ ୪,୦୦୦ ଟଙ୍କା ଦେବା କ'ଣ ଚାଷୀର ଭାଗ୍ୟ ବଦଳାଇ ପାରିଛି କି ? ସ୍ୱାମୀନାଥନ କମିସନ ୨୦୦୪-୦୬ ମସିହା ମଧ୍ୟରେ ଯାହା ପ୍ରସ୍ତାବ ଦେଇଥିଲେ, ତା'ର ସାରାଂଶ ହେଲା ଯେ- ଏମ୍‌ଏସ୍‌ପି ନିର୍ଦ୍ଧାରଣ ପାଇଁ କୃଷି ଉତ୍ପାଦନ ଖର୍ଚ୍ଚ ଓ ୫୦% ପ୍ରତିଶତ ଲାଭାଂଶ ମିଶି ଯାହା ହେବ, ନ୍ୟୂନତମ ସମର୍ଥନ ମୂଲ୍ୟ ତାହାଠାରୁ ଅଧିକ ହେବ; ଅଧିକରୁ ଅଧିକ ପ୍ରକାର କୃଷି ଉପରେ କୃଷି ବୀମା ଲାଗୁ ହେବ ଏବଂ କୃଷିଜାତ ଦ୍ରବ୍ୟର ମୂଲ୍ୟ ସ୍ଥିରୀକରଣ ପାଇଁ ସରକାର ପାଣ୍ଠି ବା ଫଣ୍ଡ (ପିଏସ୍‌ଏଫ୍) ସୃଷ୍ଟି କରିବେ। ଦୁଃଖର ବିଷୟ ଯେ ଏହି ରିପୋର୍ଟକୁ ପୂର୍ଣ୍ଣ ମାତ୍ରାରେ ଆଜି ପର୍ଯ୍ୟନ୍ତ ଲାଗୁ କରାଯାଇ ନାହିଁ। ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜନା ଅନ୍ତର୍ଗତ କୌଣସି ଚାଷୀ ଓଡ଼ିଶାରେ ଯଥା ସମୟରେ କୃଷି ବୀମାରାଶି ପାଉନାହାନ୍ତି। ବୀମା କମ୍ପାନିମାନେ ଦେୟ ରାଶି ସ୍ଥିର କରିବାରେ ଅଧିକ ସମୟ ନେଉଛନ୍ତି। ସେହିପରି ମୂଲ୍ୟ ସ୍ଥିରୀକରଣ ପାଣ୍ଠି କେବଳ ଆଳୁ, ପିଆଜ ଓ ମୁଗ-ବିରିଜାତୀୟ ଦ୍ରବ୍ୟ ପାଇଁ ଲାଗୁ ହୋଇଛି। ଓଡ଼ିଶାରେ ଏହି ପାଣ୍ଠିରୁ ଚାଷୀକୁ କିଛି ଫାଇଦା ମିଳୁନାହିଁ କାରଣ ଏହା ଚାଷୀ ପାଇଁ ବ୍ୟବହାର ନ କରାଯାଇ କେବଳ ଖାଉଟିମାନଙ୍କ ସୁବିଧା ପାଇଁ ବ୍ୟବହାର କରାଯାଉଛି। ଏହି ରିପୋର୍ଟ ଅନୁଯାୟୀ ଓଡ଼ିଶା ସରକାର କେବଳ ଧାନରେ ସର୍ବନିମ୍ନ ସମର୍ଥନ ମୂଲ୍ୟ ଓ ବୋନସ୍ ଲାଗୁ କରିଛନ୍ତି। ଏହା ସ୍ୱାଗତଯୋଗ୍ୟ, କିନ୍ତୁ ଏଥିରେ ଦୁର୍ନୀତି ଭଳି ପ୍ରଶାସନିକ ଦୋଷତ୍ରୁଟି ଚାଷୀମାନଙ୍କ ପାଇଁ ଦୁଃଖର କାରଣ ହୋଇଛି। ପ୍ରଶ୍ନ ଉଠେ, କେବଳ ଧାନରେ ଓଡ଼ିଶାରେ ନିମ୍ନତମ ସମର୍ଥନ ମୂଲ୍ୟ ଲାଗୁ କାହିଁକି ? ଆଳୁ, ପିଆଜ, ମୁଗ-ବିରିଜାତୀୟ ଦ୍ରବ୍ୟ, ମାଣ୍ଡିଆ, ବାଜରା ଇତ୍ୟାଦି ନିମ୍ନତମ ସମର୍ଥନ ମୂଲ୍ୟରେ କାହିଁକି ମଣ୍ଡି ଖୋଲି ସରକାରଙ୍କ ଦ୍ୱାରା ସଂଗ୍ରହ କରାଯାଉ ନାହିଁ ? ଓଡ଼ିଶାରେ ବିଭିନ୍ନ କୃଷିଜାତ ଦ୍ରବ୍ୟ ଉପରେ ରାଜ୍ୟ ପରିଚାଳିତ ମୂଲ୍ୟ ବା 'ସ୍ୟାପ୍' ଏବଂ କେନ୍ଦ୍ର ସରକାରଙ୍କର କୃଷିଜାତ ଦ୍ରବ୍ୟର ଉଚିତ ଓ ଲାଭକାରୀ ମୂଲ୍ୟ ବା 'ଏଫ୍.ଆର.ପି.' କାହିଁ ଲାଗୁ ହେଉ ନାହିଁ ? ଅନ୍ୟ ରାଜ୍ୟ ସହ ତୁଳନା କଲେ ଏ ଦିଗରେ ଓଡ଼ିଶାରେ ଚାଷୀମାନଙ୍କ ପାଇଁ ସରକାର କୌଣସି ପଦକ୍ଷେପ ନ ନେବା ଅତ୍ୟନ୍ତ ଦୁଃଖଦାୟକ। ମହାରାଷ୍ଟ୍ର ଓ ଉତରପ୍ରଦେଶ ସରକାର ଆଖୁ ଉପରେ ନିୟମିତ ରାଜ୍ୟ ପରିଚାଳିତ ମୂଲ୍ୟ ନିର୍ଦ୍ଧାରଣ କରନ୍ତି ଏବଂ ସମବାୟ ମାଧମରେ ସଂଗ୍ରହ ଓ ବିପଣନକୁ ପ୍ରୋତ୍ସାହନ ଦିଅନ୍ତି। ସେ ରାଜ୍ୟରେ ଆଖୁର ମୂଲ୍ୟ କେନ୍ଦ୍ରର 'ଏଫ୍.ଆର.ପି.' ଠାରୁ ସବୁବେଳେ ଅଧିକା, ଫଳତଃ ଆଖୁ ଚାଷୀ ଲାଭବାନ ହୁଅନ୍ତି। ଓଡ଼ିଶାରେ କୃଷିଜାତ ଦ୍ରବ୍ୟରେ ସମବାୟ ସମିତିମାନେ ସଳଖ ହୋଇନାହାନ୍ତି। ମହାରାଷ୍ଟ୍ରର ବାରନଗର ସମବାୟ ସମିତି ଆଖୁ ଚାଷୀଙ୍କୁ ସାହାଯ୍ୟ ଦେବା ସହିତ ସ୍କୁଲ ପିଲାଙ୍କୁ କମ୍ପ୍ୟୁଟର ଓ ସ୍କଲାରସିପ୍ ଦିଅନ୍ତି। ବେଙ୍ଗଲ ହେଉଛି ଆଳୁ ଚାଷରେ ସବୁଠାରୁ ଆଗୁଆ। ତା'ର କାରଣ ହେଲା ବହୁ ବର୍ଷ ଆଗରୁ ବେଙ୍ଗଲ ସରକାର ଆଳୁ ସଂଗ୍ରହ ଦର ନିର୍ଦ୍ଧାରଣ କରି ଆସୁଛନ୍ତି ଏବଂ କୃଷକଙ୍କୁ ଆଳୁ ପାଇଁ ସର୍ବନିମ୍ନ ଦର ଦେଇ ଶୀତଳ ଭଣ୍ଡାରରେ ଆଳୁର ସଂରକ୍ଷଣ କରିଥାଆନ୍ତି। ୨୦୧୪ ମସିହାରେ ବେଙ୍ଗଲ ସରକାର 'ସୁଫଳ ବାଙ୍ଗଲା ଯୋଜନା' ଲାଗୁ କରି ଆଳୁର ନିମ୍ନତମ କ୍ରୟ ମୂଲ୍ୟ ନିର୍ଦ୍ଧାରଣ କରିଛନ୍ତି। ଫଳତଃ ଚାଷୀକୁ ଅଭାବୀ ବିକ୍ରି ସମସ୍ୟାର ସମ୍ମୁଖୀନ ହେବାକୁ ପଡ଼େ ନାହିଁ। ଏହାଛଡ଼ା ସରକାର ଅନ୍ୟ ରାଜ୍ୟକୁ ଆଳୁର ପରିବହନ ଉପରେ ନିୟନ୍ତ୍ରଣ ରଖନ୍ତି। ଓଡ଼ିଶାରେ ଯଦି ଆଳୁର ନିମ୍ନତମ ସଂଗ୍ରହ ମୂଲ୍ୟ ନିର୍ଦ୍ଧାରଣ କରି ସରକାର ଶୀତଳ ଭଣ୍ଡାରରେ ରଖିବାର ବ୍ୟବସ୍ଥା କରନ୍ତେ, ଚାଷୀ ଲାଭାନ୍ୱିତ ହୋଇପାରନ୍ତେ। ଖାଲି ଆଳୁ କାହିଁକି ଓଡ଼ିଶାରେ ଫସଲ ସମୟରେ ଟମାଟୋ ଦାମ ଖୁବ୍ ଖସିଯାଏ ଏବଂ ବିଲରେ ପଡ଼ି ପଚିଯାଏ। ଏଥିପ୍ରତି ମଧ ସରକାର ନିମ୍ନତମ ମୂଲ୍ୟ ନିର୍ଦ୍ଧାରଣ କରିବା ଉଚିତ ଏବଂ ଟମାଟୋ ସଂଗ୍ରହକୁ ପ୍ରୋତ୍ସାହନ ଦେବା ଉଚିତ। ମହାରାଷ୍ଟ୍ରରେ ପିଆଜ ଅଧିକା ମାତ୍ରାରେ ହୁଏ ଏବଂ ମହାରାଷ୍ଟ୍ର ସରକାର ଅଧିକ ଅମଳ ସମୟରେ ଚାଷୀମାନଙ୍କୁ କ୍ଷତିପୂରଣ ଓ ବୋନସ୍ ଦିଅନ୍ତି। ଦରକାର ପଡ଼ିଲେ 'ନାଫେଡ୍' ସଂସ୍ଥା ଜରିଆରେ ପିଆଜ ସଂଗ୍ରହ କରାନ୍ତି। ତେଣୁ ପିଆଜ ଚାଷୀଙ୍କୁ କ୍ଷତିର ସମ୍ମୁଖୀନ ହେବାକୁ ପଡ଼େ ନାହିଁ। ସେହିପରି ଚାଷୀମାନଙ୍କ ଦାବି ଅନୁଯାୟୀ କର୍ଣ୍ଣାଟକ ସରକାର ପିଆଜର ମୂଲ୍ୟଜନିତ କ୍ଷତିପୂରଣ କରନ୍ତି, ଯାହାଫଳରେ ଚାଷୀ କ୍ଷତିର ସମ୍ମୁଖୀନ ହୁଏ ନାହିଁ। ଯଦିଓ କେନ୍ଦ୍ର ସରକାର ମୁଗ-ବିରିଜାତୀୟ କୃଷିଜାତ ଦ୍ରବ୍ୟର ନ୍ୟୂନତମ ସମର୍ଥନ ମୂଲ୍ୟ ନିର୍ଦ୍ଧାରଣ କରିଛନ୍ତି, ଓଡ଼ିଶାରେ ତାହା ଲାଗୁ ହେଉ ନାହିଁ। ଅପର ପକ୍ଷରେ ମଧ୍ୟପ୍ରଦେଶ ସରକାର ନିଜ ରାଜ୍ୟର ସହାୟକ ସଂଗ୍ରହ ସଂସ୍ଥାମାନଙ୍କ ଦ୍ୱାରା ଦେଶରେ ସବୁଠାରୁ ଅଧିକ ମାତ୍ରାରେ ହରଡ଼, ଚଣା ଓ ମସୁର ଡାଲି ନ୍ୟୂନତମ ସମର୍ଥନ ମୂଲ୍ୟ ଦେଇ ସଂଗ୍ରହ କରନ୍ତି। ଓଡ଼ିଶାରେ ଅନେକ ଚାଷୀ ମୁଗ-ବିରି ଚାଷ କରନ୍ତି, କିନ୍ତୁ ସରକାରଙ୍କର ଏ ଦିଗରେ କେ ?ଣସି ପଦକ୍ଷେପ ନାହିଁ। କର୍ଣ୍ଣାଟକ ସରକାର 'ସ୍ୟାପ୍' ମାଧମରେ ବି ଡାଲିଜାତୀୟ ଦ୍ରବ୍ୟ ସଂଗ୍ରହ କରନ୍ତି। ଓଡ଼ିଶାରେ ଚାଷୀମାନଙ୍କର ଅ ?ଉ ଗୋଟିଏ ଆୟର ପନ୍ଥା ହେଉଛି ନଡ଼ିଆ। କିନ୍ତୁ ଓଡ଼ିଶା ସରକାରଙ୍କର ଏ ଦିଗରେ କେ ?ଣସି ପଦକ୍ଷେପ ନାହିଁ। କେରଳ ସରକାର ଖୁରୁଡ଼ ନଡ଼ିଆ (କୋପ୍ରା) ସମବାୟ ମାଧମରେ ଖରିଦ କରନ୍ତି ଓ ରାଜ୍ୟ ପରିଚାଳିତ ମୂଲ୍ୟ ନିର୍ଦ୍ଧାରଣ କରନ୍ତି। ଖୁରୁଡ଼ ନଡ଼ିଆ ଉପରେ କେନ୍ଦ୍ର ସରକାରଙ୍କର ନ୍ୟୂନତମ ସମର୍ଥନ ମୂଲ୍ୟ ସାଢ଼େ ୧୨ ଟଙ୍କା ନିର୍ଦ୍ଧାରଣ କରିଛନ୍ତି। କିନ୍ତୁ ଏ ଦିଗରେ ଓଡ଼ିଶାର ନଡ଼ିଆ ସଂଗ୍ରହ ଅତ୍ୟନ୍ତ କମ୍। ଗତ ଆର୍ଥିକ ବର୍ଷରେ ଓଡ଼ିଶାରୁ ନ୍ୟୂନତମ ସମର୍ଥନ ମୂଲ୍ୟରେ ସଂଗୃହୀତ ଖୁରୁଡ଼ ନଡ଼ିଆ ମାତ୍ର ୧,୩୨୯ ଟନ୍, ଯେଉଁଠି ତାମିଲନାଡୁରେ ସର୍ବାଧିକ ୯୮,୭୯୬ ଟନ୍ ଓ କର୍ଣ୍ଣାଟକରେ ୭୯,୫୩୬ ଟନ୍ ଖୁରୁଡ଼ ନଡ଼ିଆ ସଂଗ୍ରହ କରାଯାଇଛି। ଏଥିପାଇଁ ତାମିଲନାଡୁ ସରକାର ମଦୁରାଇ ଓ ତାନଜାଭୋରରେ ଏବଂ କର୍ଣ୍ଣାଟକ ସରକାର ଟୁମ୍ ?କୁର ଓ ହାସାନ ଜିଲ୍ଲାରେ ଖୁରୁଡ଼ ନଡ଼ିଆ ମଣ୍ଡି ଖୋଲିଛନ୍ତି। ଓଡ଼ିଶାରେ ଚାଷୀ ନଡ଼ିଆଟିଏରୁ ୧୦ ଟଙ୍କା ମୂଲ୍ୟ ପାଉଥିବା ବେଳେ ଦିଲ୍ଲୀରେ ନଡ଼ିଆ ଗୋଟି ମୂଲ୍ୟ ୬୦ ଟଙ୍କାରୁ ଅଧିକା। ଓଡ଼ିଶାରେ ଚାଷୀ ଏଥିରେ କ୍ଷତି ସହୁଛି। ଓଡ଼ିଶାର ଅନ୍ୟ କୃଷିଜାତ ଦ୍ରବ୍ୟ ଯଥା ସଜନା ଛୁଇଁ, ତେନ୍ତୁଳି, ଆମ୍ବ, ମାଣ୍ଡିଆ, ଯଅ ଓ ମାଛ ଉପରେ କୌଣସି ସରକାରୀ ସାହାଯ୍ୟ ଦିଆଯାଏ ନାହିଁ। ଏସବୁ ଉପରେ ରାଜ୍ୟ ସରକାର ବେଙ୍ଗଲ, ମହାରାଷ୍ଟ୍ର, କର୍ଣ୍ଣାଟକ ଓ ଅନ୍ୟାନ୍ୟ ରାଜ୍ୟ ପରି ଚାଷୀକୁ କ୍ଷତିରୁ ବଞ୍ଚାଇବା ପାଇଁ ପଦକ୍ଷେପ ନେବା ଉଚିତ। କାରଣ ଚାଷୀ ଆମ ରାଜ୍ୟର ମେରୁଦଣ୍ଡ। କିନ୍ତୁ ଓଡ଼ିଶା ସରକାରଙ୍କର କୃଷିରେ ବାର୍ଷିକ ମୁଣ୍ଡପିଛା ବ୍ୟୟ ମାତ୍ର ୧,୪୦୦ ଟଙ୍କା, ଯେତେବେଳେ ଆନ୍ଧ୍ରର ମୁଣ୍ଡପିଛା ବ୍ୟୟ ୨,୬୦୦ ଟଙ୍କା ଓ କର୍ଣ୍ଣାଟକର ମୁଣ୍ଡପିଛା ବ୍ୟୟ ୧,୮୦୦ ଟଙ୍କା। ଓଡ଼ିଶାରେ ହେକ୍ଟର ପିଛା ବାର୍ଷିକ ବ୍ୟୟ ମାତ୍ର ୭,୦୦୦ ଟଙ୍କା ହୋଇଥିବା ବେଳେ ଆନ୍ଧ୍ରର ହେକ୍ଟର ପିଛା ବ୍ୟୟ ୧୪,୦୦୦ ଟଙ୍କା, ଯାହାକି ଓଡ଼ିଶାର ହେକ୍ଟର ପିଛା ଖର୍ଚ୍ଚର ଦୁଇଗଣ। ଏ ଦିଗରେ ?ଯଥୋଚିତ ପଦକ୍ଷେପ ନ ନିଆଗଲେ ଓଡ଼ିଶାର ଅଧିକ ଚାଷୀ ଦାଦନ ଖଟିବାକୁ ଅନ୍ୟ ରାଜ୍ୟକୁ ଯିବେ ଏବଂ କେବଳ ଧାନରେ ନ୍ୟୁନତମ ସମର୍ଥନ ମୂଲ୍ୟ ବୃଦ୍ଧି ଅଗିକୁ ବାଇଗଣ ଫୋପାଡ଼ିବା ପରି ହେବ।

ପରାଧୀନ ପ୍ରଜନନ

ଧର୍ଷିତା ନାବାଳିକାକୁ ଗର୍ଭଧାରଣ ସଂପୂର୍ଣ୍ଣ କରି ସନ୍ତାନ ପ୍ରସବ କରିବାକୁ ବାଧ କରିବା ତା' ପାଇଁ କେବଳ ଶାରୀରିକ ବିପଦ ସୃଷ୍ଟି କରିଥାଏ, ତାହା ନୁହେଁ, ଏହା ତା' ପ୍ରତି ଏକ ଭୀଷଣ ମନସ୍ତାତ୍ୱିକ ଧକ୍କା ପହଞ୍ଚାଇ ଥାଏ, ଯେଉଁଥିରୁ ସେ ତା'ର ଜୀବନକାଳ ମଧ୍ୟରେ ମୁକୁଳି ପାରି ନ ଥାଏ। ଈଶ୍ୱର ଗର୍ଭଧାରଣର ସମଗ୍ର ଦାୟିତ୍ୱ ନାରୀ ଉପରେ ଲଦିଦେଇ ଯେଉଁ ମୌଳିକ ଲିଙ୍ଗ ବିଦ୍ୱେଷକୁ ତାଙ୍କ ସୃଷ୍ଟିର ମୂଳଭିତି ରୂପେ ବ୍ୟବହାର କରିଛନ୍ତି, ତାହା ନାରୀର ଶରୀରକୁ କିପରି ମନୁଷ୍ୟସୃଷ୍ଟ ସମାଜରେ ଏକ ନୈତିକ ତଥା ନ୍ୟାୟିକ ରଣକ୍ଷେତ୍ରରେ ପରିଣତ କରି ତାକୁ ଯନ୍ତ୍ରଣା ଜର୍ଜରିତ କରିଥାଏ, ତାହାର ଏକ ମର୍ମସ୍ପର୍ଶୀ ଦୃଶ୍ୟ ଏବେ ଅଭିନୀତ ହେବା ଦେଖାଯାଇଛି ଭାରତର ସର୍ବୋଚ୍ଚ ନ୍ୟାୟାଳୟ ସୁପ୍ରିମ କୋର୍ଟରେ। ଏପ୍ରିଲ ୨୪ରେ ମାନ୍ୟବର ନ୍ୟାୟମୂର୍ତ୍ତି ସୁଶ୍ରୀ ବି. ଭି. ନାଗରତ୍ନା ଓ ଉଜ୍ଜ୍ୱଳ ଭୂୟାଁଙ୍କୁ ନେଇ ଗଠିତ ସେଇ ଅଦାଲତର ଏକ ଦୁଇଜଣିଆ ବେଞ୍ଚ ଧର୍ଷଣର ଶିକାର ହୋଇ ଗର୍ଭବତୀ ହୋଇଥିବା ଜଣେ ୧୫ ବର୍ଷୀୟା ନାବାଳିକାଙ୍କର ୩୦-ସପ୍ତାହର ଭ୍ରୂଣକୁ ଗର୍ଭପାତ ଦ୍ୱାରା ନଷ୍ଟ କରାଯିବା ପାଇଁ ଆଦେଶ ଦେଇଥିଲେ। ସର୍ବୋଚ୍ଚ ଅଦାଲତଙ୍କର ଏହି ଆଦେଶର ପୁନଃ ସମୀକ୍ଷା ପ୍ରାର୍ଥନା କରି ଦେଶର ସର୍ବାଧିକ ମର୍ଯ୍ୟାଦାଜନକ ଚିକିତ୍ସାବିଜ୍ଞାନ ଅନୁଷ୍ଠାନ 'ଏମ୍‌ସ' ସେଇ ଅଦାଲତଙ୍କ ଦ୍ୱାରସ୍ଥ ହେବାରୁ ଏପ୍ରିଲ ୨୯ରେ ଉପରୋକ୍ତ ବେଞ୍ଚ ତାହାକୁ ପ୍ରତ୍ୟାଖ୍ୟାନ କରିଦେଇଥିଲେ। ଏତିକିରେ ନିବୃତ ନ ହୋଇ 'ଏମ୍‌ସ' ଏକ 'କ୍ୟୁରେଟିଭ୍ ପିଟିସନ୍' ଦାଖଲ କରିବାରୁ ଏପ୍ରିଲ ୩୦ରେ ମୁଖ୍ୟ ବିଚାରପତି ସୂର୍ଯ୍ୟକାନ୍ତ ଓ ନ୍ୟାୟମୂର୍ତ୍ତି ଜୟମାଲ୍ୟ ବାଗ୍‌ଚୀ ଏହାକୁ ମଧ ପ୍ରତ୍ୟାଖ୍ୟାନ କରିଦେଇଥିଲେ। ଜବାବ ସୁଆଲ ସମୟରେ 'ଏମ୍‌ସ' ତରଫରୁ ଅତିରିକ୍ତ ସଲିସିଟ୍‌ର ଜେନେରାଲ ଐଶ୍ୱର୍ଯ୍ୟା ଭଟ୍ଟି ଯୁକ୍ତି ଉପସ୍ଥାପନ କରିଥିଲେ ଯେ ଆଇନ ଅନୁସାରେ 'ଏମ୍‌ଟିପି' ପାଇଁ ୨୪ ସପ୍ତାହ ଗର୍ଭଧାରଣର ଅନ୍ତିମ ସୀମା ହୋଇଥିବା ବେଳେ ୩୦-ସପ୍ତାହର ଭ୍ରୂଣର ଗର୍ଭପାତ କରାଯାଇ ପାରିବ ନାହିଁ, କାରଣ ସେତେବେଳକୁ ତାହା ଏକ ଜୀବନ୍ତ ଭ୍ରୂଣରେ ପରିଣତ ହୋଇସାରିଥାଏ। ମୁଖ୍ୟ ବିଚାରପତିଙ୍କର ବେଞ୍ଚ କିନ୍ତୁ ଧର୍ଷିତାଙ୍କ ଶାରୀରିକ ସାର୍ବଭୌମତ୍ୱକୁ ପ୍ରାଧାନ୍ୟ ପ୍ରଦାନ କରି ଏହି ଯୁକ୍ତିକୁ ଅଗ୍ରାହ୍ୟ କରିଦେଇଥିଲେ ଏବଂ ଉପରୋକ୍ତ ସମୟସୀମାକୁ ସଂପ୍ରସାରିତ କରିବା ନିମିତ ଆଇନରେ ଆବଶ୍ୟକ ସଂଶୋଧନ ଘଟାଯିବା ପାଇଁ ଆହ୍ୱାନ ଦେଇଥିଲେ। ଅତଏବ ଏହି ମାମଲାରେ ନ୍ୟାୟମୂର୍ତ୍ତି ନାଗରତ୍ନାଙ୍କ ଦ୍ୱାରା ଲିଖିତ ଏପ୍ରିଲ ୨୪ରେ ପ୍ରଦତ ଉପରୋକ୍ତ ଦୁଇଜଣିଆ ବେଞ୍ଚର ରାୟ ଏହାଦ୍ୱାରା ବଳବନ୍ତର ରହିଛି। ଏହି ରାୟର ଏକ ଚାଞ୍ଚଲ୍ୟକର ବିଶେଷତ୍ୱ ହେଲା ଏହା ଯେ ଗର୍ଭଧାରଣକୁ କେନ୍ଦ୍ରକରି ଈଶ୍ୱର ଓ ସମାଜ ସଲାସୁତୁରା ହୋଇ ନାରୀ ବିରୋଧରେ ଯେଉଁ ଅସହ୍ୟ ବିଦ୍ୱେଷ ସୃଷ୍ଟି କରିଛନ୍ତି, ଏହା ହେଉଛି ତାକୁ ସେଥିରୁ କିଛି ମାତ୍ରାରେ ଉଦ୍ଧାର କରିବା ପାଇଁ ଏକ ଅସାମାନ୍ୟ ପଦକ୍ଷେପ। ଆମ ଦେଶର ନ୍ୟାୟାଳୟମାନେ ଏ ପର୍ଯ୍ୟନ୍ତ ଏଭଳି ମାମଲାରେ ଗର୍ଭସ୍ଥ ଭ୍ରୂଣର ଅଧିକାରକୁ ପ୍ରାଥମିକତା ପ୍ରଦାନ କରି ଗର୍ଭଧାରିଣୀକୁ ଏକ ଗୌଣ ଚରିତ୍ର ରୂପେ ବିଚାର କରି ଆସିଥିଲେ। ଉପରୋକ୍ତ ରାୟରେ ସ୍ପଷ୍ଟ କରିଦିଆଯାଇଛି ଯେ କେବଳ ମାତ୍ର ଏକ ଭ୍ରୂଣ ଜୀବକ୍ଷମ ହୋଇଯିବା ଅର୍ଥ ନୁହେଁ ଯେ ଏହାଦ୍ୱାରା ଗର୍ଭଧାରିଣୀ ନାରୀ ତା'ର ଶାରୀରିକ ସାର୍ବଭୌମତ୍ୱ ଓ ନିଷ୍ପତ୍ତି ଗ୍ରହଣର ସମସ୍ତ ସ୍ୱାୟତତା ହରାଇ ବସିଥାଏ। କିନ୍ତୁ ସେଇ ରାୟରେ ଉଲ୍ଲେଖ କରାଯାଇଥିବା ଭଳି ପରିବାରରୁ ଆରମ୍ଭ କରି ଜାତି, ଧର୍ମ ଆଦି ପର୍ଯ୍ୟନ୍ତ ବାସ୍ତବ ବନ୍ଧନମାନ ନାରୀର ସେଇ ସ୍ୱାୟତତାକୁ, ବିଶେଷ କରି ପ୍ରଜନନ ସଂପର୍କିତ ସ୍ୱାୟତତାକୁ ଗୁରୁତର ଭାବରେ ସଂକୁଚିତ କରିଦେଇଥାନ୍ତି। ଏଇ ସଂକୋଚନକୁ ଯାହା ଆହୁରି ତୀବ୍ର କରିଦେଇଥାଏ, ତାହା ହେଉଛି ନିରାପଦ ଗର୍ଭପାତ ପଥରେ ଛିଡ଼ା କରି ଦିଆଯାଇଥିବା ଅଲଂଘ୍ୟ ଆଇନଗତ ପ୍ରତିବନ୍ଧକମାନ। ପ୍ରଜନନ ସ୍ୱାୟନ୍ତତା ସେତିକିବେଳେ ବାସ୍ତବ ରୂପ ପରିଗ୍ରହଣ କରିଥାଏ, ଯେତେବେଳେ ସେ ଗର୍ଭଧାରଣ ଜାରି ରଖିବ କିମ୍ବା ଗର୍ଭପାତ କରିବ, ସେ ସଂପର୍କରେ ନିଷ୍ପତି ଗ୍ରହଣ କରିବାର ସଂପୂର୍ଣ୍ଣ ସ୍ୱାଧୀନତା ଆଇନ ନାରୀକୁ ପ୍ରଦାନ କରିଥାଏ; ଏ ବାବଦରେ ନାରୀ କୌଣସି ତୃତୀୟ ପକ୍ଷର ନିଷ୍ପତି ଦ୍ୱାରା ପରିଚାଳିତ ହୋଇ ନ ଥାଏ। ବର୍ତ୍ତମାନର ମାମଲାରେ ସର୍ବୋଚ୍ଚ ଅଦାଲତ ଦୃଢ଼ ମତ ପ୍ରକାଶ କରିଛନ୍ତି ଯେ ସଂପୃକ୍ତ ଭ୍ରୂଣକୁ ଏକ ସ୍ୱତନ୍ତ୍ର ଆଇନଗତ ସତ୍ତା ରୂପେ ବିଚାର କରାଯାଇ ପାରିବ ନାହିଁ, ଯିଏ ତାକୁ ଧାରଣ କରିଥିବା ନାରୀର ସାଂବିଧାନିକ ପ୍ରତିଷ୍ଠାକୁ ନିଶ୍ଚିହ୍ନ କରିଦେବ। ଭାରତରେ ପ୍ରଣୟନ କରାଯାଇଥିବା 'ମେଡିକାଲ ଟର୍ମିନେସନ୍ ଅଫ୍ ପ୍ରେଗ୍‌ନାନ୍‌ସି ଆକ୍ଟ' ('ଏମ୍‌ପିଟି')କୁ ଏକ ପ୍ରଗତିଶୀଳ ଆଇନ ରୂପେ ପ୍ରଦର୍ଶିତ କରାଯାଉଥିଲେ ହେଁ, ଏହା ନାରୀର ପ୍ରଜନନ ସ୍ୱାୟନ୍ତତା ଉପରେ ପ୍ରତିଷ୍ଠିତ ନୁହେଁ, କାରଣ ଏହାର ସଂରଚନା ହେଉଛି ଡାକ୍ତର-କୈନ୍ଦ୍ରିକ। ଯଦି ଆଇନ-ନିର୍ଦ୍ଧାରିତ ସମୟସୀମା ଅତିକ୍ରାନ୍ତ ହୋଇଯାଇଥାଏ, ତେବେ ଅଦାଲତର ଦ୍ୱାରସ୍ଥ ହୋଇଥିବା ଗର୍ଭବତୀମାନଙ୍କ ପାଇଁ ଗର୍ଭପାତର ସୁଯୋଗ ଏକ ନ୍ୟାୟିକ ଲଟେରିରେ ପରିଣତ ହୋଇଥାଏ, ଯାହା ସଂପୃକ୍ତା ନାରୀଙ୍କର ପରିସ୍ଥିତିର କରୁଣତା କିମ୍ବା ତାଙ୍କର ଗର୍ଭପାତ ସଂପାଦନ କରିବା ନିମିତ୍ତ ହସ୍‌ପିଟାଲମାନଙ୍କ ପାଖରେ ଆବଶ୍ୟକ ଦକ୍ଷତାର ଉପଲବ୍ଧତା ଉପରେ ନିର୍ଭର କରିଥାଏ। ଏହା କିପରି ଏକ ଘୋର ବିଷାଦଜନକ ଚିତ୍ର ଅଙ୍କନ କରିଥାଏ, ତାହା ସହଜେ ଅନୁମେୟ। ଉଦାହରଣ ସ୍ୱରୂପ ନାବାଳିକା କିମ୍ବା ଧର୍ଷଣ ପୀଡ଼ିତା କିମ୍ବା ସାମାଜିକ-ଅର୍ଥନୈତିକ-ଦୁର୍ବଳ ଶ୍ରେଣୀର ନାରୀମାନଙ୍କ ପକ୍ଷରେ ଗର୍ଭପାତ ଅନୁମତି ଭିକ୍ଷାକରି କୌଣସି ଅଦାଲତରେ ଉପସ୍ଥିତ ହେବା ବସ୍ତୁତଃ ଏକ ଅସମ୍ଭବ ବ୍ୟାପାର ହୋଇଥାଏ, ଯାହା ସଂପୃକ୍ତା ନାରୀଙ୍କର ସ୍ୱାୟନ୍ତତାକୁ ଏକ ପରିହାସରେ ପରିଣତ କରିଥାଏ। ଏହା ବାଦ୍, ଯେଉଁମାନେ ଆଇନର ଆଢୁଆଳରେ ଲୁକ୍‌କାୟିତ ଭାବରେ ଅଦକ୍ଷ ସଂସ୍ଥାମାନଙ୍କରେ ଗର୍ଭପାତ କରାନ୍ତି, ସେମାନେ ଅନେକ ସମୟରେ ଗୁରୁତର ସ୍ୱାସ୍ଥ୍ୟ ସମସ୍ୟାର ସମ୍ମୁଖୀନ ହୁଅନ୍ତି- ଏପରିକି ସେମାନଙ୍କର ଜୀବନ ମଧ ସଂକଟାପନ୍ନ ହୋଇଥାଏ। ନାରୀମାନେ ସମ୍ମୁଖୀନ ହେଉଥିବା ଏଇ ଅସମତୁଲ ପ୍ରଜନନ ସ୍ୱାୟନ୍ତତା ପରିବେଶରେ ଯାହା ସର୍ବାଧିକ ହୃଦୟ ବିଦାରକ ହୋଇଥାଏ, ତାହା ହେଉଛି ନାବାଳିକା ଧର୍ଷଣ ପୀଡ଼ିତାମାନେ ଯେଉଁ ସଂପୂର୍ଣ୍ଣ ସମ୍ବେଦନହୀନ, ଅମାନବୀୟ ପ୍ରତିବନ୍ଧକମାନଙ୍କର ସମ୍ମୁଖୀନ ହୋଇଥାନ୍ତି। ସେମାନେ ଧର୍ଷଣଜନିତ ଅସହନୀୟ ମାନସିକ ବିପର୍ଯ୍ୟୟରୁ ମୁକୁଳି ସେ ସମ୍ବନ୍ଧରେ ସୂଚନା ପ୍ରକାଶ କରିବା ସ୍ୱାଭାବିକ ଭାବରେ ବିଳମ୍ବିତ ହୋଇଥାଏ; ଏକ ରକ୍ଷଣଶୀଳ ସମାଜରେ ଧର୍ଷଣ ସହିତ ସଦାବେଳେ ସଂଯୁକ୍ତ ଘୋର ସାମାଜିକ ଲଜ୍ଜା ମଧ ପୀଡ଼ିତାଙ୍କୁ ତଥା ତାଙ୍କର ପରିବାରକୁ ଏହା ଲୁଚାଇ ରଖିବାକୁ ପ୍ରବୃତ କରିଥାଏ, ଯାହା ବିଳମ୍ବର କାରଣ ହୋଇଥାଏ; ଏଇ ବିଳମ୍ବକୁ ଆହୁରି ସଂପ୍ରସାରିତ କରିଥାଏ ପୀଡ଼ିତାଙ୍କୁ ଅତିକ୍ରମ କରିବାକୁ ପଡୁଥିବା ବିଭିନ୍ନ ପ୍ରଶାସନିକ ଓ ନ୍ୟାୟିକ ପ୍ରତିବନ୍ଧକ। ଏ ସମସ୍ତର ମିଳିତ ପ୍ରଭାବରେ ହତଭାଗିନୀ ପୀଡ଼ିତାଙ୍କର ଗର୍ଭଧାରଣ ଉପରୋକ୍ତ ଆଇନଗତ ସମୟସୀମା ଅତିକ୍ରମ କରିଯାଇଥାଏ, ଯେମିତି ସର୍ବୋଚ୍ଚ ଅଦାଲତଙ୍କ ନିକଟରେ ପହଞ୍ଚିଥିବା ମାମଲା କ୍ଷେତ୍ରରେ ଘଟିଛି। ଧର୍ଷିତା ନାବାଳିକାକୁ ଗର୍ଭଧାରଣ ସଂପୂର୍ଣ୍ଣ କରି ସନ୍ତାନ ପ୍ରସବ କରିବାକୁ ବାଧ କରିବା ତା' ପାଇଁ କେବଳ ଶାରୀରିକ ବିପଦ ସୃଷ୍ଟି କରିଥାଏ, ତାହା ନୁହେଁ, ଏହା ତା' ପ୍ରତି ଏକ ଭୀଷଣ ମନସ୍ତାତ୍ୱିକ ଧକ୍କା ପହଞ୍ଚାଇ ଥାଏ, ଯେଉଁଥିରୁ ସେ ତା'ର ଜୀବନକାଳ ମଧ୍ୟରେ ମୁକୁଳି ପାରି ନ ଥାଏ। ଆଶା କରାଯାଇପାରେ, ସର୍ବୋଚ୍ଚ ଅଦାଲତଙ୍କର ଚେତାବନୀ ପରେ ସରକାର ନାରୀମାନଙ୍କ ପ୍ରଜନନ ସ୍ୱାୟନ୍ତତା ନିଶ୍ଚିତ କରିବା ପାଇଁ ଆଇନରେ ଆବଶ୍ୟକ ସଂଶୋଧନ ଘଟାଇ ସେମାନେ ସମ୍ମୁଖୀନ ହେଉଥିବା ଏଇ ଅନ୍ୟାୟରୁ ସେମାନଙ୍କୁ ସାମାନ୍ୟ ଆଶ୍ୱସ୍ତି ପ୍ରଦାନ କରିବେ।

ଚତୁର୍ଥ ସ୍ତମ୍ଭର ସୁରକ୍ଷା ଓ ସାମ୍ବାଦିକଙ୍କ ସଂଘର୍ଷ

ଗଣତନ୍ତ୍ରର ସଫଳତା ପାଇଁ ଚାରୋଟି ମୁଖ୍ୟ ସ୍ତମ୍ଭ ଆବଶ୍ୟକ, ବିଧାୟିକା, କାର୍ଯ୍ୟପାଳିକା, ନ୍ୟାୟପାଳିକା ଏବଂ ଗଣମାଧ୍ୟମ। ଏହି ଚାରୋଟି ମଧ୍ୟରୁ ଗଣମାଧମକୁ ଚତୁର୍ଥ ସ୍ତମ୍ଭ ବୋଲି କୁହାଯାଏ, କାରଣ ଏହା ସମାଜର ଦର୍ପଣ ଭାବେ କାର୍ଯ୍ୟ କରିବା ସହ ଶାସନ ବ୍ୟବସ୍ଥାକୁ ଜନସାଧାରଣଙ୍କ ନିକଟରେ ଉତରଦାୟୀ କରିଥାଏ। ପ୍ରତିବର୍ଷ ମେ' ମାସ ୩ ତାରିଖକୁ ସାରା ବିଶ୍ୱରେ 'ବିଶ୍ୱ ମୁକ୍ତ ଗଣମାଧମ ଦିବସ' ଭାବେ ପାଳନ କରାଯାଏ। ଏହି ଦିବସ ପାଳନର ମୂଳ ଉଦ୍ଦେଶ୍ୟ ହେଉଛି ସମ୍ବାଦପତ୍ରର ସ୍ୱାଧୀନତା ରକ୍ଷା କରିବା ଏବଂ କର୍ତ୍ତବ୍ୟ ପଥରେ ନିଜ ଜୀବନକୁ ଉତ୍ସର୍ଗ କରିଥିବା ସାମ୍ବାଦିକମାନଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରିବା। ୧୯୯୧ ମସିହାରେ ୟୁନେସ୍କୋ ର ୨୬ତମ ସାଧାରଣ ସମ୍ମିଳନୀରେ ଏକ ପ୍ରସ୍ତାବ ଗୃହିତ ହୋଇଥିଲା। ଏହା ପରେ ୧୯୯୩ ମସିହାରେ ଜାତିସଂଘ ସାଧାରଣ ସଭା ମେ' ୩ ତାରିଖକୁ 'ବିଶ୍ୱ ମୁକ୍ତ ଗଣମାଧମ ଦିବସ' ଭାବେ ଘୋଷଣାନାମା ର ବାର୍ଷିକୀକୁ ସ୍ମରଣ କରିବା ପାଇଁ ଏହି ଦିନଟିକୁ ଚୟନ କରାଯାଇଥିଲା। ଆଜିର ସୂଚନା ପ୍ରଯୁକ୍ତିବିଦ୍ୟା ଯୁଗରେ ଗଣମାଧମର ଭୂମିକା ଅଧିକ ଗୁରୁତ୍ୱପୂର୍ଣ୍ଣ ହୋଇପଡିଛି। ମୁକ୍ତ ଗଣମାଧମ କେବଳ ଖବର ପରିବେଷଣ କରେ ନାହିଁ, ବରଂ ନିମ୍ନଲିଖିତ କ୍ଷେତ୍ରରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରେ : ସ୍ୱଚ୍ଛତା ଓ ଉତରଦାୟିତ୍ୱ : ସରକାରଙ୍କ ଯୋଜନା ଓ କାର୍ଯ୍ୟକଳାପର ସମୀକ୍ଷା କରି ଦୁର୍ନୀତିକୁ ଲୋକଲୋଚନକୁ ଆଣିବାରେ ଏହା ସହାୟକ ହୁଏ।ଜନମତ ଗଠନ : ସାମାଜିକ, ଅର୍ଥନୈତିକ ଏବଂ ରାଜନୈତିକ ବିଷୟବସ୍ତୁ ଉପରେ ସଠିକ୍ ତଥ୍ୟ ପ୍ରଦାନ କରି ଜନସାଧାରଣଙ୍କୁ ସଚେତନ କରାଏ। ଶାନ୍ତି ଓ ମାନବାଧିକାର : ଯୁଦ୍ଧ କିମ୍ବା ସାମ୍ପ୍ରଦାୟିକ ଦଙ୍ଗା ସମୟରେ ଗଣମାଧମ ଶାନ୍ତିର ବାର୍ତ୍ତା ପ୍ରସାର କରିବା ସହ ମାନବାଧିକାର ଉଲ୍ଲଂଘନ ବିରୋଧରେ ସ୍ୱର ଉତୋଳନ କରେ।ବିଭ୍ରାନ୍ତିକର ତଥ୍ୟ ବିରୋଧରେ ଲଢେଇ : ସୋସିଆଲ ମିଡିଆ ଯୁଗରେ ଫେକ ନ୍ୟୁଜ୍ ର ପ୍ରସାର ରୋକିବା ପାଇଁ ଦାୟିତ୍ୱବାନ ଗଣମାଧମର ଆବଶ୍ୟେକତା ସବୁଠାରୁ ଅଧିକ। ଦୁର୍ଭାଗ୍ୟବଶତଃ, ସାରା ବିଶ୍ୱରେ ସାମ୍ବାଦିକମାନେ ଆଜି ଅସୁରକ୍ଷିତ। ସତ୍ୟ ପ୍ରକାଶ କରିବା ଅପରାଧରେ ସେମାନଙ୍କୁ ବିଭିନ୍ନ ପ୍ରକାରର ନିର୍ଯ୍ୟାତନା ସହିବାକୁ ପଡୁଛି।ଅନେକ ସମୟରେ ଅପରାଧିକ ଗୋଷ୍ଠୀ କିମ୍ବା ଭ୍ରଷ୍ଟ ରାଜନେତାଙ୍କ ବିରୋଧରେ ଖବର ପରିବେଷଣ କଲେ ସାମ୍ବାଦିକମାନଙ୍କୁ ପ୍ରାଣ ହରାଇବାକୁ ପଡେ।

Printed, Published,Edited and Ownedby Prakash Kumar Dhal,Printed at Das Offset Printers,Uditnagar,Main Road,Rourkela, Dist. Sundargarh, orissa -769012 & Published at QR.No. ECR-73,Chhend Colony,Rourkela -15, Dist. Sundergarh, Orissa. ସଂପାଦକ: ପ୍ରକାଶ କୁମାର ଧଳ
Mobile : 9439951525,Email: utkalsamachar@gmail.com / utkalsamachar@rediffmail.com (ଏହି ଅଙ୍କରେ ପ୍ରକାଶିତ ସମସ୍ତ ଖବରର ଚୟନ ଏବଂ ସଂପାଦନା ପାଇଁ ପି.ଆର.ବି. ଆକ୍ଟ ଅନ୍ତର୍ଗତ ଉତରଦାୟୀ ସମସ୍ତ ବିବାଦ ରାଉରକେଲା ନ୍ୟାୟପାଳିକାର ଅଧୀନରେ ହିଁ ହେବ।) Phone: 0661-2646999 Editor : Prakash Kumar Dhal
CITY OFFICE: B/204, SECTOR-16, ROURKELA, Pin :769003

ମହମ୍ମଦପୁର ସରକାରୀ ଉଚ୍ଚ ବିଦ୍ୟାଳୟର ଓ କେଜିବିଭିର କୃତି ଛାତ୍ରୀଙ୍କ ସମ୍ମାନ ସମାରୋହ

ସମ୍ବଲପୁର,୮/୫(ନି/ପ୍ର):ଜ୍ଞାନର ପବିତ୍ର ମନ୍ଦିରରେ ଯେତେବେଳେ ନିଷ୍ଠାର ଦୀପଶିଖା ପରିଶ୍ରମର ଇନ୍ଧନରେ ପ୍ରଜ୍ୱଳିତ ହୁଏ, ସେତେବେଳେ ସଫଳତାର ସୁବର୍ଣ୍ଣ ଅକ୍ଷରରେ ଇତିହାସ ଲଲେଖାଯାଏ । ସେହିପରି ଏକ ଅଲୋକିକ ଅଧ୍ୟାୟକୁ ସାକ୍ଷୀ ହୋଇଛି ସମ୍ବଲପୁର ଜିଲ୍ଲାର ଧନକଉଡ଼ା ବ୍ଲକ୍ ଅନ୍ତର୍ଗତ ହୀରାକୁଦ ସ୍ଥିତ ପିଏମ୍ ଶ୍ରୀ ମହମ୍ମଦପୁର ସରକାରୀ ଉଚ୍ଚ ବିଦ୍ୟାଳୟ ଓ ବର୍ଷ ୨୦୨୬ ରେ ବିଦ୍ୟାଳୟ ପରିସରରେ ଆୟୋଜିତ ହୋଇଥିବା ଏକ ଗରିମାମୟ ସମ୍ମାନ ସମାରୋହ ଶିକ୍ଷାପ୍ରତି ନିଷ୍ଠା ଓ ସଫଳତାର ଅମୂଲ୍ୟ ସମ୍ମିଳନକୁ ଜନମାନସରେ ପ୍ରକାଶିତ କରିଛି ଓ ଏହି ସମ୍ମାନ ସମାରୋହର ମୂଳ ଉଦ୍ଦେଶ୍ୟ ଥିଲା ବୋର୍ଡ ଅଫ ସେକେଣ୍ଡାରୀ ଏଡୁକେସନ୍ (ବିଏସଇ), ଓଡ଼ିଶାଙ୍କ ଅଧୀନରେ ଆୟୋଜିତ ହୋଇଥିବା ହାଇସ୍କୁଲ ସାର୍ଟିଫିକେଟ୍ ପରୀକ୍ଷାରେ ଉତ୍କର୍ଷ ଅର୍ଜନ କରିଥିବା ମେଧାବୀ ଛାତ୍ରଛାତ୍ରୀଙ୍କୁ ଯଥୋଚିତ ସମ୍ମାନ ଜଣାଇବା । ଏହି ପବିତ୍ର ଅବସରରେ ସମସ୍ତଙ୍କ ଆକର୍ଷଣର କେନ୍ଦ୍ରବିନ୍ଦୁ ହୋଇଉଠିଥିଲେ ବିଦ୍ୟାଳୟର ପ୍ରତିଭାଶାଳୀ ଛାତ୍ରୀ ସୁଭାଶ୍ରୀ ଡାକୁଆ ଓ ସୁଭାଶ୍ରୀ ଡାକୁଆ ତାଙ୍କର ଅଦମ୍ୟ ପରିଶ୍ରମ, ଅବିଚଳ ଏକାଗ୍ରତା ଓ ଅଦ୍ୱିତୀୟ ଶିକ୍ଷାନୁରାଗର ଫଳସ୍ୱରୂପ ୨୦୨୬ ମସିହାର ୧୦ମ ଶ୍ରେଣୀ ପରୀକ୍ଷାରେ ୬୦୦ରୁ ୫୫୯ ମାର୍କ ଅର୍ଜନ କରି ୯୩.୧୬ ପ୍ରତିଶତ ସହ ସମ୍ବଲପୁର ଜିଲ୍ଲାରେ ତୃତୀୟ ସ୍ଥାନ ଅଧିକାର କରି ଏକ ଦୃଷ୍ଟାନ୍ତମୂଳକ ସଫଳତାର ସୁବର୍ଣ୍ଣ ଅଧ୍ୟାୟ ରଚନା କରିଛନ୍ତି । ତାଙ୍କର ଏହି ଦୀପ୍ତିମାନ କୃତିତ୍ୱ କେବଳ ବିଦ୍ୟାଳୟ ପରିସରକୁ ନୁହେଁ, ସମଗ୍ର ସମ୍ବଲପୁର ଜିଲ୍ଲାକୁ ଗର୍ବର ଉଜ୍ଜ୍ୱଳ ଆଲୋକରେ ଆଲୋକିତ କରିଛି ।ଏହି ଗରିମାମୟ ସମାରୋହରେ ବିଦ୍ୟାଳୟର ପ୍ରଧାନଶିକ୍ଷକ, ଶିକ୍ଷିକାମାନେ, ଅଭିଭାବକମାନେ ଓ ସ୍ଥାନୀୟ ଗଣ୍ୟମାନ୍ୟ ବ୍ୟକ୍ତିବିଶେଷମାନେ ସାମିଲ ହୋଇଥିଲେ । ପରିବେଶ ଥିଲା ଗମ୍ଭୀରତା, ଗୌରବ ଓ ଉତ୍ସାହର ମନୋମୁଗ୍ଧକର ସମନ୍ୱୟରେ ପ୍ରବାହିତ । ସୁଭାଶ୍ରୀଙ୍କୁ ପୁଷ୍ପମାଳା ଓ ସମ୍ମାନପତ୍ର ପ୍ରଦାନ କରିଛନ୍ତି ।ସଭାଟିରେ ବିଦ୍ୟାଳୟର ପ୍ରଧାନଶିକ୍ଷକ ପ୍ରଭାତୀ ପାଣିଗ୍ରାହୀ ଅଧ୍ୟକ୍ଷତା କରିଥିଲେ । ଏଥିରେ ବରିଷ୍ଠ ନାଗରିକ ଗୋଷ୍ଠିର ପ୍ରଦୀପ ପଣ୍ଡା ଓ ଜଟା ସାହୁ ଉପସ୍ଥିତ ଥିଲେ ଓ ଏହି ଅବସରରେ ପ୍ରଦୀପ ପଣ୍ଡା ତାଙ୍କ ଉତ୍କୃଷ୍ଟ ଭାଷଣରେ ପ୍ରଥମେ ଏ୧ ଓ ଏ୨ ଗ୍ରେଡ୍ ପାଇଥିବା ଛାତ୍ରଛାତ୍ରୀଙ୍କୁ ଅଭିନନ୍ଦନ ଜଣାଇଥିଲେ । ପରେ ସମସ୍ତ ସଫଳ ଛାତ୍ରଛାତ୍ରୀଙ୍କୁ ସେ ପ୍ରଶଂସା କରି ତାଙ୍କର କଠୋର ପରିଶ୍ରମ ଓ ନିଷ୍ଠାକୁ ସ୍ୱୀକାର କରିଥିଲେ । ସେହି ସହିତ ଶିକ୍ଷକମାନଙ୍କର ଅକ୍ଷୟ ପ୍ରୟାସ ଓ ନିରନ୍ତର ଉଦ୍ୟମକୁ ମଧ୍ୟ ସେ ବିଶେଷ ଭାବେ ପ୍ରଶଂସା କରିଥିଲେ । ସରକାରୀ ବିଦ୍ୟାଳୟ ରେ ପାଠ ପଢ଼ି ଯେଉଁ ଛାତ୍ର ମାନେ ଶ୍ରେୟସ ଆଣିଛନ୍ତି ବୋଲି ସେ ବିଦ୍ୟାଳୟକୁ ଓ ଛାତ୍ରଛାତ୍ରୀମାନଙ୍କୁ ପ୍ରଶଂସା କଲେ । ଫଳାଫଳ ଅନୁସାରେ ସୁଭାଶ୍ରୀ ଡାକୁଆ ଏ୧ ଗ୍ରେଡ୍ ଅଧିଗତ କରି ବିଦ୍ୟାଳୟର ଗୌରବ ବଢ଼ାଇଥିଲେ । ସେହିପରି ଇତିଶ୍ରୀ ମିର୍ଦ୍ଧା, ଦିବ୍ୟାଶିଷ କୁଅର ଓ ଅରବିନ୍ଦ ପ୍ରଧାନ ଏ୨ ଗ୍ରେଡ୍ ପାଇଥିଲେ । ଏହି ସମ୍ବର୍ଦ୍ଧନା ସଭା ଛାତ୍ରଛାତ୍ରୀଙ୍କୁ ଆଗାମୀ ଜୀବନରେ ଅଧିକ ସଫଳତା ଅର୍ଜନ କରିବାକୁ ପ୍ରେରଣା ଯୋଗାଇଥିଲା । ସଭାର ଶେଷରେ ଶ୍ରୀ ଅନିଲ ମିଶ୍ର ଧନ୍ୟବାଦ ଜ୍ଞାପନ କରି ସମସ୍ତ ଅତିଥି, ଶିକ୍ଷକ ଓ ଛାତ୍ରଛାତ୍ରୀଙ୍କୁ କୃତଜ୍ଞତା ଜଣାଇଥିଲେ ।

ପଡ଼ୋଶୀଙ୍କ ଭୁଲ ପରିଚୟରେ ଯୁବକଙ୍କୁ ହତ୍ୟା, ଅଭିଯୁକ୍ତ ଗିରଫ

ଝାରସୁଗୁଡା,୮/୫(ନି/ପ୍ର): ଝାରସୁଗୁଡା ଜିଲ୍ଲାର ଲଖନପୁର ଥାନା ଅନ୍ତର୍ଗତ ସୁଲଡ଼ିଆ ଲାଲମୁଣ୍ଡା ଗ୍ରାମରେ ବୁଧବାର ଭୋର ୩ଟା ସମୟରେ ଏକ ଭୟାବହ ଘଟଣା ଘଟିଛି । ଭୁଲ ପରିଚୟରେ ପଡ଼ୋଶୀ ଜଣେ ୨୫ ବର୍ଷୀୟ ଯୁବକଙ୍କୁ ଟାଙ୍ଗିଆ ଆକ୍ରମଣ କରି ହତ୍ୟା କରିଥିବା ଅଭିଯୋଗ ଆସିଛି । ମୃତକଙ୍କୁ ପ୍ରଦୀପ ଭୋଇ (୨୫) ବୋଲି ପୋଲିସ ଚିହ୍ନଟ କରିଛି । ସେ ନିଜ ଘରର ବାରଣ୍ଡାରେ ଶୋଇଥିବା ବେଳେ ଅଭିଯୁକ୍ତ ତାଙ୍କୁ ତାଙ୍କ ଭାଇ ଉନ୍ନମ କୁମାର ଭୋଇ (୨୮) ଭାବି ଆକ୍ରମଣ କରିଥିବା ଜଣାପଡ଼ିଛି । ପୋଲିସ ସୂଚନା ଅନୁସାରେ, ପ୍ରଦୀପଙ୍କ ହାତ, ଛାତି ଓ ଗଳାରେ ଗୁରୁତର ଆଘାତ ଲାଗିଥିଲା । ତାଙ୍କ ଚିତ୍କାର ଶୁଣି ପରିବାର ଲୋକେ ବାହାରିଆସିଥିଲେ, କିନ୍ତୁ ସେତେବେଳେ ଆକ୍ରମଣକାରୀ ପଳାଇଯାଇଥିଲେ । ଗୁରୁତର ଅବସ୍ଥାରେ ତାଙ୍କୁ ହସ୍ପିଟାଲକୁ ନେବା ପୂର୍ବରୁ ସେ ମୃତ୍ୟୁବରଣ କରିଥିଲେ । ଘଟଣାସ୍ଥଳରେ ଝାରସୁଗୁଡା ଏସପି ଜି. ଆର. ରାଘବେନ୍ଦ୍ର, ବ୍ରଜରାଜନଗର ଏସଡିପିଓ, ଲଖନପୁର ପୋଲିସ, ବୈଜ୍ଞାନିକ ଦଳ ଓ ଡଗ୍ ସ୍କ୍ୱାଡ୍ ପହଂଚି ତଦନ୍ତ ଆରମ୍ଭ କରିଥିଲେ । ଉନ୍ନମ କୁମାର ଭୋଇଙ୍କ ଅଭିଯୋଗ ଆଧାରରେ ମାମଲା ରଜୁ କରାଯାଇଛି । ପରେ ପୋଲିସ ଅଭିଯୁକ୍ତ ନିଳମଣି ଭୋଇ (୫୭)ଙ୍କୁ ଗିରଫ କରିଛି । ତଦନ୍ତରେ ଜଣାପଡ଼ିଛି ଯେ, ନିଳମଣିଙ୍କ ସହ ଉନ୍ନମ କୁମାର ଭୋଇଙ୍କ ଦୀର୍ଘଦିନର ବିବାଦ ରହିଥିଲା । ପୋଲିସ କହିଛି, "ପୂର୍ବ ବିବାଦକୁ ନେଇ ନିଳମଣି ଉନ୍ନମଙ୍କୁ ହତ୍ୟା କରିବାକୁ ଯୋଜନା କରିଥିଲେ । ସାଧାରଣତଃ ଉନ୍ନମ ବାରଣ୍ଡାରେ ଶୋଉଥାନ୍ତି, କିନ୍ତୁ ଗତ ଦୁଇ ଦିନ ଧରି ସେ ଘରଭିତରେ ଶୋଉଥିଲେ ଓ ପ୍ରଦୀପ ବାହାରେ ଶୋଉଥିଲେ । ଏହିକାରଣରୁ ନିଳମଣି ଭୁଲରେ ପ୍ରଦୀପଙ୍କୁ ଉତମ ଭାବି ହତ୍ୟା କରିଥିଲେ ।" ଅଭିଯୁକ୍ତ ଘଟଣା ପରେ ବ୍ୟବହୃତ ଟାଙ୍ଗିଆ ନିକଟସ୍ଥ ଜଙ୍ଗଲରେ ଲୁଚାଇଥିବାବେଳେ ପୋଲିସ ତାହା ଜବତ କରିଛି । ମୃତଦେହକୁ ପୋଷ୍ଟମର୍ଟମ ପାଇଁ ପଠାଯାଇଥିବା ବେଳେ ଅଭିଯୁକ୍ତଙ୍କୁ ଗିରଫ କରାଯାଇଛି ।

ଆଇନ ସଚେତନତା ଶିବିର

ସମ୍ବଲପୁର,୮/୫(ନି/ପ୍ର): ଜିଲ୍ଲା ଆଇନ ସେବା ପ୍ରାଧିକରଣର ଅଧ୍ୟକ୍ଷ ତଥା ଜିଲ୍ଲା ଦୌରା ଜଜ ପ୍ରଜ୍ଞା ପାଣିଗ୍ରାହୀଙ୍କ ନିର୍ଦ୍ଦେଶକ୍ରମେ ବିକଳ୍ପ ସମାଧାନ କେନ୍ଦ୍ର, ସିଭିଲ କୋର୍ଟ ଠାରେ ଆଇନ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି । ଏହି ଶିବିରକୁ ସ୍ଥାୟୀ ଲୋକ ଅଦାଲତ ଅଧ୍ୟକ୍ଷ ଶିଶିର କୁମାର ରଥ ଅଧ୍ୟକ୍ଷତା କରି ସାଧାରଣଙ୍କ ବିଭିନ୍ନ ଜଣ କଲ୍ୟାଣମୂଳକ ଯୋଜନା ଯଥା ଶକ୍ତି, ବିଜୁଳି, ଜଳ ଯୋଗାଣ ବ୍ୟବସ୍ଥା, ଶିକ୍ଷା କିମ୍ବା ଶିକ୍ଷାନୁଷ୍ଠାନ ସମ୍ବନ୍ଧୀୟ ସେବା, ବ୍ୟାଙ୍କ ଓ ଆର୍ଥିକ ଅନୁଷ୍ଠାନ ସମ୍ବନ୍ଧୀୟ ସେବା, ବାର୍ଦ୍ଧକ୍ୟ ଭତ୍ତା, ବିଧବା ଭତା ଓ ବେକାରୀ ଭତା ଆଦି ସମ୍ବନ୍ଧରେ ବିସ୍ତୃତ ଆଲୋକପାତ କରିଥିଲେ । ଏହି ସଭାରେ "ସମାଧାନ ସମାରୋହ"- ଏକ ସ୍ୱତନ୍ତ୍ର ଲୋକ ଅଦାଲତ ବିଷୟରେ ଉପସ୍ଥିତ ଜନସାଧାରଣଙ୍କୁ ଅବଗତ କରାଯାଇଥିଲା । ଏହି ଶିବିରରେ ଏହି ଶିବିରରେ ପ୍ରତିପକ୍ଷ ଓକିଲ ବୃନ୍ଦ, ପାରା ଲିଗାଲ ସ୍ୱେଚ୍ଛାସେବୀ ଓ ସ୍ୱୟଂ ସହାୟକ ସଂସ୍ଥା ର ସଦସ୍ୟ ବୃନ୍ଦ ଉପସ୍ଥିତ ଥିଲେ । ଏହି କାର୍ଯ୍ୟକ୍ରମକୁ ଜିଲ୍ଲା ଆଇନ ସେବା ପ୍ରାଧିକରଣ ସଚିବ ସୁକୁମାର ମହାପାତ୍ର ପରିଚାଳନା କରିଥିଲେ ।

କାନାଡା ହାଇକମିଶନରଙ୍କ ଓଡ଼ିଶା ଉପମୁଖ୍ୟମନ୍ତ୍ରୀଙ୍କ ସହ ସାକ୍ଷାତ

ଭୁବନେଶ୍ୱର,୮/୫(ନି/ପ୍ର): ଭାରତରେ ଅବସ୍ଥାପିତ କାନାଡାର ହାଇକମିଶନର କ୍ରିଷ୍ଟୋଫର କୁଟର ନିଜ ପତ୍ନୀଙ୍କ ସହ ଗୁରୁବାର ଲୋକସେବା ଭବନଠାରେ ଓଡ଼ିଶାର ଉପମୁଖ୍ୟମନ୍ତ୍ରୀ ତଥା କୃଷି ଓ କୃଷକ ସଶକ୍ତିକରଣ ଏବଂ ଶକ୍ତି ମନ୍ତ୍ରୀ ଶ୍ରୀ କନକ ବର୍ଦ୍ଧନ ସିଂହଦେଓଙ୍କୁ ସୌଜନ୍ୟମୂଳକ ସାକ୍ଷାତ କରିଛନ୍ତି । ଏହି ବୈଠକରେ ଶକ୍ତି ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ଶ୍ରୀ ବିଶାଳ କୁମାର ଦେବ ଏବଂ ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗର ପ୍ରମୁଖ ଶାସନ ସଚିବ ତଥା ସିଏମଡ଼ି ଓପିଟିସିଏଲ୍ ଭାସ୍କର ଜ୍ୟୋତି ଶର୍ମା ମଧ୍ୟ ଉପସ୍ଥିତ ଥିଲେ । ଏହି ଆଲୋଚନାରେ ଭାରତ ଓ କାନାଡା ମଧ୍ୟରେ ଦ୍ୱିପାକ୍ଷିକ ସହଯୋଗକୁ ସୁଦୃଢ଼ କରିବା ପାଇଁ ବିଭିନ୍ନ କ୍ଷେତ୍ର ଉପରେ ଗୁରୁତ୍ୱ ଦିଆଯାଇଥିଲା, ଯେଉଁଥିରେ ଓଡ଼ିଶା ପ୍ରତି ସ୍ୱତନ୍ତ୍ର ଧ୍ୟାନ ରହିଥିଲା । ଏହି ପ୍ରମୁଖ କ୍ଷେତ୍ରଗୁଡ଼ିକ ମଧ୍ୟରେ କୃଷି-ରପ୍ତାନି, ବୈଷୟିକ ସହଯୋଗ ଏବଂ ଦ୍ୱିପାକ୍ଷିକ ବାଣିଜ୍ୟ ଅନ୍ତର୍ଭୁକ୍ତ । ଉପମୁଖ୍ୟମନ୍ତ୍ରୀ ଶ୍ରୀ ସିଂହଦେଓ ଖଣିଜ ଉତ୍ପାଦନ କ୍ଷେତ୍ରରେ ଓଡ଼ିଶାର ଅଗ୍ରଣୀ ଭୂମିକା ଉପରେ ଆଲୋକପାତ କରି କହିଥିଲେ ଯେ, ଦେଶର ମୋଟ କ୍ରୋମାଇଟ୍ ଭଣ୍ଡାରର ୯୨% ଓଡ଼ିଶାରେ ରହିଛି ଏବଂ ଉପକୂଳବର୍ତ୍ତୀ ଅଂଚଳରେ ପ୍ରଚୁର ପରିମାଣରେ 'ରେୟାର ଆର୍ଥ' ଖଣିଜ ସମ୍ପଦ ରହିଛି । ବିଶେଷ କରି ଖଣି ଏବଂ ମୂଲ୍ୟଯୁକ୍ତ ଶିଳ୍ପରେ ବୈଦେଶିକ ପ୍ରତ୍ୟକ୍ଷ ପୁଞ୍ଜିନିବେଶର ସମ୍ଭାବନା ଉପରେ ବିସ୍ତୃତ ଭାବେ ଆଲୋଚନା ମଧ୍ୟ କରାଯାଇଥିଲା । କାନାଡା ପ୍ରତିନିଧି ଦଳ ଓଡ଼ିଶାର ଅଟୋମୋବାଇଲ୍ କ୍ଷେତ୍ରରେ ପୁଞ୍ଜିନିବେଶ ପାଇଁ ଆଗ୍ରହ ପ୍ରକାଶ କରିଛନ୍ତି । ଉଭୟ ପକ୍ଷ ଦ୍ୱିପାକ୍ଷିକ ବାଣିଜ୍ୟ ବୃଦ୍ଧି ଏବଂ ସ୍ଥାୟୀ ଶିଳ୍ପ ଅଭିବୃଦ୍ଧି ପାଇଁ ବୈଷୟିକ ଭାଗିଦାରୀର ସୁଯୋଗ ନେବା ସମ୍ପର୍କରେ ଆଲୋଚନା କରିଥିଲେ । ଉପମୁଖ୍ୟମନ୍ତ୍ରୀ ପ୍ରତିନିଧି ଦଳକୁ ଓଡ଼ିଶାର ଇତିହାସ, ଏହାର ସମୃଦ୍ଧ ଐତିହ୍ୟ ଏବଂ ସାମ୍ପ୍ରତିକ କୃଷି ସ୍ଥିତି ସମ୍ପର୍କରେ ଅବଗତ କରାଇବା ସହ ପରମ୍ପରା ଏବଂ ଆଧୁନିକ ବିକାଶ ମଧ୍ୟରେ ରାଜ୍ୟର ସନ୍ତୁଳିତ ଆଭିମୁଖ୍ୟ ଉପରେ ଗୁରୁତ୍ୱାରୋପ କରିଥିଲେ । ଶ୍ରୀ ସିଂହଦେଓ କହିଛନ୍ତି ଯେ, ଓଡ଼ିଶା ଏହିଭଳି ବିଶ୍ୱସ୍ତରୀୟ ଭାଗିଦାରୀକୁ ସ୍ୱାଗତ କରୁଛି । ବିଶ୍ୱବ୍ୟାଙ୍କର 'ଇଜ୍ ଅଫ୍ ଡୁଇଙ୍ଗ୍ ବିଜନେସ୍' ରିପୋର୍ଟରେ ଏକ 'ଅଚିଭର୍ ରାଜ୍ୟ ଭାବରେ ଓଡ଼ିଶା ନିଜର ସରଳ ନୀତି, ଡ଼ିଭୂମି ଓ ଶିଳ୍ପ-ଉପଯୋଗୀ ପରିବେଶ ଦ୍ୱାରା ବିଶ୍ୱରୁ ପୁଞ୍ଜିନିବେଶକାରୀଙ୍କୁ ଆକର୍ଷିତ କରୁଛି । ଭାରତରେ ପ୍ରସ୍ତାବିତ ତିନୋଟି ଗ୍ରୀନ୍ ହାଇଡ୍ରୋଜେନ୍ ହବ୍ ମଧ୍ୟରୁ ଦୁଇଟି ଓଡ଼ିଶାର ପାରାଦୀପ ଏବଂ ଗୋପାଳପୁରରେ ସ୍ଥାପନ କରାଯିବ । ଏହି ହବ୍ ଗୁଡ଼ିକ ରାଜ୍ୟକୁ ପାରମ୍ପରିକ ଶକ୍ତିରୁ ଅକ୍ଷୟ ଶକ୍ତି ଆଡ଼କୁ ଅଗ୍ରସର ହେବାରେ ସାହାଯ୍ୟ କରିବ ।

ଯୋଜନା ବୋର୍ଡ ଅଧ୍ୟକ୍ଷଙ୍କୁ ଫଟୋଚିତ୍ର ପ୍ରଦାନ

ଭଦ୍ରକ,୮/୫(ନି/ପ୍ର): ବାଲେଶ୍ୱର ଜିଲା ସିମୁଳିଆ ବିଧାୟକ ତଥା ବାଲେଶ୍ୱର ଜିଲ୍ଲା ଯୋଜନା ବୋର୍ଡର ଅଧ୍ୟକ୍ଷ ପଦ୍ମଲୋଚନ ପଣ୍ଡାଙ୍କୁ ଫଟୋଚିତ୍ର ପ୍ରଦାନ କରିଛନ୍ତ ଚିତ୍ରଶିଳ୍ପୀ ନମିତା ବେହେରା । ସିମୁଳିଆସ୍ଥିତ ବାସ ଭବନରେ ଭେଟି ଫଟୋଚିତ୍ର ପ୍ରଦାନ କରାଯାଇଥିବା ବେଳେ ଶ୍ରୀଯୁକ୍ତ ପଣ୍ଡା ନମିତାଙ୍କ ଏହି କାର୍ଯ୍ୟକୁ ପ୍ରଶଂସା କରିଥିଲେ । ସେହିପରି ଭଦ୍ରକ ଜିଲ୍ଲା ମୁଖ୍ୟ ଉନ୍ନୟନ ଅଧିକାରୀ ଶୁଭେନ୍ଦ୍ର କୁମାର ସାମଲଙ୍କୁ ଫଟୋଚିତ୍ର ପ୍ରଦାନ କରାଯାଇଛି । ଶ୍ରୁଶ୍ରୀ ନମିତା ବହୁ ବିଶିଷ୍ଟ ବ୍ୟକ୍ତି ଯଥା-ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ, ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ, ରାଜ୍ୟପାଳ ହରିବାବୁ କମ୍ଭମ୍ପଟ୍ଟି, ବାଚସ୍ପତି ସୁରମା ପାଢ଼ି, ଉପ-ମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡା, କନକ ବର୍ଦ୍ଧନ ସିଂଦେଓଙ୍କ ସମେତ ବହୁ ପ୍ରଶାସନିକ ଅଧିକାରୀ, ବିଶିଷ୍ଟ ବ୍ୟକ୍ତିଙ୍କୁ ଫଟୋଚିତ୍ର ପ୍ରଦାନ କରି ଚର୍ଚ୍ଚାରେ ରହିଥିବା ବେଳେ ଇଣ୍ଡିଆ ବୁକ୍ ଅଫ୍ ରେକର୍ଡ, ଇଣ୍ଟର ନ୍ୟାସନାଲ୍ ବୁକ୍ ଅଫ୍ ରେକର୍ଡ, ନୋବେଲ୍ ୱାର୍ଲ୍ଡ ରେକର୍ଡ, ୱାର୍ଲ୍ଡ ୱାଇଡ୍ ଡକ୍ଟରେଟ୍ ଆୱାର୍ଡ, ଜେନିୟସ୍ ବୁକ୍ ଅଫ୍ ରେକର୍ଡ, ଲଣ୍ଡନ ବୁକ୍ ଅଫ୍ ୱାର୍ଲ୍ଡ ରେକର୍ଡ ଆଦି ପାଇ ସାରିଛନ୍ତି ।

ଭାଜପାରେ ବଡ଼ ମିଶ୍ରଣ ପର୍ବ:ଶତାଧିକ ବିଜେଡି କର୍ମୀଙ୍କ ଯୋଗଦାନ

ଝାରସୁଗୁଡ଼ା,୮/୫(ନି/ପ୍ର): ଝାରସୁଗୁଡ଼ା ସହରର ବିଟିଏମ ସ୍ଥିତ ଭାଜପା କାର୍ଯ୍ୟାଳୟରେ ବୁଧବାର ଏକ ବିଶାଳ ମିଶ୍ରଣ ପର୍ବ ଆୟୋଜିତ ହୋଇଥିଲା । ଏହି ଅବସରରେ ଝାରସୁଗୁଡ଼ା ସଦର ବ୍ଲକର ଏଚ. କଟାଂପାଲି ଗ୍ରାମ ପଂଚାୟତରୁ ଶତାଧିକ ବିଜେଡି କର୍ମୀ ଆନୁଷ୍ଠାନିକ ଭାବେ ଭାରତୀୟ ଜନତା ପାର୍ଟିରେ ସାମିଲ ହୋଇଥିଲେ । ଝାରସୁଗୁଡ଼ା ବିଧାୟକ ଟଙ୍କଧର ତ୍ରିପାଠୀଙ୍କ ଉପସ୍ଥିତିରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଗ୍ରାମର ବହୁ ପ୍ରମୁଖ ବ୍ୟକ୍ତିବିଶେଷ ଓ କର୍ମକର୍ତ୍ତାମାନେ ଯୋଗଦେଇଥିଲେ । ବିଧାୟକ ତ୍ରିପାଠୀଙ୍କ ଜନହିତକର କାର୍ଯ୍ୟ ଓ ଭାଜପାର ନୀତି-ଆଦର୍ଶରେ ପ୍ରେରିତ ହୋଇ ସେମାନେ ଦଳରେ ଯୋଗଦେଇଥିବା କଥା କହିଥିଲେ । ଏହି ମିଶ୍ରଣ ପର୍ବରେ ଭାରତୀୟ ସିଂ, ଚଟ୍ଟୁ ସିଂ, ଝରଣା ସିଂ, ଝରଣା ସେଠ୍, ଜ୍ୟୋତି ବେସନ, ପ୍ରତାପ ତାଣ୍ଡିଆ, ଦୌଲତ କୁସୁମ, ରୁକ୍ମଣ ତାଣ୍ଡିଆ, ପୁଷ୍ପା ବାଦୀ, ଶମ୍ଭୁ ମହାନନ୍ଦ, ବାବୁଲାଲ ବୁଡା, ଗୁଡ୍ଡୁ ତାଣ୍ଡିଆ ଓ ମୁନୁପିଲା ମହାନନ୍ଦଙ୍କ ସହିତ ଅନେକ କର୍ମୀ ଭାଜପାରେ ସାମିଲ ହୋଇଥିଲେ । କାର୍ଯ୍ୟକ୍ରମରେ ଝାରସୁଗୁଡ଼ା ମଣ୍ଡଳ ସଭାପତି ହେମରଞ୍ଜନ ସିଂ, ପ୍ରମୋଦ ତ୍ରିପାଠୀ, ଭରତ ପାଣିଗ୍ରାହୀ, ପ୍ରଭାତ ପଟେଲ, ନରୋତମ ସେଠ୍, ମୁରାରୀ ସାହୁ, ସୁବଳ ପଟେଲ, ପଦ୍ମିନୀ ପଟେଲ, ଅନୁପ ପଟ୍ଟନାୟକ, ଚମ୍ପୁ ରକ୍ସା ଓ ରଜନୀ ତିୱାରୀ ପ୍ରମୁଖ ଉପସ୍ଥିତ ଥିଲେ । ନୂତନ କର୍ମୀଙ୍କ ଯୋଗଦାନ ଫଳରେ ଅଂଚଳରେ ଭାଜପା ସଂଗଠନ ଆହୁରି ସୁଦୃଢ଼ ହେବ ବୋଲି ବିଧାୟକ ଟଙ୍କଧର ତ୍ରିପାଠୀ ଆଶା ପ୍ରକଟ କରିଛନ୍ତି । ସ୍ଥାନୀୟ ରାଜନୀତିରେ ଏହି ମିଶ୍ରଣ ପର୍ବକୁ ଏକ ବଡ଼ ପରିବର୍ତ୍ତନର ସୂଚନା ବୋଲି ଚର୍ଚ୍ଚା ହେଉଛି ।

ଝାରସୁଗୁଡାରେ ଜିଲ୍ଲା ପରିଷଦ ବୈଠକ : ଉନ୍ନୟନ ଯୋଜନାର ସମୀକ୍ଷା

ଝାରସୁଗୁଡ଼ା, ୮/୫(ନି/ପ୍ର): ଝାରସୁଗୁଡା ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷରେ ଆଜି ଜିଲ୍ଲା ପରିଷଦ ଅଧ୍ୟକ୍ଷା ତୁଳାବତୀ ମିଞ୍ଜଙ୍କ ଅଧ୍ୟକ୍ଷତାରେ ଜିଲ୍ଲା ପରିଷଦ ବୈଠକ ଅନୁଷ୍ଠିତ ହୋଇଯାଇଛି । ବୈଠକରେ ଝାରସୁଗୁଡା ବିଧାୟକ ଓ ଜିଲ୍ଲା ଯୋଜନା ବୋର୍ଡ ଅଧ୍ୟକ୍ଷ ଟଙ୍କଧର ତ୍ରିପାଠୀ, ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀଙ୍କ ପ୍ରତିନିଧି ସଞ୍ଜୟ ସିଂ, ବରଗଡ଼ ସାଂସଦଙ୍କ ପ୍ରତିନିଧି ସୁନୀଲ କୁମାର ଦାଶ, ଜିଲ୍ଲା ପରିଷଦ ଉପାଧ୍ୟକ୍ଷ ଅକ୍ଷୟ କୁମାର ସାହୁ ଓ ଅନ୍ୟାନ୍ୟ ଅଧିକାରୀମାନେ ଉପସ୍ଥିତ ଥିଲେ । ସଭା ଆରମ୍ଭରେ ମୁଖ୍ୟ ଉନ୍ନୟନ ଓ ନିର୍ବାହୀ ଅଧିକାରୀ ବିଶ୍ୱରଞ୍ଜନ ନାୟକ ସମସ୍ତଙ୍କୁ ସ୍ୱାଗତ କରି ବୈଠକର ଅଜେଣ୍ଡା ଉପସ୍ଥାପନ କରିଥିଲେ । ଗତ ଡିସେମ୍ବର ୨୦୨୫ରେ ହୋଇଥିବା ବୈଠକରେ ଉଠିଥିବା ବିଭିନ୍ନ ପ୍ରଶ୍ନ ଉପରେ ପୁନଃସମୀକ୍ଷା କରାଯାଇ ସମ୍ପୃକ୍ତ ବିଭାଗମାନେ ତାହାର ସ୍ପଷ୍ଟୀକରଣ ପ୍ରଦାନ କରିଥିଲେ । ବୈଠକରେ ୨୦୨୫-୨୬ ଅର୍ଥବର୍ଷ ପାଇଁ ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଯୁକ୍ତି ଯୋଜନା, ପ୍ରଧାନମନ୍ତ୍ରୀ ଆବାସ ଯୋଜନା ଓ ଓଡ଼ିଶା ଲିଭଲିହୁଡ୍ ମିଶନ ସହିତ ବିଭିନ୍ନ ଯୋଜନାର ଭୌତିକ ଓ ଆର୍ଥିକ ଅଗ୍ରଗତିର ସମୀକ୍ଷା କରାଯାଇଥିଲା । ୨୦୨୬ ପାଇଁ ନିର୍ଦ୍ଧାରିତ ଲକ୍ଷ୍ୟ ପୂରଣ, କାମର ଗତି ବୃଦ୍ଧି, ଗୁଣତ୍ୱ ରକ୍ଷା ଓ ସମୟସୀମା ମଧ୍ୟରେ କାମ ସମାପ୍ତି ଉପରେ ଗୁରୁତ୍ୱ ଦିଆଯାଇଥିଲା । ଗ୍ରାମୀଣ ଅଂଚଳରେ ରୋଜଗାର ସୃଷ୍ଟି, ଘର ନିର୍ମାଣର ଗତିବୃଦ୍ଧି, ପାଣି ଯୋଗାଣ, ସ୍ୱାସ୍ଥ୍ୟ ସେବା ଓ ପାଇପ ଲାଇନ୍ ବିକାଶ ନେଇ ବିଶେଷ ଆଲୋଚନା ହୋଇଥିଲା । ବର୍ଷା ଋତୁ ପୂର୍ବରୁ ବଡ଼ ଗଛ ଡାଳ କାଟିବା ପାଇଁ ବିଦ୍ୟୁତ ବିଭାଗକୁ ନିର୍ଦ୍ଦେଶ ଦିଆଯାଇଛି । ସ୍ୱାସ୍ଥ୍ୟ କ୍ଷେତ୍ରରେ ଡାକ୍ତର ଓ କର୍ମଚାରୀଙ୍କ ଅବହେଳା ପ୍ରସଙ୍ଗରେ ଚିନ୍ତା ବ୍ୟକ୍ତ କରାଯାଇ ଏହାପ୍ରତି ଯଥାଚିତ ଦୃଷ୍ଟି ଦେବାକୁ ମୁଖ୍ୟ ଚିକିତ୍ସାଧିକାରୀଙ୍କୁ ଅବଗତ କରାଯାଇଥିଲା । ପ୍ରତ୍ୟେକ ବ୍ଲକ୍ ସ୍ତରରେ ବୈଠକ କରି ଏକ ବର୍ଷ ପାଇଁ ଭିଜନ ଡକ୍ୟୁମେଂଟ ପ୍ରସ୍ତୁତ କରି ୨୦ ମଇ ସୁଦ୍ଧା ଦାଖଲ କରିବାକୁ ନିର୍ଦ୍ଦେଶ ମିଳିଛି । ଭଙ୍ଗା ସ୍କୁଲ ଓ ଅଙ୍ଗନବାଡି କେନ୍ଦ୍ରର ପୁନଃନିର୍ମାଣ, ପଂଚାୟତ ସ୍ତରରେ ଖେଳ ପଡ଼ିଆ, ପୋଖରୀ ଓ ଓପେନ ଜିମ୍ ପ୍ରକଳ୍ପମାନଙ୍କ ନିୟମିତ ମନିଟରିଂ ପାଇଁ ମଧ୍ୟ ଜୋର ଦିଆଯାଇଛି । ଏହାସହ ଅଦା ଓ ମରିଚ ଚାଷ ପ୍ରୋତ୍ସାହନ, ଦୁଗ୍ଧ ଶୀତଳୀକରଣ କେନ୍ଦ୍ର ସ୍ଥାପନ, ମାଇନର ଇରିଗେସନ ଓ ମେଗା ଲିଫ୍ଟ ପ୍ରକଳ୍ପ, ଜମି ଅଧିଗ୍ରହଣ ସମସ୍ୟା ଓ ସ୍ୱାସ୍ଥ୍ୟ କେନ୍ଦ୍ରରେ ମାସିକ ବୈଠକ ଆଦି ବିଷୟରେ ମଧ୍ୟ ଆଲୋଚନା ହୋଇଥିଲା । ଜିଲ୍ଲାର ସମଗ୍ର ଉନ୍ନତି ପାଇଁ ସମସ୍ତ ବିଭାଗକୁ ସମନ୍ୱିତ ଭାବେ କାମ କରିବାକୁ ବୈଠକରେ ଆହ୍ୱାନ କରାଯାଇଥିଲା । ଶେଷରେ ଅତିରିକ୍ତ ଉନ୍ନୟନ ଅଧିକାରୀ ସୂର୍ଯ୍ୟାଂଶୁ ରଥ ଧନ୍ୟବାଦ ଜଣାଇଥିଲେ । ବୈଠକରେ ଜିଲ୍ଲା ପରିଷଦ ସଦସ୍ୟମାନେ, ବ୍ଲକ୍ ଅଧ୍ୟକ୍ଷ/ଅଧ୍ୟକ୍ଷାମାନେ ଓ ବିଭିନ୍ନ ବିଭାଗର ଜିଲ୍ଲା ଓ ବ୍ଲକ୍ ସ୍ତରୀୟ ଅଧିକାରୀମାନେ ଉପସ୍ଥିତ ଥିଲେ ।

ଜିଲ୍ଲା କସ୍ତୁରବା ବାଳିକା ବିଦ୍ୟାଳୟର ଶତ ପ୍ରତିଶତ ସଫଳତା

ସମ୍ବଲପୁର,୮/୫(ନି/ପ୍ର): ଚଳିତ ବର୍ଷ ମାଟ୍ରିକ୍ ପରୀକ୍ଷାରେ କଂବିଭି କସ୍ତୁରବା ଗାନ୍ଧୀ ବାଳିକା ବିଦ୍ୟାଳୟ(କେଜିବିଭି), ମହମ୍ମଦପୁରର ସମସ୍ତ ୨୭ଜଣ ଛାତ୍ରୀ ସଫଳତା ହାସଲ କରି ସମଗ୍ର ଜିଲ୍ଲା ପାଇଁ ଗୌରବ ଆଣିଛନ୍ତି । ଚଳିତ ବର୍ଷ ଏହାର ଅନ୍ତେବାସୀ ମଧ୍ୟରୁ ଶୁଭଶ୍ରୀ ଡାକୁଆ ୫୫୯ ନମ୍ବର ରଖି ଏ ୧ ଲାଭ ଓ ଇତିଶ୍ରୀ ମିର୍ଦ୍ଧା ଏ ୨ ସଫଳତା ଲାଭ କରିଛନ୍ତି । ଶୁଭଶ୍ରୀ ରାଜ୍ୟରେ ସମସ୍ତ କେଜିବିଭି ବର୍ଗରେ ଏକମାତ୍ର ଛାତ୍ରୀ ହିସାବରେ ଏ୧ ର୍ୟାଙ୍କ ପାଇଛନ୍ତି । ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ଏହି ସଫଳତାକୁ ଛାତ୍ରଛାତ୍ରୀ ମାନଙ୍କର ଅକ୍ଳାନ୍ତ ପରିଶ୍ରମ, ଶିକ୍ଷକମାନଙ୍କର ନିଷ୍ଠା ଏବଂ ଅଭିଭାବକମାନଙ୍କର ସହଯୋଗର ଫଳ ବୋଲି କହିଛନ୍ତି । ଏହି ସଫଳତା ପଛରେ ସମ୍ବଲପୁର ଜିଲ୍ଲା ଶିକ୍ଷା ଅଧିକାରୀ ଲକ୍ଷ୍ମଣ ଭୋଇ ଓ ଧନକଉଡ଼ା ବ୍ଲକ ଶିକ୍ଷାଧିକାରୀ କରନ ଶର୍ମା, ଜିଲ୍ଲା ବାଳିକା ଶିକ୍ଷା ସଂଯୋଜକ ଅବିନାଶ ସାହୁ ଓ ପ୍ରଧାନ ଶିକ୍ଷକ ପ୍ରଭାତୀ ପାଣଗ୍ରାହୀ, ଅନିଲ ମିଶ୍ର ତଥା ବିଦ୍ୟାଳୟ ର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ, ହଷ୍ଟେଲର ସମସ୍ତ କର୍ମଚାରୀଙ୍କର ପ୍ରେରଣା ଓ ଦିଗଦର୍ଶନ ଯୋଗୁଁ ଏହି ସଫଳତା ସମ୍ଭବ ହେଲା ବୋଲି ଶୁଭଶ୍ରୀ ନିଜ ପ୍ରତିକ୍ରିୟାରେ କହିଛନ୍ତି । ସମ୍ବଲପୁର ଜିଲ୍ଲାର ଚାରୋଟି କେଜିବିଭି ରେ ୭ଶହ ଅବହେଳିତ, ଅନାଥ, ଅଧାରୁ ପାଠ ଛାଡ଼ିଥିବା ଛାତ୍ରୀମାନଙ୍କୁ ରଖି ସେମାନଙ୍କ ସାମଗ୍ରୀକ ବିକାଶ ନିମିତ ସର୍ବବିଧ ଆବାସିକ ସୁବିଧା ସୁଯୋଗ ପ୍ରଦାନ କରାଯାଉଛି ।

ଭିମ୍ସାରରେ ୪ ଦିନରେ ୫ ପ୍ରସୂତିଙ୍କ ମୃତ୍ୟୁ, ଘଟଣାର ତଦନ୍ତ ନିର୍ଦ୍ଦେଶ

ସମ୍ବଲପୁର,୮/୫(ନି/ପ୍ର): ବୁର୍ଲା ବୀର ସୁରେନ୍ଦ୍ର ସାଏ ଆୟୁର୍ବିଜ୍ଞାନ ଗବେଷଣା ପ୍ରତିଷ୍ଠାନ (ଭିମ୍ସାର)ର ପ୍ରସୂତି ଓ ସ୍ତ୍ରୀ'ରୋଗ ବିଭାଗରେ ୪ ଦିନ ମଧ୍ୟରେ ଚିକିତ୍ସାଧୀନ ୫ ଜଣ ପ୍ରସୂତିଙ୍କର ଅସ୍ୱାଭାବିକ ମୃତ୍ୟୁ ହୋଇଛି । ଏହି ଘଟଣା ପଦାକୁ ଆସିବା ପରେ ଆଲୋଡ଼ନ ସୃଷ୍ଟି ହୋଇଛି । କେଉଁ ପରିସ୍ଥିତିରେ ପ୍ରସୂତିଙ୍କର ମୃତ୍ୟୁ ହେଲା ସେ ସଂକ୍ରାନ୍ତରେ ରିପୋର୍ଟ ଦେବାକୁ ବିଭାଗୀୟ ମୁଖ୍ୟଙ୍କୁ ନିର୍ଦ୍ଦେଶ ଦିଆଯାଇଛି । ମୃତ୍ୟୁର କାରଣ ବର୍ତ୍ତମାନ ପର୍ଯ୍ୟନ୍ତ ଅସ୍ପଷ୍ଟ ଥିବା କହିଛନ୍ତି ଭିମ୍ସାରର ନିର୍ଦ୍ଦେଶକ ପ୍ରଫେସର ଡା. ଲାଲମୋହନ ନାଏକ । ସୂଚନା ଅନୁଯାୟୀ, ଗତ ୧ ତାରିଖରେ ଭିମ୍ସାରର ପ୍ରସୂତି ଓ ସ୍ତ୍ରୀ'ରୋଗ ବିଭାଗରେ ଅଚାନକ ଜଣେ ମହିଳାଙ୍କର ମୃତ୍ୟୁ ହୋଇଥିଲା । ପ୍ରସବରେ କୌଣସି ଜଟିଳତା ନଥିଲା ଓ ନବଜାତ ସନ୍ତାନ ମଧ୍ୟ ସୁସ୍ଥ ଥିଲା । ହେଲେ କିଛି ସମୟ ମଧ୍ୟରେ ତାଙ୍କର ଆକସ୍ମିକ ମୃତ୍ୟୁ ପୂରା ବିଭାଗକୁ ଚକିତ କରି ଦେଇଥିଲା । ଏହାପରେ ଜଣେ ପରେ ଜଣେ ଏମିତି ଚାରିଜଣଙ୍କର ୪ ଦିନ ମଧ୍ୟରେ ମୃତ୍ୟୁ ହେଲାଣି । ଏମାନଙ୍କ ମଧ୍ୟରୁ କେବଳ ଜଣେ ରକ୍ତଶିଳୁଳି (ସିକିଲ୍‌ସେଲ୍)ରେ ଆକ୍ରାନ୍ତ ଥିଲେ ଏବଂ ଅନ୍ୟମାନଙ୍କ ସ୍ୱାସ୍ଥ୍ୟାବସ୍ଥା ସ୍ୱାଭାବିକ ଥିଲା । ମୃତ ସମସ୍ତ ମହିଳାଙ୍କ ବୟସ ୨୦ରୁ ୨୫ ବର୍ଷ ମଧ୍ୟରେ । ଔଷଧର ପାର୍ଶ୍ୱ ପ୍ରତିକ୍ରିୟାରୁ ଏଭଳି ମୃତ୍ୟୁ ହୋଇଥିବା ଆଶଙ୍କା କରାଯାଉଥିଲା । କିନ୍ତୁ ସେହି ଔଷଧ ଦିଆଯାଇଥିବା ଅନ୍ୟ ବିଭାଗର ରୋଗୀଙ୍କଠାରେ କୌଣସି ପାର୍ଶ୍ୱ ପ୍ରତିକ୍ରିୟା ଦେଖାଯାଇ ନାହିଁ । ଏପରିକି ଏସ୍‌ସିବିର ପ୍ରସୂତି ଓ ସ୍ତ୍ରୀ'ରୋଗ ବିଭାଗରେ ଉକ୍ତ ଔଷଧ ବ୍ୟବହାର ହୋଇଥିଲେ ସୁଦ୍ଧା କୌଣସି ଅଘଟଣ ଘଟିନଥିବା ଭାରପ୍ରାପ୍ତ ନିର୍ଦ୍ଦେଶକ କହିଛନ୍ତି । ଗତକାଲି ନିଜେ ନିର୍ଦ୍ଦେଶକ ସ୍ତ୍ରୀ ଓ ପ୍ରସୂତି ବିଭାଗରେ ପହଚିଂ ପ୍ରତ୍ୟେକ ମୃତକ ନେଇଥିବା ଔଷଧ, ସ୍ୱାସ୍ଥ୍ୟ ସମସ୍ୟା ଯାଚଂ କରିଥିଲେ । ସ୍ୱତନ୍ତ୍ର ଭାବରେ ରିପୋର୍ଟ ଦାଖଲ ପାଇଁ ନିର୍ଦ୍ଦେଶ ଦେଇଛନ୍ତି ।

ଶ୍ରଦ୍ଧା ପକ୍ଷରୁ ଟିପିଡବ୍ଲୁଓଡିଏଲ୍ ସହଯୋଗରେ ଭିନ୍ନକ୍ଷମଙ୍କ ପାଇଁ ଥେରାପି ଅନ୍ ହୁଇଲ୍ସ ଉଦ୍‌ଘାଟିତ

ରାଉରକେଲା,୮/୫(ନି/ପ୍ର): ଭିନ୍ନକ୍ଷମଙ୍କୁ ସେମାନଙ୍କ ଦ୍ୱାରଦେଶରେ ସ୍ୱାସ୍ଥ୍ୟସେବା ପହଞ୍ଚାଇବା ଲକ୍ଷ୍ୟ ନେଇ ଭିନ୍ନକ୍ଷମଙ୍କ ସେବାରେ ନିୟୋଜିତ ସାମାଜିକ ଅନୁଷ୍ଠାନ ଶ୍ରଦ୍ଧା ପକ୍ଷରୁ ଟାଟା ପାୱାର ୱେଷ୍ଟର୍ଣ୍ଣ ଓଡିଶା ଡିଷ୍ଟ୍ରିବ୍ୟୁସନ ଲିମିଟେଡ୍ (ଟିପିଡବ୍ଲୁଓଡିଏଲ୍) ସହଯୋଗରେ ଆଜି ପାନ୍ଥନିବାସ ଠାରେ 'ଥେରାପି ଅନ୍ ହୁଇଲ୍ସ'କୁ ଉଦ୍ଘାଟନ କରାଯାଇଛି। ସୁନ୍ଦରଗଡ ଜିଲ୍ଲାର ବିଶ୍ରା ବ୍ଲକରେ ଥିବା ୧୪ଟି ପଚାଂୟତକୁ ଏଥିରେ ଅନ୍ତର୍ଭୁକ୍ତ କରାଯିବା ସହିତ ପାଇଲଟ୍ ପ୍ରୋଜେକ୍ଟ ନିଆଯାଇ ଟିପିଡବ୍ଲୁଓଡିଏଲ୍ ସହଯୋଗରେ ଶ୍ରଦ୍ଧା ପକ୍ଷରୁ ଏହି 'ଥେରାପି ଅନ୍ ହୁଇଲ୍ସ' ସ୍ୱାସ୍ଥ୍ୟ ସେବା କାର୍ଯ୍ୟକ୍ରମ ଆରମ୍ଭ କରାଯାଇଛି। ଭିନ୍ନକ୍ଷମଙ୍କ ପାଇଁ ସ୍ୱାସ୍ଥ୍ୟସେବା ଓ ଶିକ୍ଷା ଅତ୍ୟନ୍ତ ଜରୁରୀ ଆବଶ୍ୟକତା ରହିଥିବା ବେଳେ ସୁନ୍ଦରଗଡ଼ ଜିଲ୍ଲା ବିଶ୍ରା ବ୍ଲକର ୧୪ଟି ପଚାଂୟତରେ ଟିପିଡବ୍ଲୁଓଡିଏଲ୍ ସହଯୋଗରେ ଶ୍ରଦ୍ଧା ପକ୍ଷରୁ ପ୍ରଥମକରି ଏହି ସ୍ୱାସ୍ଥ୍ୟ ସେବା କାର୍ଯ୍ୟକ୍ରମକୁ ଆରମ୍ଭ କରାଯାଇଛି। ଭିନ୍ନକ୍ଷମଙ୍କ ପାଇଁ ଉଦ୍ଦିଷ୍ଟ 'ଥେରାପି ଅନ୍ ହୁଇଲ୍ସ' ଉଦ୍ଘାଟନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ରାଜ୍ୟ ସରକାରଙ୍କ ଏସ୍‌ଏସ୍‌ଇପି ବିଭାଗର ଉପ-ସଚିବ (ଡେପୁଟି ସେକ୍ରେଟାରୀ) ସନ୍ୟାଶାଇ କୁମାର ବେହେରା ଯୋଗଦେଇଥିଲା ବେଳେ ସମ୍ମାନୀୟ ଅତିଥି ଭାବରେ ଟିପିଡବ୍ଲୁଓଡିଏଲ୍ ସିଏସ୍‌ଆର ମୁଖ୍ୟ ସମ୍ବଲପୁର ଶ୍ରୀମତୀ ଅରୁଣା ମାରାଣ୍ଡି, ଶ୍ରଦ୍ଧା ଅନୁଷ୍ଠାନର ସଭାପତି ଡକ୍ଟର ରମାକାନ୍ତ ବିଶ୍ୱାଳ, ପାନପୋଷ ଉପଖଣ୍ଡର ସାମାଜିକ ସୁରକ୍ଷା ଅଧିକାରୀ ଏସ୍‌ଏସ୍‌ଏସ୍‌ଓ ଶ୍ରୀମତୀ ମିନୁ ତାଣ୍ଡିଆ, ଶ୍ରଦ୍ଧା ଅନୁଷ୍ଠାନର ସାଧାରଣ ସମ୍ପାଦକ କାର୍ତ୍ତିକ ଚନ୍ଦ୍ର ପାଣ୍ଡବ ପ୍ରମୁଖ ମଚାଂସୀନ ଥିଲେ। 'ଥେରାପି ଅନ୍ ହୁଇଲ୍ସ' ଉଦ୍‌ଘାଟନୀ ଉତ୍ସବରେ ଶ୍ରଦ୍ଧାର ସଭାପତି ଡକ୍ଟର ରମାକାନ୍ତ ବିଶ୍ୱାଳ ଅତିଥିମାନଙ୍କ ପରିଚୟ ପ୍ରଦାନ କରିବା ସହିତ ପ୍ରକଳ୍ପର ଉପସ୍ଥାପନା କରିଥିଲେ। ମୁଖ୍ୟ ଅତିଥି ତଥା ରାଜ୍ୟ ସରକାରଙ୍କ ଏସ୍‌ଏସ୍‌ଇପିଡି ଡେପୁଟି ସେକ୍ରେଟାରୀ ସନ୍ୟାଶାଇ କୁମାର ବେହେରା, ଭୁବନେଶ୍ୱରଙ୍କ ଦ୍ୱାରା ସବୁଜ ପତାକା ଦେଖାଯାଇ 'ଥେରାପି ଅନ୍ ହୁଇଲ୍ସ' ଗାଡିକୁ ଭିନ୍ନକ୍ଷମଙ୍କ ସ୍ୱାସ୍ଥ୍ୟ ସେବା ପାଇଁ ବିଶ୍ରା ବ୍ଲକ ଅଭିମୁଖେ ଛାଡି ଦିଆଯାଇଥିଲା। ପାନପୋଷ ଉପଖଣ୍ଡ ସାମାଜିକ ସୁରକ୍ଷା ଅଧିକାରୀ (ଏସ୍‌ଏସ୍‌ଏସ୍‌ଓ) ଶ୍ରୀମତୀ ମିନୁ ତାଣ୍ଡିଆ ଭିନ୍ନକ୍ଷମଙ୍କୁ ଶିକ୍ଷା ଓ ସ୍ୱାସ୍ଥ୍ୟ ସେବା ମାଧ୍ୟମରେ କିପରି କାର୍ଯ୍ୟକ୍ଷମ କରିହେବ, ସେ ବିଷୟରେ କହିଥିଲେ। ମୁଖ୍ୟ ଅତିଥି ଶ୍ରୀ ବେହେରା ତାଙ୍କ ବକ୍ତବ୍ୟରେ ଭିନ୍ନକ୍ଷମମାନଙ୍କୁ ସ୍ୱାସ୍ଥ୍ୟସେବା ଓ ଶିକ୍ଷା ମାଧ୍ୟମରେ ସମାଜର ମୁଖ୍ୟ ସ୍ରୋତକୁ ଆଣି ରୋଜଗାରକ୍ଷମ କରାଇବା ପାଇଁ ସରକାରଙ୍କ ପକ୍ଷରୁ ଗ୍ରହଣ କରାଯାଇଥିବା ପଦକ୍ଷେପ ସମ୍ପର୍କରେ ବିସ୍ତୃତ ଆଲୋଚନା କରିଥିଲେ। ଏଥିସହିତ ଟିପିଡବ୍ଲୁଓଡିଏଲ୍ ସହଯୋଗରେ ଶ୍ରଦ୍ଧା ଅନୁଷ୍ଠାନ ପକ୍ଷରୁ ସୁନ୍ଦରଗଡ ଜିଲ୍ଲା ବିଶ୍ରା ବ୍ଲକର ୧୪ଟି ପଚାଂୟତରେ ଭିନ୍ନକ୍ଷମଙ୍କ ସ୍ୱାସ୍ଥ୍ୟ ସେବା ପାଇଁ ତାଙ୍କ ଦ୍ୱାରକୁ ଥେରାପି ଅନ୍ ହୁଇଲ୍ସ ଦ୍ୱାରା ଚିକିତ୍ସା ସୁବିଧାକୁ ମୁଖ୍ୟ ଅତିଥି ତଥା ରାଜ୍ୟ ସରକାରଙ୍କ ଏସ୍‌ଏସ୍‌ଇପିଡି ଉପ-ସଚିବ ସନ୍ୟାଶାଇ କୁମାର ବେହେରା ପ୍ରଶଂସା କରିବା ସହ ଏହାକୁ ପୂର୍ଣ୍ଣ ସହଯୋଗ କରିବାକୁ ଏହି ଉଦ୍ଘାଟନୀ କାର୍ଯ୍ୟକ୍ରମରେ ପ୍ରକାଶ କରିଥିଲେ। ସୁନ୍ଦରଗଡ ଜିଲ୍ଲା ବିଶ୍ରା ବ୍ଲକର ୧୪ଟି ପଚାଂୟତର ସରପଚଂ ଏହି ଉଦ୍ଘାଟନୀ କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ। ଝିରପାଣି ପଚାଂୟତର ସରପଚଂ ଅଜିତ୍ ତିର୍କୀ, ବନ୍ଧମୁଣ୍ଡା ପଚାଂୟତର ସରପଚଂ ଶ୍ରୀମତୀ ଅନୀତା ତିର୍କୀ, ସରପଚଂ ଦୁଲାରୀ ଖାଖା ପ୍ରମୁଖ ଭିନ୍ନକ୍ଷମଙ୍କ ପାଇଁ ଉଦ୍ଦିଷ୍ଟ ସାମାଜିକ ଅନୁଷ୍ଠାନ ଶ୍ରଦ୍ଧା ପକ୍ଷରୁ ନିଆଯାଇଥିବା ବିଭିନ୍ନ ପଦକ୍ଷେପକୁ ପ୍ରଶଂସା କରିବା ସହିତ ପ୍ରଥମ କରି ବିଶ୍ରା ବ୍ଲକର ୧୪ଟି ପଚାଂୟତରେ ଥେରାପି ଅନ୍ ହୁଇଲ୍ସ ଦ୍ୱାରା ଭିନ୍ନକ୍ଷମମାନଙ୍କୁ ସ୍ୱାସ୍ଥ୍ୟ ସେବାକୁ ପ୍ରଶଂସା କରିଥିଲେ। ଶେଷରେ ଶ୍ରଦ୍ଧା ସାଧାରଣ ସମ୍ପାଦକ କାର୍ତ୍ତିକ ଚନ୍ଦ୍ର ପାଣ୍ଡବ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

ଝାଲ ମୁଢ଼ି ପେ ଚର୍ଚ୍ଚାରେ ବିଧାୟକ ଦୁର୍ଗା ଚରଣ ତନ୍ତୀ

ରାଉରକେଲା ,୮/୫(ନି/ପ୍ର): ଗୁରୁବାର ସନ୍ଧ୍ୟାରେ ରଘୁନାଥପଲ୍ଲୀ ବିଧାୟକ ତଥା ସୁନ୍ଦରଗଡ ଜିଲ୍ଲା ଯୋଜନା କମିଟିର ଅଧ୍ୟକ୍ଷ ଦୁର୍ଗା ଚରଣ ତନ୍ତୀଙ୍କ ଆହ୍ୱାନ କ୍ରମେ ରଘୁନାଥପଲ୍ଲୀ ବିଧାନସଭା ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ସେକ୍ଟର-୮ ମାର୍କେଟ ଠାରେ ନିର୍ବାଚନ ମଣ୍ଡଳୀର ଜନସାଧାରଣ ତଥା ଭାରତୀୟ ଜନତା ପାର୍ଟିର କାର୍ଯ୍ୟକର୍ତ୍ତାମାନଙ୍କ ସହିତ ଝାଲ୍ ମୁଢ଼ି ପେ ଚର୍ଚ୍ଚା ମାଧ୍ୟମରେ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ବିଭିନ୍ନ ଉନ୍ନତି ମୂଳକ କାର୍ଯ୍ୟ ଏବଂ ବିଭିନ୍ନ ସୁବିଧା ଅସୁବିଧା ବିଷୟରେ ଆଲୋଚନା କରାଯାଇଥିଲା । ଉପସ୍ଥିତ ଜନତା ସେମାନଙ୍କ ମତ ପ୍ରକାଶ କରିଥିଲେ ଓ ଆଗ୍ରହର ସହ ଚର୍ଚ୍ଚାରେ ଅଂଶ ଗ୍ରହଣ କରିଥିଲେ। ବିଧାୟକ ତାଙ୍କ ବକ୍ତବ୍ୟରେ ଚଳିତ ମାସ ୪ ତାରିଖରେ ପ୍ରକାଶିତ ୫ଟି ରାଜ୍ୟର ନ୍ର୍ବାଚନ ଫଳାଫଳକୁ ନେଇ ବିଜେପିର ଐତିହାସିକ ବିଜୟକୁ ସ୍ୱାଗତ କରିବା ସହିତ ଜନତାଙ୍କୁ ଅଶେଷ ଧନ୍ୟବାଦ ଜଣାଇ ଥିଲେ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଦୂରଦୃଷ୍ଟି ଓ ବିବିଧ ଜନହିତକାରୀ ଯୋଜନା ଉପରେ ଆଲୋକପାତ କରି ସମସ୍ତେ ଏହାର ସୁଯୋଗ ନେବା ପାଇଁ ଆହ୍ୱାନ ଦେଇଥିଲେ। ରଘୁନାଥପାଲ୍ଲୀ ନିର୍ବାଚନ କ୍ଷେତ୍ରରେ ଯାହାକିଛି ସମସ୍ୟା ରହିଛି ତାହା ତାଙ୍କ ଦୃଷ୍ଟିକୁ ଆଣିବା ପାଇଁ ସେ କହିଥିଲେ ଓ ଏହାର ସମାଧାନ କରିବାକୁ ପ୍ରୟାସ କରିବେ ବୋଲି ପ୍ରକାଶ କରିଥିଲେ । ବରିଷ୍ଠ ନେତା ତଥା ଜିଲ୍ଲା ମୁଖପାତ୍ର ଗଙ୍ଗାଧର ଦାଶ ଓ ଜିଲ୍ଲା ପ୍ରାକ୍ତନ ସମ୍ପାଦକ ଅଜୟ କଂସାରୀ ତାଙ୍କ ବକ୍ତବ୍ୟରେ ସମସ୍ତେ ନିର୍ବାଚନ ମଣ୍ଡଳୀର ଉନ୍ନତି ଓ ପ୍ରଗତିରେ ଅଂଶ ଗ୍ରହଣ କରିବାକୁ ଅନୁରୋଧ କରିଥିଲେ । ପ୍ରଧାନମନ୍ତ୍ରୀ ଆରମ୍ଭ କରିଥିବା ଚା ପେ ଚର୍ଚ୍ଚାରୁ ବଙ୍ଗ ନିର୍ବାଚନ ପ୍ରଚାର ସମୟରେ ଝାଲ ମୁଢ଼ି ଜଣେ ସାଧାରଣ ଦୋକାନି ଠାରୁ କିଣି ଖାଇଥିଲେ ତାହା ବହୁଳ ଭାବରେ ବେଙ୍ଗଲ ନିର୍ବାଚନରେ ପ୍ରଭାବ ପଡ଼ିଥିଲା । ଉକ୍ତ କାର୍ଯ୍ୟକ୍ରମରେ ଶତାଧିକ ସଂଖ୍ୟାରେ ଲୋକମାନେ ଉପସ୍ଥିତ ରହି ଏହି କାର୍ଯ୍ୟକ୍ରମକୁ ସଫଳ କରିଥିଲେ।

ନବମ ଓଡିଶା ଏନସିସି ବାଟାଲିୟନ ରାଉରକେଲା ଦ୍ୱାରା ମ୍ୟୁନିସିପାଲ ମହାବିଦ୍ୟାଳୟରେ ଅପେରସନ ସିନ୍ଦୁର ଏକ ବର୍ଷ ପୂର୍ତି ପାଳନ

ରାଉରକେଲା,୮/୫ (ନି/ପ୍ର): ଆଜି ମ୍ୟୁନିସିପାଲ ମହାବିଦ୍ୟାଳୟ ରାଉରକେଲା ଠାରେ ଅପେରସନ ସିନ୍ଦୁରର ଏକ ବର୍ଷ ପୂର୍ତି ଉପଲକ୍ଷେ ଏକ କାର୍ଯ୍ୟକ୍ରମ କରାଯାଇଥିଲା । ପ୍ରଥମେ ଜାତୀୟ ପତାକା ଉତୋଳନ କରାଯାଇ ଜାତୀୟ ସଂଗୀତ ଗାନ କରାଯାଇଥିଲା । ଏହି କାର୍ଯ୍ୟକ୍ରମ ରେ ମ୍ୟୁନିସିପାଲ ମହାବିଦ୍ୟାଳୟ, ସରକାରୀ ମହାବିଦ୍ୟାଳୟ, ଗାନ୍ଧୀ ମହାବିଦ୍ୟାଳୟ ଏବଂ ଇସ୍ପାତ ମହାବିଦ୍ୟାଳୟ ର ଏନ ସି ସି ଶିକ୍ଷାର୍ଥୀ ମାନେ ବହୁ ସଂଖ୍ୟା ରେ ଯୋଗ ଦେଇଥିଲେ ।ଏହି କାର୍ଯ୍ୟକ୍ରମ ରେ ମୁଖ୍ୟ ଅତିଥି ରୂପେ ମ୍ୟୁନିସିପାଲ କଲେଜ ର ପୂର୍ବତନ ଅଧକ୍ଷ ଡ଼କ୍ଟର ସନାତନ ପଧାନ ଯୋଗ ଦେଇ ଅପେରସନ ସିନ୍ଦୁର ଉପରେ ଆଲୋକ ପାତ କରିଥିଲେ । କଲେଜର ଅଦକ୍ଷ ପ୍ରଫେସର ହରିହର ଦାଶ ସ୍ୱାଗତ ଭାଷଣ ଦେଇଥିଲେ । ଅନ୍ୟ ତମ ଅତିଥି ମାନଙ୍କ ମଧ୍ୟରେ ମ୍ୟୁନିସିପାଲ କଲେଜର ପୂର୍ବତନ ଏନ ସି ସି ଅଫିସର କ୍ୟାପଟେନ ସତ୍ୟ ନାରାୟଣ ରାଉତ, ସୁବେଦାର ମେଜର ଅଙ୍ଗଦ ମାହାତୋ, ସୁବେଦାର ସୁଖବିନ୍ଦେର ସିଂହ, ହେମନ୍ତ କୁମାର ପୁହାଣ, ଦୀପ୍ତି ରଞ୍ଜନ ମହାନ୍ତି, ଶସକ୍କକ୍ଷତ୍ମ କ୍ୟାଡେଟ ସଭସ୍ୱସ୍ୱଙ୍କମସ୍ୱକ୍କ୍ୱ ଏବଂ ପି ଆଇ ଷ୍ଟାଫ ମାନେ ଯୋଗ ଦେଇଥିଲେ। ସୁବେଦାର ମେଜର ମଧ୍ଯ ଅପେରସନ ସିନ୍ଦୁର ଉପରେ ଆଲୋକପାତ କରିଥିଲେ ।ଶେଷରେ ଅପେରସନ ସିନ୍ଦୁର ଉପରେ ଲେଫ୍ଟନାଂଟ ସୁରଜ ତନ୍ତି ଙ୍କ ଦ୍ୱାରା ଏକ ୟକ୍ମଙ୍କଙ୍କରଭ-ସ୍ୱବକ୍ସ୍ୱଚ ଫିଲ୍ମ ନିର୍ମାଣ କରି ପଦର୍ଶିତ କରିଥିଲେ। ଶେଷରେ ଲେଫ୍ଟନାଂଟ ସୁରଜ ତନ୍ତି ଧନ୍ୟବାଦ ଅର୍ପଣ କରିଥିଲେ । ତାପରେ ସମସ୍ତଙ୍କ ଦ୍ୱାରା ଏନସିସି ଗୀତ ଗାନ କରା ଯାଇଥିଲା ଏବଂ ବିଭିନ୍ନ ସ୍ଲୋଗାନ ଦେଇ ଏହି ଉତ୍ସବର ପରିସମାପ୍ତି ହୋଇଥିଲା ।

ସେକ୍ଟର -୧ , କମ୍ୟୁନିଟ ସେଂଟର ଯୋଗ କେନ୍ଦ୍ରର ୮ମତମ ବାର୍ଷିକ ଉତ୍ସବ

ରାଉରକେଲା,୮/୫(ନି/ପ୍ର) :ସୁନ୍ଦରଗଡ଼ ଜିଲ୍ଲା ପତାଞ୍ଜଳି ଯୋଗ ପରିବାର ଦ୍ୱାରା ସଂଚାଳିତ ସେକ୍ଟର-୧ ସ୍ଥିତ କମ୍ୟୁନିଟ ସେଂଟର୍ ଯୋଗ କେନ୍ଦ୍ରର ଅଷ୍ଟମ ତମ ବାର୍ଷିକ ଉତ୍ସବ ବରିଷ୍ଠ ଯୋଗ ପ୍ରଶିକ୍ଷକ ଶ୍ରୀମତୀ ରଞ୍ଜିତା ପାଣିଗ୍ରାହୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିଲା । ପ୍ରାରମ୍ଭରେ ଶ୍ରୀ ଅଙ୍କୁର ମାର୍ଥଙ୍କ ପୌରହିତ୍ୟରେ ଓ ଯଜମାନ ରଞ୍ଜିତା ପାଣିଗ୍ରାହୀ ଓ ନିତମ୍ବିନୀ ସ୍ୱାଇଁଙ୍କ ଦ୍ୱାରା ଏଗାର କୁଣ୍ଡିୟ ଯଜ୍ଞ କରାଯାଇ ସମସ୍ତଙ୍କ ମଙ୍ଗଳ କାମନା କରାଯାଇ ଥିଲା । ଏହି କାର୍ଯ୍ୟକ୍ରମରେ ସହ ରାଜ୍ୟ ପ୍ରଭାରୀ ଅଙ୍କୁର ମାର୍ଥା ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଦୀପ ପ୍ରଜ୍ୱଳନ କରି ବୈଦିକ ରୀତି ଅନୁଯାୟୀ ଶୁଭାରମ୍ଭ କରିଥିଲେ । କାର୍ଯ୍ୟକ୍ରମର ଅଧକ୍ଷା ରଞ୍ଜିତା ପାଣିଗ୍ରାହୀ ତାଙ୍କ ସ୍ୱାଗତ ଭାଷଣରେ କେନ୍ଦ୍ରର ବିବିଧ କାର୍ଯ୍ୟକ୍ରମ ଓ ଅଷ୍ଟାଙ୍ଗ ଯୋଗ ଉପରେ ଆଲୋକ ପାତ କରିଥିଲେ । ଭାରତ ସ୍ୱାଭିମାନ ନ୍ୟାସର ସହ ରାଜ୍ୟ ପ୍ରଭାରୀ ଶ୍ରୀ ଅଙ୍କୁର ମାର୍ଥା ତାଙ୍କ ଅଭିଭାଷଣରେ ଯୋଗର ଆବଶ୍ୟକତା ଓ ଏହାଦ୍ୱାରା ବ୍ୟକ୍ତି ,ସମାଜ ଓ ଦେଶର ଆର୍ଥିକ ପ୍ରଗତିରେ ଯୋଗର ଅବଦାନ ଉପରେ ମତବ୍ୟକ୍ତ କରିଥିଲେ । ବିଶେଷ ଭାବରେ ରାଉରକେଲା ଇସ୍ପାତ କାରଖାନା ତରଫରୁ ସମସ୍ତ କମ୍ୟୁନିଟ ସେଂଟର ଗୁଡିକରେ ଯୋଗକେନ୍ଦ୍ର ପାଇଁ ସ୍ଥାନ ଦେଇଥିବାରୁ ତାର ଭୂୟସୀ ପ୍ରଶଂସା କରିବା ସହିତ ଯୋଗକୁ ବିଶ୍ୱ ଦରବାରରେ ପ୍ରଚାର ପ୍ରସାରରେ ପରମ ପୂଜ୍ୟ ସ୍ୱାମୀଜୀ ରାମଦେବ ମହାରାଜାଙ୍କ ଭୂମିକାକୁ ପ୍ରଶଂସା କରିଥିଲେ । ଜିଲ୍ଲା ମହିଳା ପ୍ରଭାରୀ ତଥା ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟା ନୀତମ୍ବିନି ସ୍ୱାଇଁ, ଜିଲ୍ଲା ବି ଏସ ଟି ପ୍ରଭାରୀ ନରେନ୍ଦ୍ର ବେହେରା, ଚଣଝ ଜିଲ୍ଲା ପ୍ରଭାରୀ ପ୍ରଦୀପ୍ତ ସାହୁ, ଜିଲ୍ଲା ମିଡିଆ ପ୍ରଭାରୀ ଗଂଗାଧର ଦାଶ, ,ଜିଲ୍ଲା ସୋସିଆଲ ମିଡିଆ ପ୍ରଭାରୀ ଆରତୀ କର ତାଙ୍କ ଅଭି ଭାଷଣରେ ଯୋଗ ସୁସ୍ଥ ଓ ନିରୋଗ ଜୀବନ ପାଇଁ ବିନା ଅର୍ଥରେ ଏକମାତ୍ର ମାର୍ଗ ବୋଲି ମତ ପୋଷଣ କରିଥିଲେ ।

ଦ୍ୱିତୀୟ ଦିନରେ 'ଶୁଣ ସୁଜନେ' ନାଟକ ମଚଂସ୍ଥ

ରାଉରକେଲା, ୮/୫: ପ୍ରୟାସ ନାଟ୍ୟାନୁଷ୍ଠାନ ପକ୍ଷରୁ ବହୁଭାଷୀ ନାଟ୍ୟ ମହୋତ୍ସବ-୨୦୨୬ର ଆଜି ଦ୍ୱିତୀୟ ଦିନରେ ନାଟକ 'ଶୁଣ ସୁଜନେ' ଅନୁଷ୍ଠିତ ହୋଇଯାଇଛି। ଆଜିର ଦ୍ୱିତୀୟ ଦିନର ମୁଖ୍ୟ ଅତିଥି ଭାବେ ଦୀପିକା ମହିଳା ସଂହତିର ଉପାଧକ୍ଷା ଡକ୍ଟର ପ୍ରତିଜ୍ଞା ପଲେଇ ଏବଂ ରାଉରକେଲା ଇସ୍ପାତ କାରଖାନାର ପୂର୍ବତନ ସହର ସେବା ମୁଖ୍ୟ ପ୍ରତାପ କୁମାର ସ୍ୱାଇଁ ସମ୍ମାନିତ ଅତିଥି ରୂପେ ଯୋଗ ଦେଇଥିଲେ। ନାଟ୍ୟ ନିର୍ଦ୍ଦେଶକ ତଥା ସୁସଙ୍ଗଠକ ଶରତ କୁମାର ଦାସଙ୍କୁ ପ୍ରଥମ "ଚିନ୍ତା- ପ୍ରତିମା ନାଟ୍ୟବନ୍ଧୁ ସମ୍ମାନ" ପ୍ରଦାନ କରାଯାଇଥିଲା। ମୁଖ୍ୟ ଅତିଥି ତଥା ଦୀପିକା ମହିଳା ସଂହତିର ଉପାଧକ୍ଷା ପ୍ରତିଜ୍ଞା ପଲେଇ ତାଙ୍କ ବକ୍ତବ୍ୟରେ ପ୍ରୟାସ ନାଟ୍ୟାନୁଷ୍ଠାନକୁ ଏଭଳି ନାଟ୍ୟ ମହୋତ୍ସବ ପାଇଁ ପ୍ରଶଂସା କରିଥିଲେ। ଭୁବନେଶ୍ୱରର ଡାଇନାମିକ ଥିଏଟର ନାଟ୍ୟକାର ବିଶ୍ୱଜିତ ଦାସଙ୍କ ନାଟକ "ଶୁଣ ସୁଜନେ" ମଚଂସ୍ଥ ହୋଇଥିଲା। ଏହି ନାଟକର ସାରମର୍ମ ହେଉଛି, ସମାଜର ସବୁ ମଣିଷ ସମାନ ନୁହଁନ୍ତି। କିଛି ମୁଖାପିନ୍ଧା ମଣିଷ ମଧ୍ୟ ଅଛନ୍ତି , ଯେଉଁମାନେ ନିଜର ଅସଲ ସଇତାନ ରୂପକୁ ଭଦ୍ରଲୋକର ବେଶ ପୋଷାକ ମଧ୍ୟରେ ଲୁଚେଇ ରଖନ୍ତି। ପୁଣି ବେଳେବେଳେ ଦେଖାଯାଏ , ରକ୍ଷ, କଠୋର , ଗୁଣ୍ଡା ଭଳି ଦିଶୁଥିବା ଲୋକଟା ବାସ୍ତବରେ ଖାଟିଂ ମଣିଷପଣିଆର ଅଧିକାରୀ ହୋଇଥାଏ । ଏହି ନାଟକ "ଶୁଣ ସୁଜନେ"ରେ ଆମେ ଏମିତି କେତେଜଣ ଚରିତ୍ରଙ୍କୁ ଭେଟିବାର ସୁଯୋଗ ପାଇଥାଉଁ। ହାସ୍ୟରସ ମାଧ୍ୟମରେ ଏକ ଦର୍ଶନର ଉପସ୍ଥାପନ କରି ନାଟ୍ୟକାର ଆମକୁ ଚମତ୍କୃତ କରନ୍ତି। ଆଜିର ନାଟକ 'ଶୁଣ ସୁଜନେ'ରେ ଅଭିନୟ କରିଥିଲେ ନବୀନ କୁମାର ପରିଡା, ସୌମ୍ୟଶୋଭନ ନାୟକ, ଭକ୍ତିରଞ୍ଜନ ଦାସ, ହିମାଂଶୁ ବେହେରା, ସ୍ମୃତିଶ୍ରଦ୍ଧା ବିଶ୍ୱାଳ, ସିଦ୍ଧାନ୍ତ ବଳିୟାରସିଂହ, ଦେବବ୍ରତ ପଟ୍ଟନାୟକ। ଶୁଣ ସୁଜନେ ନାଟକର ସହଯୋଗୀ ନିର୍ଦ୍ଦେଶକ ହିମାଂଶୁ ବେହେରା ଥିଲାବେଳେ ମଚଂ ପରିଚାଳନା କରିଥିଲେ ସ୍ମୃତିଶ୍ରଦ୍ଧା ବିଶ୍ୱାଳ ଏବଂ ସିଦ୍ଧାନ୍ତ ବଳିୟାରସିଂହ। ମଁସଜ୍ଜାରେ ଫ୍ରଙ୍କ୍ଲାଦନ୍ନ ସାହୁ। ସଂଗୀତରେ ଶକ୍ତି ପ୍ରସାଦ ମିଶ୍ର, ଆଲୋକରେ ଅଭିଜିତ ବିଶ୍ୱାଳ ଏବଂ ରୂପସଜ୍ଜାରେ ମାନସ ପ୍ରଧାନ ସହଯୋଗ କରିଥିଲେ। ଯୁବ ନିର୍ଦ୍ଦେଶକ ଦେବବ୍ରତ ପଟ୍ଟନାୟକ 'ଶୁଣ ସୁଜନେ' ନାଟକର ନିର୍ଦ୍ଦେଶନା ଦେଇଥିଲେ।

ଜଳ ସଂରକ୍ଷଣ ପାଇଁ ପଥପ୍ରାନ୍ତ ନାଟକ

କେନ୍ଦ୍ରାପଡ଼ା,୮/୫(ନି/ପ୍ର) : ଭୂତଳ ଜଳ ଉନ୍ନୟନ ନିର୍ଦ୍ଦେଶାଳୟ ଓଡ଼ିଶା ଦ୍ୱାରା ଆୟୋଜିତ ଛାତ ଉପରେ ଜଳ ସଂରକ୍ଷଣ କରିବା ପାଇଁ ବିଭିନ୍ନ ଯୋଜନା କରାଯାଉଛି। ଓଡ଼ିଶା ସରକାରଙ୍କ ଜଳସମ୍ପଦ ବିଭାଗ ଦ୍ୱାରା ଛାତ ଯୋଜନା ଉପରେ ଆଧାରିତ ସଚେତନତା ମୂଳକ ପଥପ୍ରାନ୍ତ ନାଟକ ଜଳ ଅଛି ତ କାଲି ଅଛି ପଥପ୍ରାନ୍ତ ନାଟକ ବିଭିନ୍ନ ସ୍ଥାନରେ ଅନୁଷ୍ଠିତ ହେଉଛି।ପଥପ୍ରାନ୍ତ ନାଟକ ଦ୍ୱାରା ଜଳକୁ ସଂରକ୍ଷଣ କରିବା ସହିତ ଛାତ ଉପରେ ବର୍ଷା ଜଳ ଅମଳ ଓ ଭୂତଳ ଜଳ ପୂର୍ଣ୍ଣଭରଣ ପାଇଁ ଜନସାଧାରଣଙ୍କୁ ସଚେତନତା କରି ଜଳକୁ ସଂରକ୍ଷଣ କରିବା ପାଇଁ ଜନସାଧାରଣଙ୍କୁ ସଚେତନ କରାଯାଉଛି।

ଜିଲ୍ଲାର ସମସ୍ତ ଯୋଗ୍ୟ ହିତାଧିକାରୀ ମାନଙ୍କୁ ମୁଖ୍ୟମନ୍ତ୍ରୀ ଅନ୍ନପୂର୍ଣ୍ଣା ଯୋଜନାରେ ନିଶ୍ଚିତ ଭାବେ ସାମିଲ କରାଯିବ : ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର

ବୌଦ୍ଧ, ୮/୫(ନି/ପ୍ର): ୨୦୧୧ ଜନଗଣନା ଅନୁଯାଇ ବୌଦ୍ଧ ଜିଲା ଜନସଂଖ୍ୟା ୪ ଲକ୍ଷ ୪୧ ହଜାର ହୋଇଥିବା ବେଳେ ସେଥିମଧ୍ୟରୁ ୩ ଲକ୍ଷ ୬୧ ହଜାର ଜଣ ହିତାଧିକାରୀଙ୍କୁ ସରକାରଙ୍କ ବିଭିନ୍ନ ଯୋଜନାରେ ବିନା ମୂଲ୍ୟରେ ଖାଦ୍ୟାନ୍ନ ଯୋଗାଇ ଦିଆଯାଉଛି । ଅନ୍ୟପକ୍ଷରେ ଆହୁରି ସହସ୍ରାଧିକ ହିତାଧିକାରୀ ମାଗଣା ଖାଦ୍ୟାନ୍ନ ପାଇବାକୁ ଅପେକ୍ଷା କରିଛନ୍ତି । ଓଡ଼ିଶା ସରକାରଙ୍କ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ, ବିଜ୍ଞାନ ଓ ପ୍ରଯୁକ୍ତିବିଦ୍ୟା ବିଭାଗ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ଦିନିକିଆ ବୌଦ୍ଧ ଜିଲ୍ଲା ଗସ୍ତରେ ଆସି ବିଭିନ୍ନ କାର୍ଯ୍ୟକ୍ରମରେ ଯୋଗଦେଇଥିଲେ । ଏହି ଅବସରରେ ସେ ନୂତନ ବୈଧ ମାପ ବିଜ୍ଞାନ କାର୍ଯ୍ୟାଳୟର ଉଦ୍‌ଘାଟନ କରିଥିଲେ । ଜିଲାପାଳଙ୍କ କାର୍ଯ୍ୟାଳୟ ସଭାବନା ସଭା ଗୃହରେ ଆୟୋଜିତ କାର୍ଯ୍ୟକ୍ରମରେ ମନ୍ତ୍ରୀ ଶ୍ରୀ ପାତ୍ର ଯୋଗଦେଇ ନୂତନ ହିତାଧିକାରୀ ମାନଙ୍କୁ ଖାଉଟି କାର୍ଡ ବଂଟନ କରିଥିଲେ । ଏହାସହ ଜିଲ୍ଲା ଯୋଗାଣ ବିଭାଗର କାର୍ଯ୍ୟ ସମୀକ୍ଷା ବୈଠକରେ ଯୋଗଦେଇ ଖାଦ୍ୟ ସୁରକ୍ଷା ଯୋଜନାର ସଠିକ୍ କାର୍ଯ୍ୟାନ୍ୱୟନ, ହିତାଧିକାରୀମାନଙ୍କୁ ଠିକ୍ ସମୟରେ ଖାଉଟି ସାମଗ୍ରୀ ବଂଟନ ଓ ପାରଦର୍ଶିତାର ସହ କାର୍ଯ୍ୟ କରିବାକୁ ଅଧିକାରୀମାନଙ୍କୁ ପରାମର୍ଶ ଦେଇଥିଲେ । ସମୀକ୍ଷା ସମୟରେ ଦିଆଯାଇଥିବା ତଥ୍ୟ ପ୍ରକାରେ ଜିଲ୍ଲାରେ ୨୦୨୫-୨୬ ବର୍ଷ ପାଇଁ ଖରିଫ ଋତୁରେ ୪୪,୮୯୮ ଜଣ ଚାଷୀଙ୍କ ଠାରୁ ୬୨ ଟି ମଣ୍ଡି ଦ୍ୱାରା ୨୦,୭୨,୯୫୫ କୁଇଂଟାଲ ଧାନ କ୍ରୟ ହୋଇଛି । ଯାହକି ଧାର୍ଯ୍ୟ ଲକ୍ଷର ୯୯.୮୫% ।ମନ୍ତ୍ରୀ ଏଥିପାଇଁ ଜିଲ୍ଲା ପ୍ରଶାସନକୁ ଧନ୍ୟବାଦ ଜଣାଇଥିଲେ । ଚଳିତ ରବିଋତୁ ପାଇଁ ୮,୨୯୦ ଜଣ ଚାଷୀ ୨୪ ଟି ମଣ୍ଡିରେ ଧାନ ବିକ୍ରୟ ପାଇଁ ପଞ୍ଜୀକୃତ ହୋଇଛନ୍ତି । ଜିଲ୍ଲାରେ କେନ୍ଦ୍ରୀୟ ଖାଦ୍ୟ ସୁରକ୍ଷା ଯୋଜନାରେ ପି ଏଚ ଏଚ ବର୍ଗରେ ୯୪,୫୪୨ଟି ପରିବାରର ପ୍ରତ୍ୟେକ ହିତାଧିକାରୀଙ୍କୁ ମାସିକ ୫ କିଲୋ ଚାଉଳ ଏବଂ ଅନ୍ତୋଦୟ ଅନ୍ନ ଯୋଜନାରେ ୧୬,୨୩୫ ଟି ପରିବାରଙ୍କୁ ମାସିକ ୩୫ କିଲୋ ଚାଉଳ ଦିଆଯାଉଛି । ସେହିପରି ରାଜ୍ୟ ଯୋଜନାରେ ୩,୩୬୭ ଟି ପରିବାର ଏବଂ ମୁଖ୍ୟମନ୍ତ୍ରୀ ଅନ୍ନପୂର୍ଣ୍ଣା ଯୋଜରେ ପ୍ରତି ହିତାଧିକାରୀଙ୍କୁ ୧୧୪୧୪୪ ଟି କାର୍ଡରେ ମାସିକ ୫ କିଲୋ ଚାଉଳ ବିନା ମୂଲ୍ୟରେ ଯୋଗାଇ ଦିଆଯାଉଛି। ଜିଲ୍ଲାର ସର୍ବମୋଟ ୩,୬୧,୩୭୪ ଜଣ ହିତାଧିକାରୀଙ୍କୁ ବିଭିନ୍ନ ଯୋଜନାରେ ବିନା ମୂଲ୍ୟରେ ଖାଦ୍ୟାନ୍ନ ଯୋଗାଇ ଦିଆଯାଉଛି । ଜିଲ୍ଲାର ୯୭% ଖାଉଟି ହିତାଧିକାରୀଙ୍କ ଇ- କେ.ୱାଇ.ସି ଭେରିଫିକେଶନ ସମ୍ପୂର୍ଣ୍ଣ ହୋଇଛି । ଜିଲ୍ଲାରେ ଆଜିର ଦିନରେ ବିଭିନ୍ନ ବିତରଣ କମ୍ପାନୀ ପାଖରେ ଘରୋଇ ଜାଳେଣୀ ଗ୍ୟାସ ସିଲିଣ୍ଡର ୧,୬୧୭ ଟି ବ୍ୟବସାୟୀକ ୮୨ ଟି ଏବଂ ୫ କିଲୋ ସିଲିଣ୍ଡର ୧୨୬ଟି ମହଜୁଦ ଅଛି । ସେହିପରି ଜିଲ୍ଲାର ୨୮ ଟି ତୈଳ ବିତରଣକାରୀ କେନ୍ଦ୍ର ମାନଙ୍କରେ ପର୍ଯ୍ୟାପ୍ତ ପରିମାଣରେ ଡିଜେଲ, ପେଟ୍ରୋଲ ମହଜୁଦ ଅଛି । ଏହାପରେ ମନ୍ତ୍ରୀ ଜିଲ୍ଲାର କୃଷି ଏବଂ ଉଦ୍ୟାନ କୃଷି ବିଭାଗର କାର୍ଯ୍ୟାବଳୀର ସମୀକ୍ଷା କରି ଇଂଟିଗ୍ରେଟେଡ ଫାର୍ମିଂ ଦ୍ୱାରା କୃଷକ ମାନଙ୍କୁ ସମୃଦ୍ଧ କରିବା ପାଇଁ ପରାମର୍ଶ ଦେଇଥିଲେ । ଏହି କାର୍ଯ୍ୟକ୍ରମରେ ବୌଦ୍ଧ ଜିଲ୍ଲାପାଳ ବିଭୁତି ଭୂଷଣ ନାୟକ, ଅତିରିକ୍ତ ଜିଲ୍ଲାପାଳ ଅନିରୁଦ୍ଧ ପ୍ରଧାନ, ଉପ-ଜିଲ୍ଲାପାଳ ବିନୟ କୁମାର ଭୋଇ, ଜିଲ୍ଲା ଯୋଗାଣ ଅଧିକାରୀ ଶ୍ରୀନାଥ ହାଁସଦା, ସ୍ଥାନୀୟ ଜନପ୍ରତିନିଧି, ଜିଲ୍ଲା ପ୍ରଶାସନର ବିଭିନ୍ନ ଅଧିକାରୀଗଣ, ଯୋଗାଣ ବିଭାଗର କର୍ମଚାରୀ ଓ ବହୁ ସଂଖ୍ୟକ ହିତାଧିକାରୀ ଉପସ୍ଥିତ ଥିଲେ। ଶେଷରେ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ବିଦ୍ୟାପତି ପଣ୍ଡା ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମରେ ଜିଲ୍ଲାର ବିଭିନ୍ନ ଗଣମାଧ୍ୟମ ପ୍ରତିନିଧି ଅଂଶଗ୍ରହଣ କରିଥିଲେ ।

ସେଲ୍, ଆରଏସପି ଦ୍ୱାରା ୨୦୨୫-୨୬ ଆର୍ଥିକ ବର୍ଷରେ ପ୍ରଭାବଶାଳୀ ଟେକ୍ନୋ-ଅର୍ଥନୈତିକ ମାଇଲଖୁଟଂ ହାସଲ



ରାଉରକେଲା,୮/୫(ନି/ପ୍ର): ଭାରତୀୟ ଇସ୍ପାତ ପ୍ରାଧିକରଣ ଲିମିଟେଡ୍ (ସେଲ)ର ଏକ ପ୍ରମୁଖ ୟୁନିଟ୍, ରାଉରକେଲା ଇସ୍ପାତ କାରଖାନା (ଆରଏସପି), ସଦ୍ୟ ସମାପ୍ତ ୨୦୨୫-୨୬ ଆର୍ଥିକ ବର୍ଷରେ ଟେକ୍ନୋ-ଅର୍ଥନୈତିକ ମାନଦଣ୍ଡରେ ଏକ ପ୍ରଭାବଶାଳୀ ରେକର୍ଡ ହାସଲ କରିଛି। ଏହି ସଫଳତା କାରଖାନାର କାର୍ଯ୍ୟ ଉତ୍କର୍ଷ ଏବଂ ସମ୍ବଳ ନିପୁଣତା ପ୍ରତି ନିରନ୍ତର ପ୍ରତିବଦ୍ଧତାକୁ ପ୍ରତିଫଳିତ କରୁଛି। ଉଲ୍ଲେଖ ଯୋଗ୍ୟ ଯେ, କାରଖାନା ଏହାର ବ୍ଲାଷ୍ଟ ଫର୍ଣ୍ଣେସ୍ କାର୍ଯ୍ୟରେ ସର୍ବୋନ୍ନମ ଟେକ୍ନୋ-ଅର୍ଥନୈତିକ ଦକ୍ଷତା ହାସଲ କରିଛି। ବ୍ଲାଷ୍ଟ ଫର୍ଣ୍ଣେସ୍-୫ ଏବଂ ବ୍ଲାଷ୍ଟ ଫର୍ଣ୍ଣେସ୍ ସମୁଚୟ ରେ କୋକ୍ ହାର ଯଥାକ୍ରମେ ଉନ୍ନପ୍ତ ଧାତୁ ଟନ ପିଛା ୩୬୯ କିଲୋଗ୍ରାମ ଏବଂ ୩୮୬ କିଲୋଗ୍ରାମ ଥିଲା, ଯାହା ଦ୍ୱାରା ପୂର୍ବ ସର୍ବୋତମ ସଂଖ୍ୟା ୩୭୧ କିଲୋଗ୍ରାମ ଏବଂ ୩୯୧ କିଲୋଗ୍ରାମ କୁ ସଫଳତାର ସହିତ ଅତିକ୍ରମ କରିଛି। ସେହିପରି, ଉତ୍ପାଦକତା ମାପଦଣ୍ଡ ମଧ୍ୟ ଉଲ୍ଲେଖନୀୟ ଉନ୍ନତି ହାସଲ କରିଛି, ବ୍ଲାଷ୍ଟ ଫର୍ଣ୍ଣେସ୍ -୧ ଏବଂ ବ୍ଲାଷ୍ଟ ଫର୍ଣ୍ଣେସ୍ -୫ ସର୍ବକାଳୀନ ସର୍ବୋନ୍ନମ ଉତ୍ପାଦନ ରେକର୍ଡ ଦୈନିକ ଯଥାକ୍ରମେ ୨.୦୧ ଟନ୍ ପ୍ରତି ଘନମିଟର ଏବଂ ୨.୬୫ ଟନ୍ ପ୍ରତି ଘନମିଟର ହାସଲ କରିଛି, ଯାହା ପୂର୍ବ ବର୍ଷର ରେକର୍ଡ ଦୈନିକ ୧.୮୯ ଘନମିଟର ଏବଂ ୨.୫୭ ଟନ୍ ପ୍ରତି ଘନମିଟର ତୁଳନାରେ ଯଥେଷ୍ଟ ଉନ୍ନତ । ଉଲ୍ଲେଖନୀୟ ଯେ, ସମୁଚୟ ବ୍ଲାଷ୍ଟ ଫର୍ଣ୍ଣେସ୍ ସମ୍ବ ର ଉତ୍ପାଦକତା ସର୍ବକାଳୀନ ସର୍ବୋନ୍ନମ ଦୈନିକ ୨.୪୬ ଟନ୍ ପ୍ରତି ଘନମିଟର ହାସଲ କରିଛି, ଯାହା କାରଖାନା ସ୍ଥାପନା ପରବର୍ତ୍ତୀ ସର୍ବୋତମ ଅଟେ । ଅନୁରୂପ ଭାବେ, ସମ୍ବଳ ପରିଚାଳନା ରଣନୀତିଗୁଡ଼ିକ ମଧ୍ୟ ଗୁରୁତ୍ୱପୂର୍ଣ୍ଣ ଫଳାଫଳ ପ୍ରଦାନ କରିଛି, କୋଇଲା-ରୁ-ଉନ୍ନପ୍ତ ଧାତୁ ଅନୁପାତ ୦.୮୮୩ କୁ ଉନ୍ନତ ହୋଇଛି, ଯାହା ପୂର୍ବ ସର୍ବୋତମ ୦.୮୯୬ କୁ ଅତିକ୍ରମ କରିଛି। ଷ୍ଟିଲ ମେଲ୍ଟିଂ ସମ୍ବ-୨ (ଏସଏମଏସ-୨) ରେ ମଧ୍ୟ, ସମୁଦାୟ ଧାତୁ ବ୍ୟବହାର କ୍ଷେତ୍ରରେ ପ୍ଲାଂଟ ପୂର୍ବ ସର୍ବୋତମ ଟନ୍ ପିଛା ୧,୧୦୩ କିଲୋଗ୍ରାମ ଧାତବ ବ୍ୟବହାର କୁ କମ କରି ଟନ ପିଛା ୧,୦୯୯ କିଲୋଗ୍ରାମର ରେକର୍ଡ ହାସଲ କରିଛି । ଏହା ବ୍ୟତୀତ, କାରଖାନା ପ୍ରତି ଟନ୍ ବିକ୍ରୟଯୋଗ୍ୟ ଇସ୍ପାତ ପାଇଁ ପ୍ରତି ଘ[। ୪୩୮ କିଲୋୱାଟ୍ ଘଟାଂ ଶକ୍ତି ବ୍ୟୟ କରି ପୂର୍ବ ରେକର୍ଡ କୁ ଅତିକ୍ରମ କରି ପାରିଛି, ଅଧିକନ୍ତୁ ଅଶୋଧିତ ଇସ୍ପାତ ଉତ୍ପାଦନ ପିଛା ଜଳ ବ୍ୟବହାରରେ ଉଲ୍ଲେଖନୀୟ ଉନ୍ନତି ଅଣି କାରଖାନା ଅଭୁତପୂର୍ବ ସଫଳତା ହାସଲ କରିଛି । ଏହା ପୂର୍ବ ରେକର୍ଡ ପରିମାଣ ୨.୯୭ ଘନମିଟର ରୁ ହ୍ରାସ ପାଇ ୨.୯୪ ଘନମିଟର ରେ ପହଚିଂଛି । ଏହି ଉଲ୍ଲେଖନୀୟ ସଫଳତା କାରଖାନାର ସ୍ଥାୟୀ ଅଭିବୃଦ୍ଧି ଏବଂ ସାମଗ୍ରିକ ଉତ୍ପାଦକତା ବୃଦ୍ଧି ଉପରେ ରଣନୈତିକ ଧ୍ୟାନକୁ ସ୍ପଷ୍ଟ କରୁଛି ।